# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 10/2025 | Page 14 | ₹ 7.00

୫୧ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 286 | ମୂଲ୍ୟ₹୭/-




**‘ବ୍ୟାଟଲ୍ ଅଫ୍ ଗଲ୍ୱାନ’: ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍**

‘ବ୍ୟାଟଲ୍ ଅଫ୍ ଗଲ୍ୱାନ୍’ ଫିଲ୍ମରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଲୁକ୍ ଉପରୁ ମଙ୍ଗଳବାର ପରଦା ଉଠିଛି।

୦୫

୧୪


**ନିଖତ କ୍ୱାର୍ଟର ଫାଇନାଲରେ**

ଭାରତର ନିଖତ ଜରିନ ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



# ରାଧାକ୍ରିଷ୍ଣନ୍ ୧୫ତମ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯



ସି.ପି. ରାଧାକ୍ରିଷ୍ଣନ

ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ବିଜୟୀ ହୋଇଛନ୍ତି। ତାଙ୍କୁ ୪୫୨ ଭୋଟ ମିଳିଥିବାବେଳେ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ ଭୋଟ ମିଳିଥିବା ରିଟର୍ନିଂ ଅଫିସର ତଥା ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଘୋଷଣା କରିଛନ୍ତି। ଭୋଟ ଟାଲିକୁ ଦେଖିଲେ କେତେଜଣ ବିରୋଧୀ ଦଳ ଏମ୍‌ପି ରାଧାକ୍ରିଷ୍ଣନଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡୁଛି। ଅନ୍ୟୂନ ୧୫ ଜଣ ବିରୋଧୀ ଦଳ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭାଜପାର କେତେଜଣ ନେତା ଦାବି କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

**ଆସିପାରେ ୪ରୁ ଅଧିକ ପ୍ରସ୍ତାବ**

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସାଢ଼େ ୫ଟାରେ ଅନୁଷ୍ଠିତ ହେବାକୁଥିବା ଏହି କ୍ୟାବିନେଟ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଭଳି ୪ଟି ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯିବାକୁ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ବିକାଶକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାକୁ ନେଇ ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ରୋଧର ଶିକାର**

**ନେପାଳରେ ଅରାଜକତା**

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେଲେ

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋମବାର ଅନେକ ହଜାର ଯୁବ ଛାତ୍ର ବିକ୍ଷୋଭରେ ସାମିଲ ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସ୍କୁଲ ପିଲା ରହିଛନ୍ତି। ଏପରି କି ସୁରକ୍ଷା ଯବାନମାନେ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସିତ ହେଉଥିବା ଆହତମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଦୁର୍ନୀତି ବିରୋଧରେ କହିବାରୁ ମହିଳା ଓ ଝିଅମାନଙ୍କୁ ସେମାନଙ୍କ ଘରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଆନ୍ଦୋଳନକାରୀଙ୍କୁ ଆହୁରି କ୍ରୋଧିତ କରିଥିଲା। ସ୍ଥିତି ସୁଧାରିବାକୁ ଯାଇ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋମବାର ବିଳମ୍ବିତ ରାତିରେ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇନାହିଁ। ମଙ୍ଗଳବାର ଆନ୍ଦୋଳନ ଆହୁରି ବ୍ୟାପକ ହେବା ସହ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ପାର୍ଲାମେଣ୍ଟ ଭବନ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ମଧ୍ୟ ଜାଳି ଦେଇଛନ୍ତି। ଦେଶରେ ରାଜନୈତିକ ଅଚଳାବସ୍ଥା ଦେଖାଦେଇଥିବାବେଳେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି। ବ୍ୟାପକ ଆନ୍ଦୋଳନ ନେପାଳକୁ ଦୋହଲାଇ ଦେଇଛି। ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଥିବା ଏକ ବିବୃତିରେ କହିଛି। ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ମଙ୍ଗଳବାର ମିଳିତ ଭାବେ ନିବେଦନ କରିଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।




କାଠମାଣ୍ଡୁରେ ସରକାର ବିରୋଧୀ ଆନ୍ଦୋଳନବେଳେ ଜଣେ ବିକ୍ଷୋଭକାରୀ ପୋଲିସ ଜ୍ୟାକେଟ୍ ପିନ୍ଧି ସ୍ଲୋଗାନ ଦେଉଛନ୍ତି।

- **ଇସ୍ତଫା ଦେଲେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**
- **ପାର୍ଲାମେଣ୍ଟ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ପୋଡ଼ିଦେଲେ**
- **ଅର୍ଥମନ୍ତ୍ରୀ, ସଚିବଙ୍କୁ ଗୋଡ଼ାଇ ପିଟିଲେ ବିକ୍ଷୋଭକାରୀ**

କାଠମାଣ୍ଡୁ,୯।୯(ପି.ଟି./ଏଜେନ୍ସି)

୨୦୦୧ ଜୁନ୍ ୧ରେ କାଠମାଣ୍ଡୁସ୍ଥିତ ନେପାଳ ରାଜପ୍ରାସାଦରେ ତତ୍କାଳୀନ ରାଜା ବୀରେନ୍ଦ୍ର ବୀର ବିକ୍ରମ ଶାହା ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ସମେତ ରାଜପରିବାରର ୯ ଜଣଙ୍କୁ ରାଜକୁମାର ଦୀପେନ୍ଦ୍ର ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ଏହା ପରେ ବୀରେନ୍ଦ୍ରଙ୍କ ସାନଭାଇ ଜ୍ଞାନେନ୍ଦ୍ରଙ୍କ ରାଜ୍ୟାଭିଷେକ କରାଯାଇଥିଲା। ତେବେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଲଗାତର ଆନ୍ଦୋଳନ ପରେ ୨୦୦୮ରେ ୨୩୯ ବର୍ଷ ପୁରୁଣା ନେପାଳ ରାଜତନ୍ତ୍ରକୁ ଉଚ୍ଛେଦ କରାଯାଇଥିଲା। ସେବେଠୁ ଦେଶରେ ବିଭିନ୍ନ ଦଳର ୧୪ ସରକାର ଗଠିତ ହୋଇଥିଲେ ମଧ୍ୟ କାହା ଶାସନ ଟିକ୍ପିପାରିନାହିଁ। ୨୦୨୪ ଜୁଲାଇରେ ଖଡ୍ଗ ପ୍ରସାଦ ଶର୍ମା ଓଲି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରଠୁ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ଦେଶ ଭ୍ରଷ୍ଟାଚାର ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ଥର ଆନ୍ଦୋଳନ ମୁଣ୍ଡ ଟେକିଛି। ଇତିମଧ୍ୟରେ ଗତ ୪ ତାରିଖରେ ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏମ୍ଏଲ୍)-ନେପାଳୀ କଂଗ୍ରେସ ମେଣ୍ଟ ସରକାର ଦେଶରେ ଫେସ୍‌ବୁକ୍, ☞ପୃଷ୍ଠା-୪


ODISHA INDIA'S BEST KEPT SECRET.

DSPL-251



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଶୁଭାରମ୍ଭ**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଓଡ଼ିଶା ସରକାର

**“ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା”**

ଟ୍ରେନ୍

ଏହି ତୀର୍ଥଯାତ୍ରାରେ ୫ ଗୋଟି ପ୍ରାରମ୍ଭ ଷ୍ଟେସନରୁ ୧୦ ଗୋଟି ତୀର୍ଥଯାତ୍ରା ଟ୍ରେନ୍ ନିର୍ଦ୍ଧାରିତ ତୀର୍ଥସ୍ଥଳୀକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଯାତ୍ରା କରିବେ।
ପ୍ରତ୍ୟେକ ତୀର୍ଥଯାତ୍ରା ଟ୍ରେନ୍‌ରେ ୮୦୦ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବାର ସୁବିଧା ରହିଅଛି।

ତୀର୍ଥଯାତ୍ରା ସମୟ: ପୂର୍ବାହ୍ନ ୧୧.୦୦ ଘଟିକା

| ଯାତ୍ରା ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ୍‌ର ନାମ | ଅନ୍ତର୍ଭୁକ୍ତ ଜିଲ୍ଲାର ନାମ | ଭ୍ରମଣ ସ୍ଥାନ | ଯାତ୍ରା ପ୍ରାରମ୍ଭ ତାରିଖ | ଯାତ୍ରା ସମାପ୍ତ ତାରିଖ |
|---|---|---|---|---|---|
| ୧ | ଭୁବନେଶ୍ୱର | ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଜଗତସିଂହପୁର | ୧. ଅଯୋଧ୍ୟା-ବାରଣାସୀ | ୧୦.୦୯.୨୦୨୫ | ୧୫.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୨୫.୧୧.୨୦୨୫ | ୩୦.୧୧.୨୦୨୫ |
| ୨ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୧୯.୦୯.୨୦୨୫ | ୨୪.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୧୭.୧୧.୨୦୨୫ | ୨୨.୧୧.୨୦୨୫ |
| ୩ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୦୮.୧୦.୨୦୨୫ | ୧୩.୧୦.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୫.୧୨.୨୦୨୫ | ୧୦.୧୨.୨୦୨୫ |
| ୪ | ରାୟଗଡ଼ | ରାୟଗଡ଼, କୋରାପୁଟ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି | ୧. ଅଯୋଧ୍ୟା-ବାରଣାସୀ | ୨୯.୧୦.୨୦୨୫ | ୦୩.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୧୫.୧୨.୨୦୨୫ | ୨୦.୧୨.୨୦୨୫ |
| ୫ | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ଅଯୋଧ୍ୟା-ବାରଣାସୀ | ୦୭.୧୧.୨୦୨୫ | ୧୨.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୭.୦୧.୨୦୨୬ | ୧୨.୦୧.୨୦୨୬ |





OIPR-37001/13/0057/2526

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର | www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

# ହିମସ୍ଖଳନରେ ୩ ଯବାନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୯।୯**

ଲଦାଖର ସିଆଚେନ୍ ବେସ୍‌କ୍ୟାମ୍ପଠାରେ ମଙ୍ଗଳବାର ବଡ଼ ଧରଣର ହିମସ୍ଖଳନରେ ୩ ଜଣ ସେନା ଯବାନ ପ୍ରାଣ ହରାଇଛନ୍ତି। ବିଶ୍ୱର ସର୍ବୋଚ୍ଚ ଯୁଦ୍ଧଭୂମି ଭାବେ ପରିଚିତ ସିଆଚେନ୍‌ରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯବାନମାନେ ମାହାର ରେଜିମେଣ୍ଟର ହୋଇଥିବାବେଳେ ସେମାନଙ୍କ ଘର ଗୁଜରାଟ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡରେ। ବରଫ ଅତଡ଼ା ତଳେ ସେମାନେ ୫ ଘଣ୍ଟା ରହିଯିବାରୁ ମୃତ୍ୟୁ ଘଟିଥିଲା। ତେବେ ଜଣେ ସେନା କ୍ୟାପ୍‌ଟେନ୍‌ଙ୍କୁ ବରଫ ତଳୁ ଉଦ୍ଧାର କରାଯାଇଛି। ପାଖାପାଖି ୨୦ ହଜାର ଫୁଟ୍ ଉଚ୍ଚରେ ଥିବା ନିୟନ୍ତ୍ରଣ ରେଖାର ଉତ୍ତର ପାର୍ଶ୍ୱରେ ସିଆଚେନ୍ ଗ୍ଲେସିୟର ଅବସ୍ଥିତ। ସେଠାରେ ତାପମାତ୍ରା ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାବେଳେ ହିମସ୍ଖଳନ ସାଧାରଣ କଥା। ୨୦୨୧ରେ ହିମସ୍ଖଳନ ଘଟି ୨ ଯବାନ ପ୍ରାଣ ହରାଇଥିବାବେଳେ ଦୀର୍ଘ ୬ ଘଣ୍ଟାର ଅଭିଯାନ ପରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୧୯ରେ ଆଉ ଏକ ହିମସ୍ଖଳନରେ ୪ ଯବାନ ଓ ୨ ଜଣ ପୋର୍ଟରଙ୍କ ମୃତ୍ୟୁ ଘଟିଥିଲା।

# ପୁଞ୍ଛ୍‌ରେ ମାଟି ଦବି ୫୦ ବିଲ୍ଡିଂ କ୍ଷତିଗ୍ରସ୍ତ

**ଜମ୍ମୁ,୯।୯**

ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା ଅନ୍ତର୍ଗତ ପାହାଡ଼ ଗଡ଼ାଣିରେ ଥିବା ଏକ ଗାଁର ମାଟି ଦବିଯିବାରୁ ୫୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଜମ୍ମୁ-କଶ୍ମୀର ମନ୍ତ୍ରୀ ତଥା ମେନ୍ଧର ବିଧାୟକ ଜାଭେଦ ଅହମଦ ରାଣା କାଲାବାନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ଥଇଥାନ ପ୍ରତିଶ୍ରୁତି ଦେଇଛନ୍ତି। ୨୫ରୁ ଊର୍ଦ୍ଧ୍ୱ ଆବାସିକ ଘର, ୩ଟି ସ୍କୁଲ୍ ବିଲ୍ଡିଂ, ଗୋଟିଏ ମସ୍‌ଜିଦ, ଗୋଟିଏ କବରସ୍ଥାନ ଏବଂ ଉକ୍ତ ଗାଁକୁ ଯାଇଥିବା ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟ ୨୦ଟି ଘରେ ଫାଟ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳର ମାଟି ଦବିବା ଜାରି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ପୁଞ୍ଛ୍, ରାଜୌରୀ ଓ କଶ୍ମୀରର ବିଭିନ୍ନ ଭାଗରେ ଭୂମି ଦବୁଥିବା ମନ୍ତ୍ରୀ ରାଣା କହିଛନ୍ତି।

ଦିଲ୍ଲୀରେ ଆଜି




ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଏମ୍‌ପି ଏଚ୍.ଡି. ଦେବେଗୌଡ଼ା ଭୋଟ ଦେଉଛନ୍ତି। (ଫଟୋ– ଚମନ ଗୌତମ)

# ଆର୍‌ଏସ୍‌ଏସ୍ ସଦସ୍ୟରୁ ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ,୯।୯(ପି.ଟି.)**

ଚନ୍ଦ୍ରପୁରମ୍ ପୋନ୍ନୁସାମି ରାଧାକ୍ରିଷ୍ଣନ୍ ମଙ୍ଗଳବାର ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସଦସ୍ୟତାରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ନମ୍ରଭାଷୀ ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହୋଇପାରିଛନ୍ତି। ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଭଲ ଅଭିଜ୍ଞତା ରହିଥିବାରୁ ରାଜ୍ୟ ସଭାର ଅଧ୍ୟକ୍ଷ ଭାବେ ସେ ନିଜ ଭୂମିକାକୁ ସୁଚାରୁ ରୂପେ ତୁଲାଇବେ ବୋଲି କୁହାଯାଉଛି। ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ସମସ୍ତଙ୍କୁ ଚକିତ କରି ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା ଦେଇଥିଲେ। ଏହି ପଦବୀ ଗ୍ରହଣ କରିବାରେ ରାଧାକ୍ରିଷ୍ଣନ ତାମିଲନାଡୁର ତୃତୀୟ ନେତା। ୬୭ ବର୍ଷୀୟ ରାଧାକ୍ରିଷ୍ଣନଙ୍କୁ ତାଙ୍କ ଶୁଭେଚ୍ଛୁମାନେ 'ପାଚାଇ ତିମିଝାନ' (ସଚ୍ଚା ତାମିଲ) କହିଥାନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ



ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ପାଖରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ ଏବଂ ଜେ.ପି. ନଡ୍ଡା ଅଛନ୍ତି।

ତାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ବେଳେ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ୨ ଥର କୋଏମ୍ବାଟୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ତାଙ୍କ ନାଁ ମନ୍ତ୍ରୀପଦ ପାଇଁ ଚର୍ଚ୍ଚା ହେଉଥିଲା। ତେବେ ନାମକୁ ନେଇ ଭାଜପାର ତତ୍କାଳୀନ ଗୃହ ପରିଚାଳନାକାରୀଙ୍କ ଭୁଲ୍ ବୁଝାମଣାରୁ ୧୯୯୮ରେ ପୋନ୍ ରାଧାକ୍ରିଷ୍ଣନ ମନ୍ତ୍ରୀ ହୋଇଥିଲେ।

୧୯୫୭ ମେ' ୪ରେ ଜନ୍ମିତ ରାଧାକ୍ରିଷ୍ଣନ ୧୬ ବର୍ଷ ବୟସରୁ ଆର୍‌ଏସ୍‌ଏସ୍ ସହ ଜଡ଼ିତ ହୋଇ ପରେ ଜନସଂଘରେ ସାମିଲ ହୋଇଥିଲେ। କଲେଜ ପଢ଼ା ସମୟରେ ରାଧାକ୍ରିଷ୍ଣନ ଟେବୁଲ ଟେନିସ୍ ଚାମ୍ପିୟନ୍ ହେବା ସହ ମାରାଥନ ରନର ଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୧୯୯୬ରେ ତାମିଲନାଡୁ ଶାଖାର ସମ୍ପାଦକ ହୋଇଥିଲେ। ୨୦୦୩ରୁ ୨୦୦୬ ସେ ତାମିଲନାଡୁ ଭାଜପା ସଭାପତି ରହିଥିଲେ। ସେ ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଓ ପଣ୍ଡିଚେରୀର ରାଜ୍ୟପାଳ ରହିଥିଲେ। ରାଜ୍ୟପାଳ ଭାବେ ସେ ସାଧାରଣ ନାଗରିକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦେଉଥିଲେ। ବ୍ୟବସ୍ଥାପିକା ଓ ସମ୍ବିଧାନ ଉପରେ ତାଙ୍କର ପର୍ଯ୍ୟାପ୍ତ ଜ୍ଞାନ ରହିଛି। ଏନ୍‌ଡିଏ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ ଚୟନ କରିବା ପରେ ସେ ଜଣେ ପ୍ରେରଣାଦାୟୀ ଉପରାଷ୍ଟ୍ରପତି ହେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

# ପଞ୍ଜାବ, ହିମାଚଳରେ ବନ୍ୟାସ୍ଥିତି ଅନୁଧ୍ୟାନ କଲେ ମୋଦି

**ନୂଆଦିଲ୍ଲୀ,୯।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବ ଓ ହିମାଚଳପ୍ରଦେଶର ବନ୍ୟା ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ସେ ଲଗାଣ ବର୍ଷା ଓ ଭୂସ୍ଖଳନଜନିତ କ୍ଷୟକ୍ଷତି ଆକଳନ କରିବା ସହ ହିମାଚଳପ୍ରଦେଶ ପାଇଁ ତୁରନ୍ତ ୧,୫୦୦ କୋଟି ଓ ପଞ୍ଜାବ ପାଇଁ ୧,୬୦୦ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୃତକଙ୍କ ପରବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଜାବର ଗୁରଦାସପୁରରେ ପ୍ରଧାନମନ୍ତ୍ରୀ ଓହ୍ଲାଇ ପ୍ରଭାବିତ ଲୋକମାନଙ୍କ ସମେତ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ସହ କଥା ହୋଇଥିଲେ। ଗୁରଦାସପୁରରେ ସେ ଅଫିସରମାନଙ୍କ ସହ ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ, ପଞ୍ଜାବ କୃଷିମନ୍ତ୍ରୀ ଗୁରମିତ୍ ସିଂ ଖୁଦ୍ଦିଆନ୍, କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଉପସ୍ଥିତ ଥିଲେ।

# ଭ୍ରଷ୍ଟ ଶାସନତନ୍ତ୍ର ବିରୋଧୀ ବିକ୍ଷୋଭରୁ ହିଂସା




କାଠମାଣ୍ଡୁରେ ଛାତ୍ରମାନେ ନେପାଳ ସରକାରଙ୍କ ବିରୋଧରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି।

**କାଠମାଣ୍ଡୁ, ୯।୯**

ନେପାଳରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଜାରି ନିଷେଧାଦେଶ ବିରୋଧରେ ଯୁବପିଢ଼ିଙ୍କ ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିଛି। ସୋମବାର ପୋଲିସ ଗୁଳିରେ ୨୩ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ବିକ୍ଷୋଭକାରୀମାନେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ବାସଭବନକୁ ଜାଳି ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ହିଂସ୍ର ରୂପ ନେବା ପରେ ମଙ୍ଗଳବାର ନେପାଳ ସରକାର ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ହଠାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଓ ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଭାରତର ଏହି ପଡ଼ୋଶୀ ଦେଶରେ ଶାନ୍ତି ଫେରି ଆସିପାରି ନାହିଁ। ଏଥିରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଏହି ଆନ୍ଦୋଳନର ଏକମାତ୍ର କାରଣ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ନେଇ ଦେଶର ଅନେକ ବୁଦ୍ଧିଜୀବୀ କହିଛନ୍ତି। ନେପାଳ ସରକାରରେ ପ୍ରଚଳିତ ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ କ୍ଷମତାରେ ଥିବା ରାଜନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାମାନଙ୍କୁ ଦିଆଯାଉଥିବା ଅନୁଚିତ ଲାଭକୁ ନେଇ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ରହିଥିବା ଆକ୍ରୋଶର ଏହା ପ୍ରତିଫଳନ ବୋଲି ସେମାନେ କହିଛନ୍ତି।

ନେପାଳରେ ଏହି ହିଂସାତ୍ମକ ଆନ୍ଦୋଳନ ସୋମବାର ଆରମ୍ଭ ହୋଇଥିବା ବେଳେ ଏହାର କିଛିଦିନ ତଳେ ଦେଶରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନେପୋକିଡ୍ସ, ନେପୋବେବି, ପଲିଟିସିଆନ୍ସନେପୋବେବି ପରି ହ୍ୟାଶ୍‌ଟ୍ୟାଗ୍ ଟ୍ରେଣ୍ଡ୍ କରୁଥିଲା। ସୋସିଆଲ ମିଡିଆରେ ଲୋକମାନେ ଦେଶର ଯୁବପିଢ଼ିଙ୍କ ତୁଳନା ନେତା ତଥା ବ୍ୟୁରୋକ୍ରାଟ୍‌ଙ୍କ ପିଲାଙ୍କ ସହ କରୁଥିଲେ। ଯୁବପିଢ଼ି ୨ ଓଳିର ରୁଟି ଖାଇବା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପିଲାମାନେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ଦେଶ ଆର୍ଥିକ ସଙ୍କଟ ଓ ଦୁର୍ନୀତି ମଧ୍ୟରେ ପେଶି ହେଉଥିବା ବେଳେ ଉକ୍ତ ଟ୍ରେଣ୍ଡ୍ ବିଦେଶରେ ରାଜନେତାଙ୍କ ପିଲାମାନଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ପ୍ରଦର୍ଶିତ କରିଥିଲା। ନେପାଳୀ ଯୁବପିଢ଼ି ଦେଶରେ ଶିକ୍ଷା, ନିଯୁକ୍ତି ଆଦି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଥିବା ବେଳେ କ୍ଷମତାସୀନ ଲୋକଙ୍କ ପିଲାମାନେ ବିଦେଶରେ ବିଳାସପୂର୍ଣ୍ଣ ଜୀବନଶୈଳୀ ବିତାଉଥିବା ଦର୍ଶାଇ ଏହା ନେପାଳ ଶାସନ ବ୍ୟବସ୍ଥାରେ ଅସମାନତାର ନଗ୍ନ ଉଦାହରଣ ବୋଲି ଅନେକ ନେପାଳୀ ୟୁଜର୍ସ ପୋଷ୍ଟ କରିଥିଲେ।

ନେପାଳର ଦାରିଦ୍ର୍ୟ ଓ ବେକାରିକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଆକ୍ରୋଶ ରହିଆସିଛି। ଏକ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରାୟ ୧୯% ଯୁବପିଢ଼ି ବେରୋଜଗାର ରହିଛନ୍ତି। ରୋଜଗାର ପାଇଁ ଅଧିକାଂଶ ଯୁବକଙ୍କୁ ଦେଶ ବାହାରକୁ ଯିବାକୁ ପଡୁଛି। ଦେଶରେ ଏପରି ବେକାରି ସ୍ତର ରହିଛି, ଯେଉଁଥିରେ ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧରେ ନେପାଳୀ ଲୋକଙ୍କୁ ଭଡ଼ାଟିଆ ସୈନିକ ଭାବରେ କାମ କରିବାକୁ ବାଧ୍ୟ କରାଯାଉଛି। ନେପାଳୀ ଯୁବପିଢ଼ିଙ୍କ ଏହି ଆକ୍ରୋଶ ଚରମସୀମାରେ ଥିବାବେଳେ ଦେଶର ସରକାରଙ୍କ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ପାଇଁ ନିର୍ଦ୍ଦେଶନାମା ସେମାନଙ୍କ ଆକ୍ରୋଶକୁ ବଢ଼ାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

## ଚର୍ଚ୍ଚାରେ ବାଲେନ୍ ଶାହ



ନେପାଳରେ ଜେନ୍ ଜେଡ୍‌ଙ୍କ ହିଂସ୍ର ଆନ୍ଦୋଳନ ମଧ୍ୟରେ ବାଲେନ୍ ଶାହାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବାଲେନ୍‌ଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ କରି ଶାସନତନ୍ତ୍ର ହସ୍ତାନ୍ତର କରିବାକୁ ଯୁବପିଢ଼ି ଦାବି କରୁଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ପୂର୍ବରୁ ସିଭିଲ ଇଞ୍ଜିନିୟର ଥିବା ବାଲେନ୍ ଏବେ କାଠମାଣ୍ଡୁର ମେୟର ଅଛନ୍ତି। ନେପାଳର ଯୁବପିଢ଼ିଙ୍କ ମଧ୍ୟରେ ତାଙ୍କର ଢେର୍ ଲୋକପ୍ରିୟତା ରହିଛି। ପ୍ରାୟତଃ ବିଭିନ୍ନ ପ୍ରସଙ୍ଗକୁ ନେଇ ତାଙ୍କ ପୋଷ୍ଟ ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଥାଏ ଓ ଖୁବ୍‌ଶୀଘ୍ର ଟ୍ରେଣ୍ଡ୍ ମଧ୍ୟ ହୋଇଥାଏ। ଟାଇମ୍ ମାଗାଜିନ ପକ୍ଷରୁ ୨୦୨୩ର ଶ୍ରେଷ୍ଠ ୧୦୦ ବ୍ୟକ୍ତିତ୍ୱଙ୍କ ତାଲିକାରେ ତାଙ୍କ ନାମ ସାମିଲ ଥିଲା। ସୋସିଆଲ ମିଡିଆ ନିଷେଧ ବିରୋଧୀ ଜେନ୍ ଜେଡ୍‌ର ଆନ୍ଦୋଳନକୁ ସମର୍ଥନ କରି ବାଲେନ୍ ଖୁବ୍ ସହଜରେ ଯୁବପିଢ଼ିଙ୍କ ସମର୍ଥନକୁ ନିଜ ସପକ୍ଷରେ ହାଇଜ୍ୟାକ୍ କରିଛନ୍ତି।



କାଠମାଣ୍ଡୁରେ ନେପାଳୀ କଂଗ୍ରେସ ପାର୍ଟିର କାର୍ଯ୍ୟାଳୟକୁ ମଙ୍ଗଳବାର ବିକ୍ଷୋଭକାରୀମାନେ ଜାଳି ଦେଇଛନ୍ତି।

## ଭାରତ-ନେପାଳ ସୀମାରେ ସୁରକ୍ଷା ବୃଦ୍ଧି

ଭାରତ ଏବଂ ନେପାଳ ମଧ୍ୟରେ ରହିଥିବା ୧,୭୫୧ କିଲୋମିଟର ଲମ୍ବା ବାଡ଼ହୀନ ସୀମାର ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଏହି ସୀମାର ସୁରକ୍ଷା ପାଇଁ ନିୟୋଜିତ ଥିବା ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏହାର ସମସ୍ତ ସୀମା ପୋଷ୍ଟରେ ସୁରକ୍ଷାକୁ ବଢ଼ାଇଛି। ସେହିପରି ସତର୍କ ରହିବାକୁ ଏସ୍‌ଏସ୍‌ବି କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୀମାରେ ଥିବା ଏସ୍‌ଏସ୍‌ବିର ୨୨ଟି ଆଉଟ୍‌ପୋଷ୍ଟରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ସେହିପରି ଭାରତ-ନେପାଳ ସୀମାନ୍ତ ଅଞ୍ଚଳରେ ଥିବା ୫ଟି ଥାନାର ଅଧିକାରୀମାନେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଲୋକଙ୍କ ଉପରେ କଡ଼ା ନଜର ରଖୁଥିବା ନେଇ ଉତ୍ତରପ୍ରଦେଶ ବଳରାମପୁର ଜିଲାର ଏସ୍‌ପି ବିକାଶ କୁମାର ସୂଚନା ଦେଇଛନ୍ତି।

## ନେପାଳ ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

ନେପାଳରେ ହିଂସା ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟମାନଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି। ସ୍ଥିତିରେ ଉନ୍ନତି ନ ଆସିବା ପର୍ଯ୍ୟନ୍ତ ନେପାଳ ନ ଯିବା ପାଇଁ ଭାରତୀୟ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ପ୍ରତି ନେପାଳରେ ଫସିଥିବା ଭାରତୀୟ ନାଗରିକମାନେ ରାସ୍ତାକୁ ନ ବାହାରିବା ସହ ସତର୍କତା ଅବଲମ୍ବନ କରିବାକୁ ଆଡ୍‌ଭାଇଜରିରେ କୁହାଯାଇଛି। ସ୍ଥାନୀୟ ନେପାଳୀ ଅଧିକାରୀ ଓ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସର ସୁରକ୍ଷା ନିର୍ଦ୍ଦେଶକୁ ପାଳନ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସହାୟତାର ଆବଶ୍ୟକ ହେଲେ ନେପାଳରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ହେଲ୍‌ପ୍‌ଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଜରୁରୀ ସ୍ଥିତିରେ +୯୭୭ – ୯୮୦ ୮୬୦ ୨୮୮୧ ଏବଂ +୯୭୭ – ୯୮୧ ୦୩୨ ୬୧୩୪ ନମ୍ବରକୁ କଲ୍ କରିବା ପାଇଁ ନେପାଳରେ ଥିବା ଭାରତୀୟମାନଙ୍କୁ ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଛି। ନେପାଳର ସ୍ଥିତି ଉପରେ ଭାରତର କଡ଼ା ନଜର ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## କାଠମାଣ୍ଡୁକୁ ବିମାନ ଉଡ଼ାଣ ବାତିଲ କଲା ଏୟାର ଇଣ୍ଡିଆ, ଇଣ୍ଡିଗୋ

ଦିଲ୍ଲୀ ଏବଂ କାଠମାଣ୍ଡୁ ମଧ୍ୟରେ ୪ଟି ବିମାନ ଉଡ଼ାଣକୁ ମଙ୍ଗଳବାର ଏୟାର ଇଣ୍ଡିଆ ବାତିଲ କରିଛି। ସେହିପରି ନେପାଳରେ ହିଂସା ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଇଣ୍ଡିଗୋ ଏୟାରଲାଇନ୍ସ ମଧ୍ୟ କାଠମାଣ୍ଡୁର ତ୍ରିଭୁବନ ଏୟାରପୋର୍ଟରୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛି। ରିପୋର୍ଟ ଅନୁଯାୟୀ, କାଠମାଣ୍ଡୁ ବିମାନବନ୍ଦର ନିକଟରେ ଧୂଆଁ ଦେଖାଯିବାରୁ ଏୟାର ଇଣ୍ଡିଆର ଏକ ବିମାନ ମଙ୍ଗଳବାର ୟୁଟର୍ନ ନେଇ ନୂଆଦିଲ୍ଲୀ ଫେରିଆସିଛି।




# ବନ୍ଦ ହେବ ଅକାମୀ ଯୋଜନା

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ରାଜ୍ୟରେ ୫ ବର୍ଷରୁ ଅଧିକ ଦିନ ଧରି ପଡ଼ିରହିଥିବା ପୁରୁଣା ତଥା ଅକାମୀ ଯୋଜନା ବନ୍ଦ ହେବ। ଏହାବାଦ୍ ଯେଉଁ ଯୋଜନାଗୁଡ଼ିକ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନ ଥିବ ସେଗୁଡ଼ିକୁ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କେଉଁ(ଆର୍ଥିକ ପରିମାଣ) ଯୋଜନାକୁ କେଉଁ ସ୍ତରରେ ଅନୁମୋଦନ ମିଳିବ ସେନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଅବଗତ କରାଇଛନ୍ତି।

ଅର୍ଥ ବିଭାଗ ପ୍ରମୁଖ ଶାସନସଚିବ ମିଶ୍ର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ବିଭାଗୀୟ ସଚିବଙ୍କ କ୍ଷମତା ୫ କୋଟି ଟଙ୍କା ରହିଛି। ସଚିବ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିପାରିବେ। ସେହିପରି ୫ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ବିଭାଗୀୟ ମନ୍ତ୍ରୀଙ୍କ ରହିଛି। ଏହାବାଦ୍ ବିଭାଗୀୟ ମନ୍ତ୍ରୀ, କ୍ୟାବିନେଟ୍ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ୫୦ରୁ ୨୫୦ କୋଟି ଟଙ୍କାର ଯୋଜନାକୁ ଅନୁମୋଦନ ମିଳିପାରିବ।

## ସବୁ ବିଭାଗକୁ ଅର୍ଥ ବିଭାଗର ଚିଠି

ରାଜ୍ୟରେ ନୂତନ ଯୋଜନା କାର୍ଯ୍ୟକାରୀ ନେଇ ୨୦୨୧ ମାର୍ଚ୍ଚ ୨୨ରେ ଏକ ମାର୍ଗଦର୍ଶିକା ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିଲା। ଏହାକୁ ସରକାରଙ୍କ ପକ୍ଷରୁ ସଂଶୋଧନ କରାଯାଇଛି, ଯେଉଁଥିରେ ବିଭିନ୍ନ ବିଭାଗରେ ପଡ଼ିରହିଥିବା ପୁରୁଣା ଯୋଜନାକୁ ବନ୍ଦ କରାଯିବ। ଯେଉଁ ଯୋଜନାଗୁଡ଼ିକ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଅକାମୀ ହୋଇରହିଥିବ ତାକୁ ବନ୍ଦ କରାଯାଇପାରିବ ନଚେତ୍ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏଥିସହିତ କୌଣସି ଯୋଜନା ମିଶ୍ରଣ ବେଳେ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗର ସମ୍ପୂର୍ଣ୍ଣ କ୍ଷମତା ରହିଛି। ସେମାନେ ଚାହିଁଲେ ବନ୍ଦ କରିପାରିବେ କିମ୍ବା ମିଶ୍ରଣ କରିପାରିବେ ନଚେତ୍ ଏହାର ପୁନରୁଦ୍ଧାର ମଧ୍ୟ କରିପାରିବେ। ଏନେଇ ଆଗାମୀ ଆର୍ଥିକବର୍ଷ ୨୦୨୬-୨୭ ବଜେଟ୍ ପ୍ରସ୍ତୁତି ବେଳେ ବିଭାଗ ପକ୍ଷରୁ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି। ତେବେ ଯୋଜନା ପ୍ରସ୍ତାବ ପ୍ରସ୍ତୁତ କରିବାବେଳେ ପ୍ରଶାସନିକ ଅଧିକାରୀମାନେ ଯୋଜନାଟି ସାଧାରଣ ଲୋକଙ୍କ ପାଇଁ କେତେଦୂର ଲାଭବାନ୍ ହେବ ତାହାକୁ ଦୃଷ୍ଟି ଦେବାକୁ ପଡ଼ିବ। ଯୋଜନାର ସଫଳତାକୁ ନେଇ ତା'ର ମାନଦଣ୍ଡ ସ୍ଥିରୀକୃତ ହେବ। ଯେପରିକି ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସମାଜରେ ସମାନତା ଆସିପାରିବ, ଆର୍ଥିକ ଭାରସାମ୍ୟ ଓ ପ୍ରଭାବୀ ରହିବ। ପ୍ରମୁଖ ଶାସନ ସଚିବ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ତା'ର ପରିବେଶ ପ୍ରଭାବ ଦିଗକୁ ମଧ୍ୟ ଆକଳନ କରିବାକୁ ହେବ। ଯଦି ଯୋଜନାଟି ପରିବେଶ ପ୍ରତିକୂଳ ପ୍ରଭାବ ପକାଉଥିବ ତେବେ ତାହା ଗ୍ରହଣୀୟ ହେବନାହିଁ। ଯେପରିକି ଗଛ କାଟିବା, ଜମି ଅଧିଗ୍ରହଣ କରିବା, ବିସ୍ଥାପନ ଓ ଥଇଥାନ ସମସ୍ୟା ଉପୁଜିବାର ଆଶଙ୍କା ଥିବ ସେକ୍ଷେତ୍ରରେ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ସେହିପରି ଯୋଜନା ପ୍ରସ୍ତୁତି ବେଳେ ବିପର୍ଯ୍ୟୟ ମୁକାବିଲା ଦିଗକୁ ଧ୍ୟାନ ଦେବା ସହିତ ନିରନ୍ତର ବିକାଶ ଲକ୍ଷ୍ୟ ଯେଭଳି ସାଧିତ ହୋଇପାରିବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାସହିତ ଯୋଜନାଟି ମହିଳା ଓ ଶିଶୁ ବିକାଶକେନ୍ଦ୍ରିକ ହୋଇଥିବ କିମ୍ବା ଆଞ୍ଚଳିକ ଭାରସାମ୍ୟ ହ୍ରାସରେ ଯେପରି ସହାୟକ ହେଉଥିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ଆସିଲା ଇଭି ପଲିସି-୨୦୨୫ ପାଇଁ ଚିଠା ପ୍ରସ୍ତାବ

ଭୁବନେଶ୍ୱର, ୯।୯ (ସୁନିତ୍ ମିଶ୍ର)

ଓଡ଼ିଶା ଇଭି ପଲିସି ପାଇଁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହାର ପୂର୍ବ ଅର୍ଥାତ୍ ୨୦୨୧ ଇଭି ପଲିସି ଅନୁସାରେ ୪ ବର୍ଷ ଅର୍ଥାତ୍ ୨୦୨୫ ଅଗଷ୍ଟ ୩୧ ସୁଦ୍ଧା ୨୦ ପ୍ରତିଶତ ଇଭି ଚଳାଚଳର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ହେଲେ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ମାତ୍ର ୯ ପ୍ରତିଶତ ଇଭି ଗାଡ଼ି ରାସ୍ତାରେ ଗଡ଼ିଛି। ତେଣୁ ଲକ୍ଷ୍ୟ ହାସଲ ଲାଗି ସରକାର ଓଡ଼ିଶା ଇଭି ପଲିସି-୨୦୨୫ ଆଣିବେ। ଓଡ଼ିଶାକୁ ଦେଶର ମଡେଲ ରାଜ୍ୟ କରିବା ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ୨୦୩୬ ସୁଦ୍ଧା ଏହି ନୂଆ ପଲିସି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୮୦ ପ୍ରତିଶତ ଇଭି ଗଡ଼ିବା ଲକ୍ଷ୍ୟ ରଖାଯାଇଛି। ବିଜ୍ଞପ୍ତି ପ୍ରକାଶଠାରୁ ୨୦୩୦ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ପଲିସି ବଳବତ୍ତର ରହିବ। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ୧୨ ମାସ ଭିତରେ ଇଭି ଗାଡ଼ି ଆପଣାଇବାକୁ ପରାମର୍ଶ ଦିଆଯାଇଛି।

## ପୂରଣ ହୋଇନି ୨୦୨୧ ପଲିସି ଲକ୍ଷ୍ୟ

ସ୍ୱାସ୍ଥ୍ୟ ଏବଂ ଗୃହ ବିଭାଗକୁ ମଧ୍ୟ ବର୍ଷ ଭିତରେ ଇଭି ଗାଡ଼ି ଆପଣାଇବା ଲାଗି ପରାମର୍ଶ ଦିଆଯାଇଛି। ୨୦୨୧ ଇଭି ପଲିସି ଅନୁଯାୟୀ ଲୋକମାନେ ଯେପରି ଅଧିକ ଇଭି ଗାଡ଼ିର ବ୍ୟବହାର କରିବେ ସେଥିଲାଗି ଅଧିକ ଇନ୍‌ସେନ୍‌ଟିଭ, କର ଛାଡ଼ ଏବଂ ଚାର୍ଜିଂ ଷ୍ଟେଶନର ଉନ୍ନତୀକରଣ କରାଯାଇଥିଲା। ୨୦୨୫ ଜୁନ୍ ସୁଦ୍ଧା ରାଜ୍ୟରେ ଲୋକମାନେ ୮.୮% ଇଭି ଗାଡି ଆପଣାଇଥିଲେ। ସରକାର ନୂଆ ପଲିସି ଅନୁଯାୟୀ ଲକ୍ଷ୍ୟ ରଖିଛନ୍ତି ୨୦୩୦ ସୁଦ୍ଧା ଯେତିକି ଗାଡ଼ି ରେଜିଷ୍ଟ୍ରେଶନ ହେବ ସେଥିରୁ ୫୦ ପ୍ରତିଶତ ଇଭି ଗାଡ଼ି ହୋଇଥିବ। ଇଭି କିଣିଲେ ରୋଡ୍ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ ରହିବ। ଚାର୍ଜିଂ ଷ୍ଟେଶନ କ୍ଷେତ୍ରରେ ଘରୋଇ ଲୋକଙ୍କୁ ମଧ୍ୟ ସୁଯୋଗ ମିଳିବ। ଯେଉଁମାନେ ୩ ଚକିଆ ଇ-ରିକ୍ସା କିମ୍ବା ଇ-କାର୍ଟ କିଣିବେ ସେମାନଙ୍କୁ ଫ୍ଲାଟ୍ ୨୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୩ ଚକିଆ ଏଲ୍‌୫ଏମ୍ କିମ୍ବା ଏଲ୍‌୫ଏନ୍ କାଟାଗୋରିର ଗାଡି କିଣିବେ ସେମାନଙ୍କୁ ୩୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ କାର୍ କିଣିଲେ ଦେଢ ଲକ୍ଷ ଟଙ୍କା ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ ପରିବହନ ଗାଡ଼ି ଯାହାର କ୍ଷମତା ସାଢେ ୩ ଟନ୍ ହୋଇଥିବ ସେହି ଗାଡି ଲାଗି ଦେଢ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ଇଲେକ୍ଟ୍ରିକ ବସ୍ ଲାଗି ୨ ଲକ୍ଷ, ଇଲେକ୍ଟ୍ରିକ୍ ଯାହାର କ୍ଷମତା ୩.୫ରୁ ୭.୫ କ୍ଷମତା ବିଶିଷ୍ଟ ଗାଡିକୁ ୫ ଲକ୍ଷ, ୭.୫ରୁ ୧୨ ଟନ୍ କ୍ଷମତାର ଗାଡିକୁ ୭ ଲକ୍ଷ, ୧୨ରୁ ୧୮.୫ ଟନ୍ କ୍ଷମତାର ଗାଡି ଲାଗି ୧୬ ଲକ୍ଷ, ୧୮.୫ରୁ ୩୫ ଟନ୍ କ୍ଷମତାର ଗାଡି ଲାଗି ୧୮ ଲକ୍ଷ, ୩୫ରୁ ୫୫ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଲାଗି ୨୦ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ ବୋଲି ଚିଠା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହିଭଳି ଆହୁରି ଅନେକ କଥା ସରକାର ଯୋଗାଇଦେବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।

# ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

## ଚିକିତ୍ସା ଅବହେଳାରୁ ରାୟଗଡ଼ା ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା

କଟକ,୯।୯(କାର୍ତ୍ତିକ ସାହୁ)

ଚିକିତ୍ସା ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଆଗତ ମାମଲାରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ (ଓଏଚ୍ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଆୟୋଗ ୩ ମାସରେ ମୃତକଙ୍କ ପରିବାରକୁ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ତଥ୍ୟ କମିଶନଙ୍କ ନିକଟରେ ଦାଖଲ କରିବାକୁ ଆୟୁକ୍ତ ଆଦେଶରେ ସ୍ପଷ୍ଟ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସା ପ୍ରଦାନରେ ଅବହେଳାରୁ ରାୟଗଡ଼ାର ଦୁର୍ଗାପଡୁ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ମନିଷା ମଡ଼ାଙ୍ଗୀଙ୍କ ୨୦୨୪ ଜୁଲାଇ ୮ରେ ମୃତ୍ୟୁ ଘଟିଥିଲା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧୀନରେ ପରିଚାଳିତ ଏହି ଆଶ୍ରମ ସ୍କୁଲରେ ଅଧ୍ୟୟନରତ ଛାତ୍ରୀ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କ ଚିକିତ୍ସା ବିଳମ୍ବ କରିଥିଲେ।






# ବିଧାନସଭା ବେଳେ ସଚିବଙ୍କ ବିଦେଶ ଗସ୍ତ ବାତିଲ : ମୁଖ୍ୟ ସଚିବ

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ଚଳିତ ବିଧାନସଭା ଅଧିବେଶନ ସମୟରେ କୌଣସି ଅଧିକାରୀ ଯେଭଳି ବିଦେଶ ଗସ୍ତ କରି ନ ପାରିବେ ଏବଂ ରାଜ୍ୟ ବାହାରକୁ ନ ଯିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୧୮ରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବିଧାନସଭା ସମ୍ପର୍କିତ ସମସ୍ତ କାର୍ଯ୍ୟ ଗମ୍ଭୀରତା ସହ ଯଥାଶୀଘ୍ର କରିବା ଆବଶ୍ୟକ। ବିଧାନସଭା ପ୍ରଶ୍ନସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ୍ ସମୟରେ ଦିଆଯାଇପାରିବ ସେଥିପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନଦେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ ପତ୍ରରେ ଦର୍ଶାଇଛନ୍ତି।

ମୁଖ୍ୟ ଶାସନ ସଚିବ ମନୋଜ କହିଛନ୍ତି, ଏହି

## ଗ୍ୟାଲେରିରେ ଅଧିକାରୀଙ୍କ ଉପସ୍ଥିତି ବାଞ୍ଛନୀୟ

ସମୟ ମଧ୍ୟରେ ସଦର ମହକୁମାରେ ଉପସ୍ଥିତ ରହିବାକୁ ପଡ଼ିବ। ବିଭାଗୀୟ ସଚିବମାନେ ବିଦେଶଯାତ୍ରାରୁ ନିବୃତ୍ତ ହେବା ସହ ରାଜ୍ୟ ବାହାରକୁ ଗସ୍ତ ଯଥାସମ୍ଭବ ସୀମିତ କରିବା ବାଞ୍ଛନୀୟ। ଏହାସହ ପୂର୍ବରୁ ଯେକୌଣସି ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ତାହାକୁ ଘୁଞ୍ଚାଇବାକୁ ପଡ଼ିବ। ଅଧିକନ୍ତୁ ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ପ୍ରଭୃତିର ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ, ସେମାନେ ମଧ୍ୟ ସଦର ମହକୁମାରେ ଉପସ୍ଥିତ ରହିବା ଜରୁରୀ। ବିଧାନସଭା ଅଧିବେଶନ କାଳରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ ସେମାନଙ୍କ ସଭା ଡକାଯାଇପାରିବ ନାହିଁ। ଆବଶ୍ୟକ ସ୍ଥଳେ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ଆପଣା ଯାଇପାରିବ। ସଂପୃକ୍ତ ବରିଷ୍ଠ ଅଧିକାରୀ ମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ, ତାହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ସଚିବ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି, ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରିରେ ଯଥାଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ରହିବା ବାଞ୍ଛନୀୟ। ବିଧାନସଭା ସମ୍ପର୍କିତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ଆପଣଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଅନିବାର୍ଯ୍ୟ। ବିଧାୟକମାନେ ଅଧ୍ୟକ୍ଷ ବା ସଭ୍ୟ ଥିବା କମିଟି ବା ବୋର୍ଡ ପ୍ରଭୃତିର ସଭା ଏହି ସମୟ ମଧ୍ୟରେ ଆହୂତ ନ କରିବାକୁ ଅଧସ୍ତନ ଅଧିକାରୀଙ୍କୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏହାସହ ଅଧିବେଶନ କାଳରେ ପ୍ରକାଶିତ ପ୍ରମୁଖ ଖବରଗୁଡ଼ିକ ଅନୁଧ୍ୟାନକରି ତା'ର ଠିକ୍ ବିବରଣୀ ଓ ଉଚିତ୍ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।



ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ମଙ୍ଗଳବାର ନୂଆଦିଲ୍ଲୀରେ ଭାଜପା ଏମ୍‌ପିମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


# ଭିତରକନିକାରେ ବଢ଼ିଲେ ୬୭୩ ଦେଶୀୟ ପକ୍ଷୀ

ରାଜନଗର,୯।୯ (ଭାସ୍କର ରାଉତରାୟ)

ଚଳିତବର୍ଷ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ବୃଦ୍ଧି ପାଇଛି। ୨୦୨୪ରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଏବର୍ଷ ସଂଖ୍ୟା ୧,୩୦,୭୯୬କୁ ବଢ଼ିଛି। ଏବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ଏବର୍ଷ ୧୪୦୯ ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଥିବା ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କର ସୂଚନା ଦେଇଛନ୍ତି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ଯାଏ ୩ ଦିନ ଧରି ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ



ଆଇଲାଣ୍ଡରେ ପକ୍ଷୀଗଣନା କରାଯାଇଥିଲା। ଜାତୀୟ ଉଦ୍ୟାନରେ ବନ ବିଭାଗର ୩ ଟିମ୍ ଓ ବାହାରେ ୨ ଟିମ୍ ପକ୍ଷୀଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡ଼ିକ ମଧ୍ୟରେ ଗେଣ୍ଡାଳିଆ, ରାଣୀ ବଗ, ମଝିଆ ବଗ, ଛୋଟ ବଗ, ଖଇରା ବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଜୁନ୍ ଶେଷଭାଗରୁ ଭିତରକନିକାକୁ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରିଯିବେ। ମୌସୁମୀ ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି।

## ଅକ୍ଟୋବରରେ ଭାରତ ଆସିବେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ

ଲଣ୍ଡନ,୯।୯(ପି.ଟି.): ଅକ୍ଟୋବର ମାସର ପ୍ରାରମ୍ଭରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଭାରତ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଭାବେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଅକ୍ଟୋବର ୭ରୁ ୯ ମଧ୍ୟରେ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ହେବାକୁ ଥିବା ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ (ଜିଏଫ୍ଏଫ୍), ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଷ୍ଟାର୍ମର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ପ୍ରଯୁକ୍ତି ଓ ବାଣିଜ୍ୟ ସହଭାଗିତାକୁ ନେଇ ଆଲୋଚନା ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଇଏମ୍‌ବି ସ୍କୁଲ୍ ଅଫ୍ ହସ୍ପିଟାଲିଟି ପକ୍ଷରୁ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍, ସ୍ଥାନ: ଆଇଏମ୍‌ବି କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧକ୍ଷ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧୀକାର ଅଭିଯାନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ସୂଚନା କମିଶନ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।

**କଟକ**
- ଚୌଦ୍ୱାର ଗୋଡ଼ିପାଟଣା ଇନ୍ଦୁପୂର୍ଣ୍ଣିମା ଭସାଣି ଉତ୍ସବ, ସ୍ଥାନ: ଗୋଡିପାଟଣା ଯାତ୍ରା ପଡ଼ିଆ, ଚୌଦ୍ୱାର, ସମୟ: ସକାଳ ୯ଟା।
- ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପଯୋଜନା କେନ୍ଦ୍ର-୨୦, ବାଖରାବାଦ, ସମୟ: ସନ୍ଧ୍ୟା ୭ଟା ୩୦।

**ଖୋର୍ଦ୍ଧା**
- ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ, ସ୍ଥାନ: ଶରଧାପୁର ଖେଳପଡିଆ, ସମୟ: ଅପରାହ୍ନ ୩ଟା।

**ପୁରୀ**
- ୱାର୍କଶପ ଅନ୍ ଫ୍ଲାଗସିପ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ସଫ୍ଟବଲ୍ କ୍ରିକେଟ ପ୍ରତିଯୋଗିତା ଅବସରରେ ଶୋଭାଯାତ୍ରା, ସ୍ଥାନ: ସିଂହଦ୍ୱାର, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**
- ବାଘାଯତୀନଙ୍କ ଶହୀଦ ଦିବସ, ସ୍ଥାନ: ବାରବାଟୀ ବାଳିକା ବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସକ, ସ୍ଥାନ:ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବାଘାଯତୀନଙ୍କ ୧୧୦ତମ ସ୍ମୃତି ଦିବସ, ସ୍ଥାନ:ଦେଶୁଆଁ ପୋଖରୀ, ଚଷାଖଣ୍ଡ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା
- ବାଘାଯତୀନଙ୍କ ଉଦ୍ଦେଶ୍ମରେ ସ୍ମୃତି ସଭା, ସ୍ଥାନ:ବାଘାଯତୀନ ହାଇସ୍କୁଲ, ଓଡ଼ଙ୍ଗୀ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା।
- ବାଘାଯତୀନଙ୍କ ସ୍ମୃତି ପୀଠରେ ମାଲ୍ୟାର୍ପଣ, ସ୍ଥାନ: ଜିଲା କାରାଗାର, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଅମର ଶହୀଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସ,ସ୍ଥାନ: କପ୍ତିପଦା, ମହୁଲଡିହା ବାଘାଯତୀନଙ୍କ ସ୍ମୃତିପୀଠ,ସମୟ:ପୂର୍ବାହ୍ନ ୧୧ଟା।
- ରଙ୍ଗମଞ୍ଚ ରାଉରକେଲା ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜୀବନ ଯେମିତି, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦।
- ପଲ୍ଲବୀ କରଞ୍ଜିଆ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସେମାନେ ଆମ ପ୍ରତିନିଧି', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ରାତି ୮ଟା ୩୦।

**ବ୍ରହ୍ମପୁର**
- ଟ୍ରେଡ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ଗଣଧାରଣା, ସ୍ଥାନ: ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିଭାଗର ପାଠଚକ୍ର, ସ୍ଥାନ: ମହାମାୟୀ ମହିଳା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।

**ଗଞ୍ଜାମ**
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଟେକ୍ନିକାଲ ହାଇସ୍କୁଲ ଖେଳପଡ଼ିଆ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଋଷିକୂଲ୍ୟା ଜିଲା ଗଠନ ଦାବିରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଆସିକା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଡୁମୁଡିବନ୍ଧ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଏଚଆଇଭି ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ପକାରୀ, ବୁଢ଼ାଗୁଡା, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦ୍ରାପଡ଼ା**
- ମା' ପାଇଁ ଗଛଟିଏ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଅଣ୍ଟା ସୋସାଇଟି କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖ ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ଧର୍ମଶାଳା ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ, ସ୍ଥାନ: ଜାରକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୩ତମ ଜୟନ୍ତୀ ପାଳନ, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ, ସ୍ଥାନ: କଣ୍ଟିଲୋ ଜନକଲ୍ୟାଣ କ୍ଲବ, ସମୟ: ସକାଳ ୯ଟା।
- ଜାମୁକଣ ବୈଷ୍ଣୋଦେବୀଙ୍କ ନବରାତ୍ର ପୂଜା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫, ସ୍ଥାନ: ମୁନିଗୁଡା କଲେଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୌରାଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନୋଡାଲ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ବିଦ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଜିଲାପାଳଙ୍କ କୋରାପୁଟ ଓ ସେମିଳିଗୁଡ଼ା ବ୍ଲକ ପରିଦର୍ଶନ, ସ୍ଥାନ: କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାରେ ଯଶୋଦା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା।

**ସମ୍ବଲପୁର**
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୩ଟା।
- ରଙ୍ଗ ଫଗୁଆ ଆୟୋଜନରେ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ, ସ୍ଥାନ: ମାଝିପାଲି ସ୍ଥିତ ହୋମିଓପାଥି ମହାବିଦ୍ୟାଳୟ ପଡିଆ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ବିଶ୍ୱାମ୍ ବିଦ୍ୟାମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ଏବଂ ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜଙ୍କ ଜନ୍ମୋତ୍ସବ, ସ୍ଥାନ: ଆନନ୍ଦ ନିକେତନ, ଖୁଜେନପାଲି, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା( ପ୍ରଥମ ଅଧିବେଶନ), ଅପରାହ୍ନ ୫ଟା ୩୦(ଦ୍ୱିତୀୟ ଅଧିବେଶନ)।

**ରାଉରକେଲା**
- ୪ର୍ଥ ଏଚ୍ଏଓ ଷ୍ଟେଟ୍ ହକି ଟୁର୍ନାମେଣ୍ଟର ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜଗଦା ନବଜୀବନ ମଣ୍ଡଳୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏମ୍ଏସ୍ଏମ୍ଇ ବିକଶିତ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡିଶା ପିଆଇ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ସି' ଫୁଡ ଫେଷ୍ଟିଭାଲ, ସ୍ଥାନ: ସରୋବର ପରିସର, ସେକ୍ଟର-୧୯, ସମୟ: ଅପରାହ୍ନ ୫ଟା।
- ୩-ଗୋ ସୁରକ୍ଷା ସମିତିର ଦାନା ବିତରଣ, ସ୍ଥାନ: ବେଦବ୍ୟାସ ଗୋଶାଳା, ସମୟ: ଅପରାହ୍ନ ୫ଟା।

**ସୁନ୍ଦରଗଡ଼**
- ଏନ୍‌ଟିପିସି ଦର୍ଲିପାଲି ତାପଜ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର, ସ୍ଥାନ: ଦର୍ଲିପାଲି, ସମୟ: ପୂର୍ବାହ୍ନ୧୦ଟା।

**କଳାହାଣ୍ଡି**
- ଭୂ ଅଧିଗ୍ରହଣ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ବ୍ଲକସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା, ସ୍ଥାନ: ଅମଠି ହାଇସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସମବାୟ ବିଭାଗର ଦିନିକିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ଓକିଲ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଜିଲା ବାର୍ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଡିୟୁଜେ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଆପଣଙ୍କ କାର୍ଯ୍ୟ ସକାଶେ କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। କୃତି ଓ କୃତିତ୍ୱ ସକାଶେ ସନ୍ତାନଙ୍କ ଖୁସୀରେ ଖୁସୀ ହୋଇପାରନ୍ତି। ବାହାରେ ଦୀର୍ଘସମୟ କଟାଇବାକୁ କେନ୍ଦ୍ରକରି ନିଜର ଘର ଲୋକମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ସନ୍ତାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଆନନ୍ଦ ଅନୁଭବ କରିବେ। ଆଗାମୀ କାଲିର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସ୍ଥଗିତକାର୍ଯ୍ୟ ଓ ବିବାଦୀୟ ଘଟଣାକୁ ନେଇ ବ୍ୟସ୍ତତା ଲାଗିରହିବ।

**ମିଥୁନ**
ବନ୍ଧୁଙ୍କ ପ୍ରେରଣାରେ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ସାଧାରଣ ଘଟଣାରେ ବିତର୍କଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ କେତେକ କାମ ଅଧୁରା ରହିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସମସ୍ୟା ସମାଧାନର ଆଶା ରହିଛି। ମୂଲ୍ୟହୀନ କଥାକୁ କେନ୍ଦ୍ରକରି ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ।

**ସିଂହ**
ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେବେ। ପୂର୍ବର କଳହ ସମ୍ପୂର୍ଣ୍ଣ ଥମି ନ ଥିବା ହେତୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧିଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା**
ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହୋଇପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ।

**ତୁଳା**
ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିବା ସହ ପ୍ରିୟଜନଙ୍କ ଶୁଭବାର୍ତ୍ତା ମନକୁ ଆହ୍ଲାଦିତ କରିବ। ପୁରୁଣାକଥାକୁ ମନ ଭିତରେ ସ୍ଥାନ ଦେବା କାରଣରୁ ଚିତ୍ରା ନକ୍ଷତ୍ରର ମନଟା ଭଲ ଲାଗି ନ ପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ଜମି ବିବାଦ ଏବଂ କଚେରି ମାମଲାର ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା**
କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ, ବନ୍ଧୁ ମିଳନରେ କିମ୍ବା ସଭାସମିତିରେ ଯୋଗଦେବାର ସୁଯୋଗ ମିଳିବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢିପାରେ। ନିଜର ମନେ ହେଉଥିବା କେତେକ ଲୋକ ଅପପ୍ରଚାର ଚଳାଉଥିବାର ଲକ୍ଷ୍ୟ କରି ପାରନ୍ତି।

**ଧନୁ**
ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାକୁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରର ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜି କୌଣସି ଦୁଃସାହସିକ କାମରେ କଠୋର ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର**
ଅଭାବ ଲାଗି ରହିଥିଲେ ମଧ କରଜ କରି କାମ ତୁଲାଇ ନେବେ। ପୂର୍ବଶତ୍ରୁତାରୁ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ। ଆଜି ପାରିବାରିକ କ୍ଷେତ୍ର, ସାମାଜିକ ସ୍ଥିତି, ଅର୍ଥନୈତିକ ପରିସ୍ଥିତି ଭଲ ରହିବ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ମଧ ଲାଭବାନ ହେବେ। ଯାନ ବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ**
ଗୃହକର୍ତ୍ତାଙ୍କ ପରାମର୍ଶକ୍ରମେ ଆଜି ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଥିବା କାରଣରୁ ସାମୟିକ ଖୁସୀ ରହିବେ।

**ମୀନ**
ସହକର୍ମୀଙ୍କ ପରୋକ୍ଷ ଅସହିଷ୍ଣୁତା ହେତୁ କାମରେ ପ୍ରତିବନ୍ଧକଜନିତ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ପରିସ୍ଥିତି ବଶତଃ ଅନ୍ୟ ବାଟରେ ବ୍ୟୟ ହେବାର ସୂଚନା ରହିଛି। ପଡ଼ୋଶୀଙ୍କ ଜରିଆରେ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ।

ଆଜି ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ଆଶ୍ୱିନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୬ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୫ମି. ମଧ୍ୟେ ରାହୁ କାଳ।

## ୮୦% ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଆବେଦନକୁ କାନାଡାର ପ୍ରତ୍ୟାଖ୍ୟାନ

**ଓଟ୍ଟାୱା,୯।୯:** ୨୦୨୫ରେ ୮୦% ଭାରତୀୟ ଛାତ୍ରୀଛାତ୍ରଙ୍କ ଭିଜା ଆବେଦନକୁ କାନାଡା ପ୍ରତ୍ୟାଖ୍ୟାନ କରିଛି। ଏହା ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ। ଇମିଗ୍ରେଶନ, ରେଫ୍ୟୁଜିସ୍ ଆଣ୍ଡ ସିଟିଜେନ୍‌ଶିପ୍ କାନାଡା (ଆଇଆର୍‌ସିସି)ର ତଥ୍ୟରୁ ଏହା ଜଣାପଡ଼ିଛି। ଚଳିତ ବର୍ଷ ଏସିଆ ଓ ଆଫ୍ରିକାର ଆବେଦନକାରୀଙ୍କୁ ଅଧିକ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାକୁ ପଡ଼ିଛି। ତେବେ ଭାରତୀୟ ଛାତ୍ରୀଛାତ୍ର ସର୍ବାଧିକ ପ୍ରଭାବିତ ହୋଇଥିବା ଆଇଆର୍‌ସିସି କହିଛି। ରିପୋର୍ଟ ଅନୁଯାୟୀ, ଉଚ୍ଚଶିକ୍ଷା ପାଇଁ ଭାରତୀୟ ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠ ପସନ୍ଦଯୋଗ୍ୟ ଦେଶରେ ମଧ୍ୟ ପରିବର୍ତ୍ତନ ଘଟିଛି। କାନାଡାକୁ ପଛକୁ ଠେଲି ଜର୍ମାନୀ ସର୍ବାଧିକ ୩୧% ଭାରତୀୟ ଛାତ୍ରୀଛାତ୍ରଙ୍କ ପସନ୍ଦ ପାଲଟିଛି। ୨୦୨୨ରେ ଉଚ୍ଚଶିକ୍ଷା ପାଇଁ ୧୮% ଭାରତୀୟ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ କାନାଡା ଥିବାବେଳେ ଏବେ ଏହା ୯%କୁ ହ୍ରାସ ପାଇଛି।

## କାତାରରେ ହମାସ୍ ନେତାଙ୍କୁ ଟାର୍ଗେଟ କରି ଇସ୍ରାଏଲ୍‌ର ଆକ୍ରମଣ: ୫ ମୃତ

**ଦୁବାଇ,୯।୯:** ଜେରୁଜେଲମ୍‌ରେ ପାଲେଷ୍ଟିନୀୟ ବନ୍ଧୁକଧାରୀଙ୍କ ଆକ୍ରମଣ ପରେ ଇସ୍ରାଏଲ୍ ମଙ୍ଗଳବାର କାତାରରେ ଥିବା ହମାସ୍ ନେତାଙ୍କୁ ଟାର୍ଗେଟ କରି ଆକ୍ରମଣ କରିଛି। କାତାର ରାଜଧାନୀ ଦୋହାରେ ହୋଇଥିବା ବୋମାମାଡ଼ରୁ ହମାସ୍ ନେତା ଖସିଯାଇଥିବାବେଳେ ଏହାର ୫ ସଦସ୍ୟ ନିହତ ହୋଇଥିବା ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରେ ହମାସ୍‌ର ନିର୍ବାସିତ ଗାଜା ମୁଖ୍ୟ ଖଲିଲ ଅଲ୍-ହୟାଙ୍କ ପୁଅ ରହିଛନ୍ତି। ସୂଚନାଯୋଗ୍ୟ, ଆମେରିକାର ସହଯୋଗୀ କାତାର ଦୀର୍ଘଦିନ ହେଲା ହମାସ୍ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ମୁଖ୍ୟ ମଧ୍ୟସ୍ଥ ଭାବେ କାର୍ଯ୍ୟ କରିଆସୁଛି। ଦୋହା ଉପରେ ଆକ୍ରମଣକୁ କାତାର ନିନ୍ଦା କରିବା ସହ ଏହା ଅନ୍ତର୍ଜାତୀୟ ଆଇନ ଓ ନିୟମାବଳୀର ଖୋଲା ଉଲ୍ଲଂଘନ ବୋଲି କହିଛି।

## ଲିଙ୍ଗ ନିରୂପଣ ନିରୋଧୀ ଆଇନର କାର୍ଯ୍ୟକାରିତା ନେଇ ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୯(ପି.ଟି.)**
ଦେଶରେ କନ୍ୟାଭ୍ରୂଣ ହତ୍ୟା ରୋକିବା ଓ ଲିଙ୍ଗଗତ ଅସମାନତାକୁ ସୁଧାରିବା ପାଇଁ ୧୯୯୪ରେ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ କୌଶଳ (ପିସିପିଏନ୍‌ଡିଏ) ଆଇନ ଲାଗୁ ହୋଇଥିଲା। ଏହି ଆଇନ ପ୍ରସବ ପୂର୍ବରୁ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣକୁ ନିଷିଦ୍ଧ କରିଥାଏ। ତେବେ ଏହାର ଉପଯୁକ୍ତ କାର୍ଯ୍ୟକାରୀ ହେଉ ନ ଥିବାରୁ ଆଇନ ଉଲ୍ଲଂଘନକାରୀମାନେ ଖସିଯାଉଛନ୍ତି। ଆଇନର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଦାଏର ପିଟିଶନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ୫ ରାଜ୍ୟ ଏପର୍ଯ୍ୟନ୍ତ ତାହା ଦାଖଲ କରିନାହାନ୍ତି। ଏଥିରୁ କର୍ତ୍ତୃପକ୍ଷ ଏଭଳି ମାମଲାର ଉପଯୁକ୍ତ ତଦନ୍ତ କରୁ ନ ଥିବା ଜଣାପଡୁଛି ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍.ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ଅକ୍ଟୋବର ୧୦ ସୁଦ୍ଧା ଜବାବ ଦାଖଲ ନ କଲେ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଆଇନଜୀବୀ ସଞ୍ଜୟ ପାରିଖଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଛି।

## ପେନ୍‌ସନ ନେବାକୁ ଧାଡ଼ିରେ ଥିବା ଲୋକଙ୍କ ଉପରେ ରୁଷିଆର ବୋମାମାଡ଼: ୨୧ ମୃତ

**କିଭ୍,୯।୯**
ପୂର୍ବ ୟୁକ୍ରେନ୍‌ର ଏକ ଗାଁ ଉପରେ ମଙ୍ଗଳବାର ରୁଷିଆ ବୋମା ମାଡ଼ କରିବାରୁ ପେନ୍‌ସନ ନେବାକୁ ଧାଡ଼ିରେ ଛିଡ଼ା ହୋଇଥିବା ୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଡୋନେକ୍ସ ଅଞ୍ଚଳର ୟାରୋଭା ଗ୍ରାମ ଉପରେ ବୋମାମାଡ଼ ହୋଇଥଲା। ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଯୁଦ୍ଧରେ ୟୁକ୍ରେନ୍‌ର ୧୨,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ପେନ୍‌ସନ ପାଇଁ ଛିଡ଼ାହୋଇଥିବା ଲୋକଙ୍କ ଉପରେ ବୋମାମାଡ଼ କରାଯିବା ଅତ୍ୟନ୍ତ ନିଷ୍ଠୁରତା ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିବା ସହ ରୁଷିଆ ଉପରେ ଅତିରିକ୍ତ କଟକଣା ଲଗାଇବାକୁ ଅନ୍ତର୍ଜାତୀୟ ସମୁଦାୟକୁ ନିବେଦନ କରିଛନ୍ତି।

## ମୋତେ ବିଷ ଦିଅ: ଦର୍ଶନ

**ବେଙ୍ଗାଲୁରୁ,୯।୯**



'ମୋତେ ବିଷ ଦେଇଦିଅ' ବୋଲି ଜେଲରେ ଥିବା କନ୍ନଡ ଅଭିନେତା ଦର୍ଶନ ମଙ୍ଗଳବାର ଅଦାଲତଙ୍କୁ କହିଛନ୍ତି। ରେଣୁକାସ୍ୱାମୀ ହତ୍ୟା ମାମଲାରେ ଭିଡିଓ କନ୍‌ଫରେନ୍ସ ଯୋଗେ ସିଟି ସିଭିଲ୍ ଆଣ୍ଡ ସେସନ୍ସ କୋର୍ଟରେ ହାଜର ହୋଇ ଦର୍ଶନ କହିଥିଲେ, ଜେଲ ବାହାରକୁ ଯିବାକୁ ଅନୁମତି ନ ଥିବାରୁ ସେ ବହୁଦିନ ହେଲା ସୂର୍ଯ୍ୟାଲୋକ ଦେଖିନାହାନ୍ତି। ତାଙ୍କ ହାତରେ ଫଙ୍ଗସ୍ ହୋଇଗଲାଣି। ଲୁଗାପଟାରୁ ଦୁର୍ଗନ୍ଧ ହେବା ସହ ଜେଲରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ ବିଷ ଦିଆଯାଉ ବୋଲି ସେ ଅଦାଲତଙ୍କୁ ବାରମ୍ବାର ନିବେଦନ କରିଛନ୍ତି। ଅଦାଲତ ଦର୍ଶନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ସହ ପରବର୍ତ୍ତୀ ଶୁଣାଣି ୧୯ ତାରିଖକୁ ଧାର୍ଯ୍ୟ କରିଛନ୍ତି। କର୍ନାଟକ ହାଇକୋର୍ଟ ଦର୍ଶନଙ୍କୁ ଜାମିନ ଦେଇଥିବାବେଳେ ସୁପ୍ରିମକୋର୍ଟ ଗତ ମାସରେ ଏହାକୁ ଖାରଜ କରିଦେଇଥିଲେ। ଜାମିନ ଦିଆଗଲେ ଅଭିନେତା ସାକ୍ଷୀଙ୍କୁ ପ୍ରଭାବିତ କରିବେ ଓ ତଦନ୍ତ ଉପରେ ପ୍ରଭାବ ପଡ଼ିବ ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଥିଲେ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଛି ବିଭା ହେବ କୁଳର ନାରୀ ଜୀଅନ୍ତେ ମରନ୍ତେ ସେ ଉପୁକାରୀ।**
ଉଚ୍ଚକୁଳ, ଶିକ୍ଷିତ ଓ ଖାନ୍‌ଦାନ୍ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଯାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ତେଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ, ଲତାଗୋତା ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ବାଇଗଣ ବାଆକୁ ଟଣଟଣ।**
ବାତ୍ୟାରେ ବାଇଗଣ ଗଛର ବିଶେଷ କ୍ଷତି ହୋଇ ନ ଥାଏ। ସେହିପରି ବିପଦ ବେଳେ ବ୍ରାହ୍ମଣ ବିଚଳିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

### ରାଧାକ୍ରିଷ୍ଣନ୍ ୧୫ତମ...

ଦେବା ପାଇଁ ସମସ୍ତ ୩୧୫ ବିରୋଧୀ ଏମ୍‌ପି ଏକଜୁଟ ରହିଥିବା ପୂର୍ବରୁ କଂଗ୍ରେସ ଦାବି କରିଥିଲା।

ଉପରାଷ୍ଟ୍ରପତି ନିର୍ବାଚନରେ ୭୬୭ ଜଣ ଏମ୍‌ପି ଭୋଟ ଦେଇଥିଲେ, ଯାହା କି ୯୮.୨ ପ୍ରତିଶତ। ସେଥିରୁ ୭୫୨ ଭୋଟ ବୈଧ ହୋଇଥିବାବେଳେ ୧୫ଟି ଅବୈଧ ଭାବେ ନିଆଯାଇଥିବା ରିର୍ଟର୍ନିଂ ଅଫିସର କହିଛନ୍ତି। ଜଣେ ଏମ୍‌ପି ଭୋଟ ଦେବାକୁ ମନା କରିଦେବାରୁ ଗୋଟିଏ ପୋଷ୍ଟାଲ ବାଲଟ୍ ନାକଚ ହୋଇଛି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୋଇଥିବା ରିର୍ଟର୍ନିଂ ଅଫିସର ଘୋଷଣା କରିବା ସହ ଏନେଇ ନିର୍ବାଚନ କମିଶନଙ୍କୁ ଜଣାଇ ଦେଇଛନ୍ତି। ସେ ଶପଥ ଗ୍ରହଣ କରିବା ପରେ ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ହେବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ହୋଇଥିଲା। ରାଜ୍ୟ ସଭାର ୨୪୫ ଏବଂ ଲୋକ ସଭାର ୫୪୩ ସଦସ୍ୟଙ୍କୁ ନେଇ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ୭୮୮ ସଦସ୍ୟ ରହିଥିବାବେଳେ ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେବାପାଇଁ ଯୋଗ୍ୟ। ତେବେ ସମ୍ପ୍ରତି ରାଜ୍ୟ ସଭାର ୬ ଓ ଲୋକ ସଭାର ଗୋଟିଏ ଆସନ ଖାଲିଥିବାରୁ ଇଲେକ୍ଟୋରାଲ କଲେଜ ସାମର୍ଥ୍ୟ ୭୮୧ ରହିଛି। ବିଜେଡିର ୭ ଏବଂ ବିଆର୍‌ଏସ୍‌ର ୪ ରାଜ୍ୟ ସଭା ସଦସ୍ୟ ଭୋଟ ଦେବାରୁ ବିରତ ରହିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

### ଆଜି ରାଜ୍ୟ...


୧୧ଟି ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ 'ସୁଭଦ୍ରା'ଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୩,୫୦୦ଟଙ୍କା(୮୦ ବର୍ଷରୁ ଉର୍ଦ୍ଧ୍ୱ)କୁ ବୃଦ୍ଧି କରିବା ଭଳି ଲୋକାଭିମୁଖୀ ଯୋଜନା ରହିଛି। ତେବେ ବୁଧବାର ଅନୁଷ୍ଠିତ ହେବାକୁଥିବା କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର କେଉଁସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେବେ ତାହା ଉପରେ ରହିଛି ରାଜ୍ୟବାସୀଙ୍କ ନଜର।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ...

ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ୍‌ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଥିଲେ। ସରକାର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରି କି ସେମାନେ ପାର୍ଲାମେଣ୍ଟକୁ ଧସେଇ ପଶିଥିଲେ, ଯାହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ସୋମବାର ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ସରକାର ସୋସିଆଲ ମିଡିଆ ଉପରୁ ବ୍ୟାନ୍ ହଟାଇ ଦେଇଥିଲେ ମଧ୍ୟ ଲୋକଙ୍କ ଆକ୍ରୋଶ କମି ନ ଥିଲା। ମଙ୍ଗଳବାର ଏହା ଆହୁରି ଉଗ୍ରରୂପ ଧାରଣ କରିଥିଲା।

ସୋସିଆଲ ମିଡିଆ ଉପରେ ନିଷେଧାଦେଶ, ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣକୁ ନେଇ କ୍ଷୁବ୍ଧ ଯୁବ ପିଢ଼ି କର୍ଫ୍ୟୁକୁ ଖାତିର ନ କରି ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ଯୋଗୁ ବିଭିନ୍ନ ସହରରେ ସୁରକ୍ଷା ବଳ ସହ ସଂଘର୍ଷ ହୋଇଥିଲା। ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ଦେଶର ବିଭିନ୍ନ ଭାଗରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ସେମାନେ ପାର୍ଲାମେଣ୍ଟ ଭବନ, ଦେଶର ସୁପ୍ରିମକୋର୍ଟ, ରାଷ୍ଟ୍ରପତି ପୌଡେଲ ଏବଂ ପ୍ରଧାନମନ୍ତ୍ରୀ ଓଲିଙ୍କ ଘରୋଇ ବାସଭବନରେ ନିଆଁ ଲଗାଇଦେଇଥିଲେ। ରାଷ୍ଟ୍ରପତିଙ୍କ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଓରଫ ପ୍ରଚଣ୍ଡ ଏବଂ ଶେର୍‌ବାହାଦୁର ଦେଉବା, ଶକ୍ତିମନ୍ତ୍ରୀ ଦୀପକ ଖାଡ୍‌କାଙ୍କ ଘର ମଧ୍ୟ ଭଙ୍ଗାରୁଜାରୁ ବର୍ତ୍ତିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖାନଲଙ୍କ କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ଘରେ ବିକ୍ଷୋଭକାରୀ ନିଆଁ ଲଗାଇଦେବାରୁ ଭିତରେ ରହିଯାଇଥିବା ତାଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ଘଟିଛି। ସିଂହ ଦରବାର ପରିସର, ଦଳୀୟ କାର୍ଯ୍ୟାଳୟ ଓ ବରିଷ୍ଠ ନେତାମାନଙ୍କ ଘରେ ବିକ୍ଷୋଭକାରୀ ପୋଡ଼ାଜଳା କରିଛନ୍ତି। କାଠମାଣ୍ଡୁ ରାସ୍ତାରେ ସେମାନେ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଗୋଇଠା ମାରି ତଳେ ପକାଇଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ଏବଂ ସରକାରଙ୍କଠାରୁ ଦୂରେଇଯିବା ପରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବା ପାଇଁ ଚାପ ଜୋର୍‌ଦାର ହୋଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ପୌଡେଲ ଇସ୍ତଫା ଦେଇଛନ୍ତି। ଗତବର୍ଷ କେ.ପି. ଶର୍ମା ଓଲି ନେପାଳୀ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ମେଣ୍ଟ ସରକାର ଗଢ଼ିଥିଲେ। ଦେଶରେ ନେତୃତ୍ୱ ସଙ୍କଟ ଦେଖାଦେବା ପରେ ସେନା ଓ ଅନ୍ୟ ସୁରକ୍ଷା ବାହିନୀର ମୁଖ୍ୟମାନେ ଏକ ମିଳିତ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ମିଳିତ ବିବୃତିରେ ନେପାଳୀ ସେନା ମୁଖ୍ୟ ଅଶୋକ ରାଜ ସିଗ୍‌ଡେଲ୍, ନେପାଳ ସରକାରଙ୍କ ମୁଖ୍ୟ ସଚିବ ଏକନାରାୟଣ ଆର୍ଯ୍ୟାଲ, ଗୃହ ସଚିବ ଗୋକର୍ଣ୍ଣ ଦୱାଡ଼ି, ସଶସ୍ତ୍ର ପୋଲିସ ବଳ ମୁଖ୍ୟ ରାଜୁ ଆର୍ଯ୍ୟାଲ, ପୋଲିସ ଆଇଜି ଚନ୍ଦ୍ର କୁବେର ଖପୁଙ୍ଗ ଏବଂ ଜାତୀୟ ତଦନ୍ତ ବିଭାଗ ମୁଖ୍ୟ ହୁତରାଜ ଥାପା ସ୍ୱାକ୍ଷର କରିଛନ୍ତି। କାଠମାଣ୍ଡୁ ମେଟ୍ରୋପଲିଟାନ ସିଟି ମେୟର ବଲେନ ଶାହ ଅନ୍ୟ ଏକ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ପାଇଁ ନିବେଦନ କରିଛନ୍ତି। ସେନାମୁଖ୍ୟଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ହେବାକୁ ସେ କହିବା ସହ ଏହା ପୂର୍ବରୁ ପାର୍ଲାମେଣ୍ଟ ଭଙ୍ଗ ହେବା ଆବଶ୍ୟକ ବୋଲି କହିଛନ୍ତି। ଆନ୍ଦୋଳନ ଜୋର୍‌ଦାର ହେବାରୁ କାଠମାଣ୍ଡୁ ସମେତ ବିଭିନ୍ନ ବିମାନବନ୍ଦର ବନ୍ଦ ରହିଛି।

# ଖାଦ୍ୟନଳୀରୁ ବାହାରିଲା ୨୨ ସେ.ମି.ର ଦାନ୍ତକାଠି



ଖାଦ୍ୟନଳୀରୁ ବାହାରିଥିବା ଦାନ୍ତକାଠି।

## ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୯।୯
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତରଙ୍କ ଏକ ଟିମ୍ ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ଜଣେ ବୃଦ୍ଧଙ୍କ ଖାଦ୍ୟନଳୀରୁ ୨୨ ସେ.ମି.ର ଦାନ୍ତକାଠି ବାହାର କରିଛନ୍ତି। ବୃଦ୍ଧ ଜଣକ ବର୍ତ୍ତମାନ ସୁସ୍ଥ ଅଛନ୍ତି।

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୭୦) କିଛିଦିନ ତଳେ ଦାନ୍ତ ଘଷୁଥିବା ବେଳେ ଦାନ୍ତକାଠି ଗିଳି ଦେଇଥିଲେ। ଏଥିଯୋଗୁ ତାଙ୍କର ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ଦୈନନ୍ଦିନ କାମରେ ଅନେକ ସମସ୍ୟା ଉପୁଜୁଥିଲା। ଏ ବିଷୟରେ ସେ ଘର ଲୋକଙ୍କୁ କହିଥିଲେ ମଧ୍ୟ ପ୍ରଥମେ କେହି ତାଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। କିନ୍ତୁ ଖାଇବାରେ ସମସ୍ୟା ହେବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସପ୍ତାହେ ହେବ ସେ କେବଳ ତରଳ ପଦାର୍ଥ ଖାଇ ରହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଭଞ୍ଜନଗର ଚିକିତ୍ସାଳୟରେ କୌଣସି ସୁଫଳ ନ ମିଳିବାରୁ କାମରାଜୁଙ୍କୁ ଏକାଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନା ନେଇ ଶେଷରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ସୋମବାର କାମରାଜୁ ନାସା, ଗଳା କର୍ଣ୍ଣ (ଇଏନ୍‌ଟି) ବିଭାଗରେ ଭର୍ତ୍ତି ହୋଇଥିଲେ। ଇଏନ୍‌ଟି ବିଭାଗର ମୁଖ୍ୟ ସଞ୍ଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଯିବାରୁ ଖାଦ୍ୟନଳୀରେ ଦାନ୍ତକାଠି ଥିବା ଜଣାପଡିଥିଲା। ମଙ୍ଗଳବାର ଡା. ମିଶ୍ରଙ୍କ ନେତୃତ୍ୱରେ ଡା. ସରିତା ଦାସ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସାତୀ ସ୍ୱରୂପ, ଡା. ସରିତା ମାରାଣ୍ଡି, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ ମିଶି ଏକ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି।

# ଜବରଦଖଲରେ ବାୟୁସେନାର ଜାଗା

ଭୋଗରାଇ,୯।୯ (ପ୍ରଦୀପ ଦାସ)




ତାଳସାରୀଠାରେ ବାୟୁସେନା ପକ୍ଷରୁ ଲଗାଯାଇଥିବା ଫଳକ।

ସମ୍ପ୍ରତି ଭାରତର ଅର୍ଥନୈତିକ ଓ ସାମରିକ ଶକ୍ତି ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣବଶତଃ ବିଭିନ୍ନ ସ୍ଥାନରେ ସ୍ଥଗିତ ରହିଥିବା ପ୍ରତିରକ୍ଷା ବିଭାଗ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ୯୦ ଦଶକରେ ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ବେଳାଭୂମିଠାରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା କଲେଇକୁଣ୍ଡା ବାୟୁସେନା ବିଭାଗ ପକ୍ଷରୁ ମାନବବିହୀନ କ୍ଷେପଣାସ୍ତ୍ର ପରୀକ୍ଷା ସମୁଦ୍ର ମଧ୍ୟକୁ କରାଯାଇଥିଲା। ଏଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ଏକର ଜାଗା ନିଆଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସାଇନବୋର୍ଡରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବା ସୂଚନା ଲେଖାଥିବା ବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନିଷେଧାଜ୍ଞା ଜାରି କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଛୋଟ ଘର କରାଯାଇ ୪ଜଣ ସିକ୍ୟୁରିଟି ଗାର୍ଡ ମଧ୍ୟ ଡ୍ୟୁଟିରେ ରହିଥିବା ନଜରକୁ ଆସିଛି। ସେଠାରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାକୁ ବେଆଇନ ଜବରଦଖଲ କରି ତାରବାଡ଼ କରି ଘେରି ରଖିଥିବା ଅଭିଯୋଗ ହୋଇଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କୋଷ୍ଟାଲ ରେଗୁଲେଶନ ଜୋନ( ସିଆରଜେଡ) ୧୯୮୬ ଅନୁଯାୟୀ ସମୁଦ୍ରକୂଳରୁ ୫୦୦ମିଟର ଦୂର ମଧ୍ୟରେ କେହି ବ୍ୟକ୍ତି ଜମି ଅଧିଗ୍ରହଣ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ବେଳେ ତାଳସାରୀ ଚଢ଼ରେ କିପରି ବାଲି ପାହାଡ଼ କ୍ରୟ ବିକ୍ରୟ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। ଏପରିକି ଉକ୍ତ ମନ୍ତ୍ରଣାଳୟ ପରିସର ନିକଟରେ ସଂଖ୍ୟାଲଘୁ ଶ୍ରେଣୀର ସନ୍ଦିଗ୍ଧ ଜଣେ ବାଂଲାଦେଶୀଙ୍କ ହୋଟେଲ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କେତେକ ବାଂଲାଦେଶୀ ମତ୍ସ୍ୟଜୀବୀ ରହିଥିବା ଅଭିଯୋଗ ହୋଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଧାର ଓ ଭୋଟ ପରିଚୟପତ୍ର ଏଏନ୍‌ଆଇ ଯାଞ୍ଚ କଲେ ସେମାନେ ଭାରତୀୟ କି ବାଂଲାଦେଶୀ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ, ଭଦ୍ରକ ହୁଇଲର ଦ୍ୱୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ହୋଇଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଶତ୍ରୁରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରଣାଳୟ ସଶକ୍ତ ହେଉଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ଏୟାରବେସର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଓ ପ୍ରତିରକ୍ଷା ବିଭାଗ ଅଣ୍ଟା ଭିଡୁଥିବା ବେଳେ ମେଦିନୀପୁର କଲେଇକୁଣ୍ଡା ବାୟୁସେନା ତାଳସାରୀଠାରେ ବାୟୁସେନା ବିଭାଗର ଅଫିସରମାନଙ୍କର ଘନ ଘନ ତଦାରଖ, ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟି ତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନା ଘାଟି କିମ୍ବା ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକ ତାଳସାରୀଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆମକୁ କୌଣସି ସୂଚନା ମିଳି ନ ଥିବା କହିଛନ୍ତି। ପ୍ରତିରକ୍ଷା ବିଭାଗ ନେଇଥିବା ସ୍ଥାନ ଏବଂ ଏହାର ଆଖପାଖ ସରକାରୀ ଜାଗାରୁ ବେଆଇନ ଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ଧରିତ୍ରୀକୁ ସୂଚନା ଦେଇଛନ୍ତି।

# ବିଓଇଙ୍କୁ ମିଳିବ ଗାଡ଼ି

## ବିଭାଗ ଲୋଡ଼ିଲା ତଥ୍ୟ; ପରଖିବେ ଗୁଣବତ୍ତା ଶିକ୍ଷା

ଭୁବନେଶ୍ୱର,୯।୯
(ରବିନାରାୟଣ ଜେନା)

ରାଜ୍ୟରେ ତୃଣମୂଳସ୍ତରରେ ଶିକ୍ଷାକୁ ସାର୍ବଜନୀନ କରିବା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ପାଠ ପ୍ରତି ଆଗ୍ରହ ଜନ୍ମାଇବା ଏବଂ ଗୁଣବତ୍ତା ଶିକ୍ଷା ଯୋଗାଇଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ଏହାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଗାଡ଼ି ଯୋଗାଇଦେବା ଲାଗି ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ମଙ୍ଗଳବାର ଏ ସଂକ୍ରାନ୍ତରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୀପ୍ତିରାଣୀ ସାହୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଓସେପାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସବୁ ବିଇଓଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେକରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେତେସଂଖ୍ୟକ ଗାଡ଼ି ଆବଶ୍ୟକ, ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ଅତିରିକ୍ତ ସଚିବ ଦର୍ଶାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଯେଭଳି ଠିକ୍ ଭାବେ ତଦାରଖ ହୋଇପାରିବ ଏବଂ ଯୋଜନାଗୁଡ଼ିକ ସଫଳ ହେବ, ତାହା ହିଁ ସରକାରଙ୍କ ଆଭିମୁଖ୍ୟ। ଏହାକୁ ଦୃଷ୍ଟିରେ ରଖି କେତେ ଗାଡ଼ି ବିଇଓଙ୍କ ପାଇଁ ଆବଶ୍ୟକ ତା'ର ଚୂଡ଼ାନ୍ତ ରିପୋର୍ଟ ତୁରନ୍ତ ପଠାଇବାକୁ ସେ ଦର୍ଶାଇଛନ୍ତି।

# ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

ଉମରକୋଟ, ୯।୯
(ସନ୍ତୋଷ ଶତପଥୀ)

ଯେକୌଣସି ରୋଗ ହେଉ କିମ୍ବା ସାପ କାମୁଡ଼ୁ ଏ ସବୁ କ୍ଷେତ୍ରରେ ଗୁଣିଆ ଦିଶାରୀଙ୍କ ପାଖକୁ ନ ଯାଇ ଡାକ୍ତରଖାନାକୁ ଯିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। କିନ୍ତୁ ଲୋକେ ଏବେ ବି ସଚେତନ ହେଉନାହାନ୍ତି। ଫଳରେ ଅନେକ ଜୀବନ ଚାଲିଯାଉଛି। ଏହାର ସଦ୍ୟ ଉଦାହରଣ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ରାଜପୁର ଗ୍ରାମରେ ଦେଖିବାକୁ ମିଳିଛି। ଶୋଇଥିବା ଅବସ୍ଥାରେ ସୋମବାର ରାତିରେ ଏକ ବିଷାକ୍ତ ସାପ ସୁକୁରାମ ହରିଜନଙ୍କ ଝିଅ ଅମିତା (୧୧) ଓ ୯ ମାସର ପୁଅ ରତୁରାଜଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ଗୁଣିଆଙ୍କ ପାଖକୁ ନେଇଥିଲେ। ଅଧିକ ଗୁରୁତର ହେବାରୁ ସେଠାରୁ ଡାକ୍ତରଖାନା ଆଣିଥିଲେ, କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ ସୋମବାର ରାତିରେ ସୁକୁରାମ ତାଙ୍କ ସ୍ତ୍ରୀ ହେମବତୀ, ଝିଅ ଅମିତା, ପୁଅ ରତୁରାଜ ଓ ପରିବାରର ଅନ୍ୟ ସଦସ୍ୟମାନେ ରାତ୍ରିଭୋଜନ ପରେ ଶୋଇଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ଅମିତା ଓ ରତୁରାଜଙ୍କୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଝିଅ ଓ ପୁଅଙ୍କୁ ଗୁରୁତର ଅବସ୍ଥାରେ ଦେଖି ପରିବାର ଲୋକେ ଏହାର କାରଣ ଜାଣିପାରି ନ ଥିଲେ। କିଛି ସମୟ ପରେ ଘର ଭିତରେ ବୁଲୁଥିବା ବିଷାକ୍ତ ସାପକୁ ଦେଖିଥିଲେ। ପିଲାମାନଙ୍କୁ ସାପ କାମୁଡ଼ିଥିବା ଅନୁମାନକରି ଉଭୟଙ୍କୁ ଗାଁ ନିକଟରେ ଥିବା ଜଣେ ଗୁଣିଆଙ୍କ ପାଖକୁ ନେଇ ଚିକିତ୍ସା କରିଥିଲେ। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଭୋର ୪ଟାରେ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହୁଏତ ପିଲା ୨ ଜଣଙ୍କ ଜୀବନ ବଞ୍ଚିପାରିଥାଆନ୍ତା ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା କହିଛନ୍ତି। ଘଟଣାକୁ ନେଇ ଡାବୁଗାଁ ଥାନା ଅଧୀନ ସିଂସାରୀ ଫାଣ୍ଡିରେ କେସ୍ ନଂ. ୨୭/୨୫ ଓ ୨୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଫାଣ୍ଡି ଏସ୍‌ଆଇ ହରିହର ଭତ୍ରା ତଦନ୍ତ କରୁଛନ୍ତି। ଉମରକୋଟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜପୁର ଗ୍ରାମରେ ଅମିତା ଓ ରତୁରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବିନା ଅନୁମତିରେ ବିଛାଯାଇପାରିବନି ନଦୀ, ଜଳାଶୟରେ ପାଇପ୍‌ଲାଇନ୍

## ଜଳସମ୍ପଦ ବିଭାଗ ଜାରିକଲା ଏସ୍‌ଓପି

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ନଦୀ ଓ ଜଳାଶୟରେ ଏଣିକି ମନଇଚ୍ଛା ପାଇପ୍‌ଲାଇନ୍ ବିଛାଯାଇପାରିବ ନାହିଁ। ଏଥିପାଇଁ ଜଳସମ୍ପଦ ବିଭାଗର ରାଇଟ୍ ଅଫ୍ ୱେ(ଆର୍‌ଓଡବ୍ଲ୍ୟୁ)ର ଅନୁମତି ଲୋଡ଼ା। ଏ ସଂକ୍ରାନ୍ତରେ ଗତ ସୋମବାର ଜଳସମ୍ପଦ ବିଭାଗ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି କରାଯାଇଛି। ଏଥିରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ନଦୀ ଓ ଜଳାଶୟରେ ପାଇପ୍‌ଲାଇନ୍ ବିଛା ବ୍ୟବସ୍ଥାକୁ ସରଳ, ସୁଗମ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌କୁ ବଳ ଦେବ। ଏହାସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଏସ୍‌ଓପି ଜାରି କରାଯାଇଛି। ଏଥିରେ ବିଭାଗ ପକ୍ଷରୁ କେତେକ ସର୍ତ୍ତ ରଖାଯାଇଛି।

ଏସ୍‌ଓପି ଅନୁଯାୟୀ, ନଦୀ ଓ ଜଳାଶୟରେ ପାଇପ୍ ବିଛାଇବାକୁ ହେଲେ ଏକମାତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଆର୍‌ଓଡବ୍ଲ୍ୟୁ ଅନୁମୋଦନ ପାଇଁ ଆବେଦନ କରିବାକୁ ହେବ। ଏହାକୁ ସର୍ବୋଚ୍ଚ ଯନ୍ତ୍ରୀ ଯାଞ୍ଚ କରିବା ପାଇଁ ଧାର୍ଯ୍ୟ ମୁଖ୍ୟ ଅଧିକାରୀଙ୍କ ନିକଟକୁ ପଠାଇବେ। ବିଭାଗୀୟ ଅଧିକାରୀମାନେ ପ୍ରଥମେ ପ୍ରସ୍ତାବଟିକୁ ଯାଞ୍ଚ କରିବେ। ଏହାପରେ ଆବେଦନକାରୀ ପ୍ରତିନିଧିଙ୍କ ସହ ଯୁଗ୍ମ ଭାବେ କ୍ଷେତ୍ର ପରିଦର୍ଶନ କରିବେ। ପ୍ରସ୍ତାବିତ ଆଲାଇନ୍‌ମେଣ୍ଟ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର ଓ କ୍ରସିଂ ସ୍ଥାନଗୁଡ଼ିକ ଯାଞ୍ଚ କରାଯିବ। ଆଲାଇନ୍‌ମେଣ୍ଟ ଡିଓଡବ୍ଲ୍ୟୁଆର୍ ଜମିର ଶେଷଭାଗରେ ହେବା ଉଚିତ୍ ଏବଂ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ,ପରିବର୍ତ୍ତନ ଇତ୍ୟାଦି ଯେଭଳି କ୍ଷତିଗ୍ରସ୍ତ ହେବାର ଆଶଙ୍କା ନ ଉପୁଜିବ ତାହାକୁ ଧ୍ୟାନଦେବାର ଆବଶ୍ୟକତା ରହିଛି। ଏହାପରେ ବିଭିନ୍ନ ସ୍ତରରେ ଯାଞ୍ଚ ହେବା ପରେ ଯଦି ଆବେଦନଟି ଯୋଗ୍ୟ ଲାଗିବ, ତା'ହେଲେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏହାକୁ ଅନୁମୋଦନ ଦେଇପାରିବେ। ଏହି ଅନୁମୋଦନ ପ୍ରକ୍ରିୟା ୪୫ ଦିନ ମଧ୍ୟରେ ଶେଷ କରିବାକୁ ପଡ଼ିବ। ସେହିପରି କୌଣସି ପ୍ରସ୍ତାବର ପରୀକ୍ଷଣ ବେଳେ ଏହାର ଆବଶ୍ୟକ ସଂଶୋଧନ ପାଇଁ ମଧ୍ୟ ପରାମର୍ଶ ଦେବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

# 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍



ମୁମ୍ବାଇ: ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଶୁଟିଂ ଆରମ୍ଭ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହାସହ ସଲ୍‌ମାନ ଫିଲ୍ମ ଶୁଟିଂ ସମୟର ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ସଲମାନ ସେନା ପୋଷାକ ପିନ୍ଧିଥିବା ସହ ଦେଶପ୍ରେମରେ ବୁଡ଼ି ରହିଥିବାର ନଜରକୁ ଆସିଛନ୍ତି। ସଲ୍‌ମାନଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶନାରେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ' ଫିଲ୍ମ ନିର୍ମିତ ହେଉଛି। ୨୦୨୦ ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନିକଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଯୁଦ୍ଧକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ କମାଣ୍ଡିଂ ଅଫିସର କଲୋନେଲ ବିକ୍କୁମଲ୍ଲା ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ନଜରକୁ ଆସିବେ। ସେହିପରି ଏହି ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂଙ୍କୁ ଦେଖିବାକୁ ମିଳିବ।

# ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ୩ ବିଭାଗର ରିପୋର୍ଟ ପ୍ରଦାନ

## ଆଜି ସୁଭଦ୍ରା ସମୀକ୍ଷା ବୈଠକ

ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏକ ସମୀକ୍ଷା ବୈଠକ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ସାମିଲକରିବା ଲାଗି ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଏହାସହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍‌ଦେବା ଲାଗି ଯୋଜନା କରାଯିବ। ସୁଭଦ୍ରା ସମୀକ୍ଷା ବୈଠକ ପୂର୍ବରୁ ୩ଟି ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ଲୋଡ଼ାଯାଇଥିଲା। ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ତଥ୍ୟ ମଗାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାହାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। କେଉଁ ମହିଳାମାନଙ୍କ ନାଁରେ ୩ ଚକିଆ ଯାନ ରହିଛି ସେମାନଙ୍କ ରିପୋର୍ଟ ପ୍ରଦାନ କରିବାକୁ ପରିବହନ ବିଭାଗକୁ କୁହାଯାଇଥିଲା। ଏହି ସମସ୍ତ ୩ ବିଭାଗ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପ୍ରଦାନ କରାଯାଇସାରିଛି। ଉକ୍ତ ତଥ୍ୟ ଆଧାରରେ ସୁଭଦ୍ରା ଯୋଜନାର ସମୀକ୍ଷା ଖୋଦ୍ ଉପମୁଖ୍ୟମନ୍ତ୍ରୀ କରିବେ।

# ମହିଳାଙ୍କ ଅବଦାନ ବହୁ କ୍ଷେତ୍ରରେ ପୁରୁଷଙ୍କଠାରୁ ଅଧିକ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୯ (ସୁନିତ୍ ମିଶ୍ର)

ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାଙ୍କୁ ସୁରକ୍ଷାଦେବା ସହ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କଠାରୁ ବି ଅଧିକ ନିଜର। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ। କୁଟୀରଶିଳ୍ପ ଭଳି ବହୁ କ୍ଷେତ୍ରରେ ମହିଳାଙ୍କ ଅବଦାନ ବର୍ତ୍ତମାନ ପୁରୁଷମାନଙ୍କଠାରୁ ଅଧିକ। ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକୈନ୍ଦ୍ରିକ ଅର୍ଥନୀତି ଓ ମହିଳା କୈନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତୃଣମୂଳସ୍ତରରେ ମହିଳା ସୁରକ୍ଷା କେସ୍ ସହ ଜଡ଼ିତ ଆହ୍ୱାନଗୁଡ଼ିକ ବିଷୟରେ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହ ସେ ସମ୍ପର୍କିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ରତି ଜିଲାର ଶକ୍ତି ସଦନ, ୱାନ୍ ଷ୍ଟପ୍ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୧.୨୧ କୋଟିର ମାଦକଦ୍ରବ୍ୟ ଜବତ, ୧୪୭ ଗିରଫ

ଭୁବନେଶ୍ୱର,୯।୯ (ରବିନାରାୟଣ ଜେନା)

ଅବକାରୀ ବିଭାଗ ପକ୍ଷରୁ ୮ମ ଦିନ ଜାରି ରହିଥିବା ଚଢ଼ାଉ ଅଭିଯାନବେଳେ ୧.୨୧ କୋଟି ଟଙ୍କାର ବେଆଇନ ମାଦକଦ୍ରବ୍ୟ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ୨୫୮ଟି ମାମଲା ପଞ୍ଜୀକୃତ ହୋଇଥିବାବେଳେ ୧୪୭ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଜବତ ସାମଗ୍ରୀ ମଧ୍ୟରେ ୧୦,୩୬୨ ବଲ୍କ ଲିଟର(ବ୍ୟାରେଲ୍) ୪୭୧ ଆଇଡି ମଦ ସହିତ ପ୍ରାୟ ୧,୦୦,୦୭୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହାସହିତ ୭,୨୯୪ କେ.ଜି. ମହୁଲ ଫୁଲ, ୨୪ କେ.ଜି. ଭାଙ୍ଗ ଏବଂ ୧୩ଟି ଯାନବାହନ ମଧ୍ୟ ଜବତ ହୋଇଛି। ମାଦକଦ୍ରବ୍ୟ କାରବାରକୁ ନେଇ ଏନ୍‌ଡିପିଏସ୍ ଆଇନ ଅନୁସାରେ ଅବକାରୀ ପୋଲିସ ୮ ମାମଲା ରୁଜୁ କରିଥିବାବେଳେ ୩୪୭ କେ.ଜି. ଗଞ୍ଜେଇ ଜବତ କରାଯାଇଛି। ଅବାଧ ମଦ ଓ ମାଦକଦ୍ରବ୍ୟ କାରବାର ଉପରେ ଜୋର୍‌ଦାର ଧରପଗଡ଼ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ରାଜେନ୍ଦ୍ର ଢୋଲକିଆଙ୍କ ଶେଷକୃତ୍ୟ ସମ୍ପନ୍ନ



ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

ନୂଆପଡ଼ା,୯।୯ (ମକାରୁ ବେମାଲ)

ନୂଆପଡ଼ାର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଖରିଆର ରୋଡ୍ ଜୋଙ୍କ ନଦୀକୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଜୟ ଢୋଲକିଆ ମୁଖାଗ୍ନି ଦେଇଥିଲେ। ଏମ୍‌କେସିଜି ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରକୁ ସ୍ୱତନ୍ତ୍ର ବିମାନରେ ରାୟପୁର ଅଣାଯିବା ପରେ ଶୋଭାଯାତ୍ରାରେ ନୂଆପଡ଼ା ଏକତା ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଖରିଆର ରୋଡ୍ ସହର ପରିକ୍ରମା ସମୟରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟଠାରେ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ସହରବାସୀ ଶେଷ ଦର୍ଶନ କରିଥିଲେ। ପରେ ଜୋଙ୍କ ନଦୀକୂଳ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ ହୋଇଛି। । ଶେଷକୃତ୍ୟ ସମ୍ପନ୍ନ ବେଳେ ସ୍ନେହାଙ୍ଗିନୀ ଛୁରିଆ, ବବି ଦାସ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଦିବ୍ୟ ଶଙ୍କର ମିଶ୍ର, ଦେବେଶ ଆଚାର୍ଯ୍ୟ, ନବୀନ ଜୈନ, ଚିନ୍ମୟ ସାହୁ, ଦେବକୀ ସାହୁ, ଟୁକୁନି ସାହୁ, ଅଧୀରାଜ ମୋହନ ପାଣିଗ୍ରାହୀ, ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଲମ୍ବୋଦର ନିଆଲ, ସରୋଜ ମେହେର, ବର୍ଷା ବରିହା ପ୍ରମୁଖ ନେତାଙ୍କ ସମେତ ତାଙ୍କ ଧର୍ମପତ୍ନୀ କଳ୍ପନା, ପୁତ୍ରବଧୂ ସୁମନ, ଭାଇ ଅତୁଲ, ଭାଇବୋହୂ ମିଳନ ଢୋଲକିଆ ଉପସ୍ଥିତ ଥିଲେ।

MAA TARATARINI MULTI GYM REQUIRED
Only Boy Candidate for FRONT OFFICE EXECUTIVE & GYM TRAINER
Interested Candidate may apply:
sagarparida29@gmail.com
Qualification: 12th above
Salary: Negotiable for Experience Candidate
Contact: 9937542268/9337542268

WALK-IN-INTERVIEW
An Interview for the post of Lecturer-in-Sanskrit (Guest Faculty), Lecturer-in-Political Scinece (Self Finance), Lecturer-in-Commerce (Self Finance), Peon (Self Finance), Night Watchman (Self Finance), Sweeper (Self Finance) is scheduled to be held in Pallishree Higher Secondary School, Sindhekela on Dt.21.09.2025 at 11 A.M. to 3 P.M. Interested candidates for said lecturers post having at least 55% of marks in Post Graduation level may attend the interview.
N.B.: No TA, DA will be given to the applicants.
Sd./- Principal-cum-Secretary
Pallishree H.S.S., Sindhekela
Contact No.: 9937697269

सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत
सूचना / NOTICE
"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/ सम्बंधित अनुषंगी कम्पनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"

ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର
ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ
ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026
ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରାସାୟନିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ
କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି) ଦ୍ୱାରା ନଭେମ୍ବର ୨୨ ଓ ୨୩, ୨୦୨୫ ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ) (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ।
୨୦୨୬ ମସିହାର ସମ୍ପୃକ୍ତ ଅନ୍ତର୍ଜାତୀୟ ଅଲିମ୍ପିଆଡ଼ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ।
ନାମ ପଞ୍ଜୀକରଣ ପାଇଁ:
ଏନ୍‌ଏସ୍‌ଇ: https://www.iapt.org.in (ଅଗଷ୍ଟ ୨୧ - ସେପ୍ଟେମ୍ବର ୧୪, ୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in
cbc 48143/12/0007/2526

ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢ଼ିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ-ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି- ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। -ଶ୍ରୀଅରବିନ୍ଦ

# କ୍ରୋଧର ଶିକାର

ନେପାଳରେ ଯୁବପିଢ଼ି ସେଠାକାର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ପରେ ଉପୁଜିଥିବା ସ୍ଥିତିକୁ ନେଇ ସେପ୍ଟେମ୍ବର ୯ରେ 'ଯୁବ ମେଣ୍ଢା' ଶୀର୍ଷକରେ ସମ୍ପାଦକୀୟ ଲେଖିଥିଲୁ। ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା ଯୁବପିଢ଼ିର କର୍ତ୍ତବ୍ୟ ବୋଲି ଦର୍ଶାଇଥିଲୁ। ପରିବର୍ତ୍ତନ ଲାଗି ନେପାଳରେ ଯୁବବର୍ଗର ପ୍ରତିବଦ୍ଧତା ଆଗରେ ସରକାର ମୁଣ୍ଡ ନୁଆଁଇଲା ଭଳି ଛବି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏବେ ଆସିବାରେ ଲାଗିଛି। ସ୍ଥିତି ଏମିତି ସ୍ତରରେ ପହଞ୍ଚିଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲନାଥ ଖନାଲଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି ଓ ରାଷ୍ଟ୍ରପତି ଆର୍. ସି. ପୌଡେଲ ଇସ୍ତଫା ଦେଇଥିବା ବେଳେ ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପୌଡେଲଙ୍କୁ ରାସ୍ତା ଉପରେ ବିକ୍ଷୋଭକାରୀ ଗୋଇଠା ବିଧା ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ରାଜନେତା ନୁହନ୍ତି, ସେଠାକାର ପ୍ରଶାସନିକ ଅଧିକାରୀଙ୍କୁ ପାଣି ଭିତରେ ଗୋଡ଼ାଇ ଗୋଡ଼ାଇ ପିଟିବାର ଦୃଶ୍ୟ ପଦାକୁ ଆସିଛି। ଏମାନେ ଭାବିପାରି ନ ଥିଲେ ଯେ 'ଜେଡ୍ ସିକ୍ୟୁରିଟି' ଓ ପୋଲିସ ସୁରକ୍ଷା ଥିବା ସତ୍ତ୍ୱେ ସେମାନଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ। କୁହାଯାଇପାରେ ଯେ, ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।

> **ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।**

ଦେଖିବାକୁ ଗଲେ ତିନି ବର୍ଷ ମଧ୍ୟରେ ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ବାଂଲାଦେଶ ପରେ ଏବେ ନେପାଳ ଗଣପ୍ରତିବାଦର ସମ୍ମୁଖୀନ ହୋଇ ଶାସକଙ୍କୁ ବିତାଡ଼ିତ କରିଛି। ଜୁଲାଇ ୨୦୨୨ରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଗାଦିଚ୍ୟୁତ ହୋଇ ଦେଶଛାଡ଼ି ପଳାଇଥିଲେ। ସେହିଭଳି ଜୁଲାଇ ୨୦୨୪ରେ ବାଂଲାଦେଶର ହିଂସାତ୍ମକ ପ୍ରତିବାଦ ଯୋଗୁ ଗାଦି ଛାଡ଼ି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ୱାଜେଦ୍ ଭାରତ ପଳାଇ ଆସିଥିଲେ। ଏପରିକି ରାଜନୈତିକ ଦଳର କର୍ମୀ ମଧ୍ୟ ରାସ୍ତାରେ ବାହାରିବା ପାଇଁ ଭୟ କରିଥିଲେ। ପୋଷା ଗୁଣ୍ଡାମାନେ ଲୁଚିବା ପାଇଁ ସ୍ଥାନ ଖୋଜିଥିଲେ। ବାଂଲାଦେଶରେ ହାସିନା ସରକାର ପତନ ବେଳକୁ ଯାହା ଦୃଶ୍ୟ ଦେଖିବାକୁ ମିଳିଥିଲା ତାହା ଏବେ ନେପାଳରେ ପୁନର୍ବାର ଦେଖିବାକୁ ମିଳିଛି। ଏହା ପୂର୍ବରୁ ଶ୍ରୀଲଙ୍କାର ଗୋଟାବାୟାଙ୍କ ଶାସନ ବେଳେ ସାଧାରଣ ନାଗରିକ ଯେଉଁଭଳି ଭାବେ ସରକାରୀ ଲୋକଙ୍କୁ ନିର୍ଘାତ ମାଡ଼ ଦେଲେ ସେଥିରୁ ପ୍ରମାଣ ମିଳୁଛି ଯେ ଉତ୍ତ୍ୟକ୍ତ ଜନତା ମାତିଲେ କୌଣସି ପୋଲିସ, ମିଲିଟାରୀ ବା ଦଳୀୟ ଗୁଣ୍ଡା ସୁରକ୍ଷା ଯୋଗାଇ ପାରନ୍ତି ନାହିଁ। ସମସ୍ତେ ନିଜ ନିଜର ଜୀବନ ବଞ୍ଚାଇ ଦୌଡ଼ିବା ପାଇଁ ଲକ୍ଷ୍ୟ ରଖିଥିବାରୁ ନେତା ଓ ବଡ଼ ଅଫିସରଙ୍କ ସୁରକ୍ଷା ଚିନ୍ତା ବ୍ୟସ୍ତ କରେନାହିଁ। ନେପାଳର ଯୁବବର୍ଗ ଆହୁରି ଆଗକୁ ଯାଇ କେବଳ ଶାସନରେ ଥିବା ନେତା ନୁହନ୍ତି, ଅନ୍ୟ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଦୀର୍ଘବର୍ଷ ଧରି ସେଠାରେ ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ବେକାରି ସମସ୍ୟା ଉତ୍କଟ ହେବା ସହ ସୋସିଆଲ ମିଡିଆର ବ୍ୟାନ୍ ଯୁବପିଢ଼ିର ପୁଞ୍ଜିଭୂତ କ୍ରୋଧକୁ ପରିପ୍ରକାଶ କରାଇଛି। ଏଥିରୁ ବୁଝାପଡ଼ିଯାଉଛି ଯେ, ନାଗରିକଙ୍କ ସ୍ୱାର୍ଥକୁ ଅଣଦେଖା କଲେ କୌଣସି ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ସୁରକ୍ଷିତ ଭାବେ ରହିପାରିବେ ନାହିଁ। ଏହି ଶିକ୍ଷା ଭାରତ ମଧ୍ୟ ନେବା ଦରକାର। ଯେତେବେଳେ କ୍ରୋଧ ଜାଗ୍ରତ ହେବ, ତାହା କେଉଁଭଳି ରୂପ କରିବ କହିହେବ ନାହିଁ। କେହି ଯଦି ଭାବୁଥିବେ ଭାରତରେ ଏଭଳି ହୋଇପାରିବ ନାହିଁ, ଏହା ଏକ ବିରାଟ ଦେଶ, ବଡ଼ବଡ଼ିଆମାନେ ଜେଡ୍ ପ୍ଲସ୍ ସିକ୍ୟୁରିଟିରେ ରହୁଥିବାରୁ ତାଙ୍କୁ କେହି ଛୁଇଁପାରିବେ ନାହିଁ କିମ୍ବା ବିରୋଧୀଙ୍କୁ ଦଳୀୟ କର୍ମୀ ସାମ୍ନା କରିନେବେ ଭଳି ଭ୍ରମ ଧାରଣା ପୋଷଣ କଲେ ତାହା ମାରାତ୍ମକ ମୋଡ଼ ନେଇପାରେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 7 | 8 | | |
| | 5 | | | 6 | | | | |
| | 1 | | 8 | | | 4 | 7 | |
| | 2 | | | 4 | 3 | 5 | 9 | |
| 1 | | | | | | | | |
| | | | | | | 6 | 3 | |
| | 7 | 9 | | | 4 | | | |
| | | | | | | | | |
| 6 | | | 2 | 9 | 5 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 2 | 3 | 8 | 4 | 5 | 6 |
| 8 | 6 | 3 | 7 | 4 | 5 | 2 | 1 | 9 |
| 5 | 2 | 4 | 9 | 6 | 1 | 8 | 3 | 7 |
| 9 | 4 | 2 | 3 | 1 | 7 | 6 | 8 | 5 |
| 7 | 8 | 5 | 6 | 9 | 4 | 3 | 2 | 1 |
| 3 | 1 | 6 | 8 | 5 | 2 | 9 | 7 | 4 |
| 6 | 9 | 8 | 1 | 7 | 3 | 5 | 4 | 2 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 5 | 1 | 4 | 8 | 9 | 7 | 6 | 3 |

ଗତକାଲିର ଉତ୍ତର

# ବୁଝିବାକୁ ୮ ବର୍ଷ ଲାଗିଲା



ସନ୍ତୋଷ କୁମାର ମହାପାତ୍ର

ଜିଏସ୍‌ଟି ବା ସାମଗ୍ରୀ ଓ ସେବା ଟିକସ ଅତ୍ୟନ୍ତ ଜଟିଳ ହେବା ସହ ଏହାର ବୋଝ ଗରିବଙ୍କ ଉପରେ ପଡୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସରେ 'ପରବର୍ତ୍ତୀ ପିଢ଼ିର' ଜିଏସ୍‌ଟି ସଂସ୍କାର ଆଣିବା ପାଇଁ ଘୋଷଣା କରିଥିଲେ। ଅଗଷ୍ଟ ୧୧ରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଦାଖଲ ପ୍ରସ୍ତାବଗୁଡ଼ିକର ସମୀକ୍ଷାକରିବା ପରେ ୩ଟି ଟ୍ୟାକ୍ସ ସ୍ଲାବ୍ ପ୍ରସ୍ତାବ ଦେଇଥିଲେ। ସେପ୍ଟେମ୍ବର ୩ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଜିଏସ୍‌ଟି ହାରରେ ପରିବର୍ତ୍ତନ କରାଯାଇଛି। ଏହା ସେପ୍ଟେମ୍ବର ୨୨ରେ ନବରାତ୍ରର ପ୍ରଥମଦିନରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ୨୦୧୭ରେ ଜିଏସ୍‌ଟି ପ୍ରଚଳନ ପରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ଏହି ସାମଗ୍ରୀ ଏବଂ ସେବା ଟିକସ ସଂସ୍କାରକୁ ପ୍ରଶଂସାକରି କହିଛନ୍ତି, ଏହା ପରିବାର ଉପରେ ବୋଝ କମ୍ କରିବ, ଛୋଟ ବ୍ୟବସାୟକୁ ପ୍ରୋତ୍ସାହିତ କରିବ ଏବଂ ସାଧାରଣ ଲୋକ, ଚାଷୀ, ମହିଳା, ଯୁବକମାନେ ଲାଭବାନ୍ ହେବେ।

କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ଆତ୍ମନିର୍ଭର ଭାରତରେ ଏହା ସହାୟକ ହେବା ସହ ଟ୍ରମ୍ପଙ୍କ ଟାରିଫ ବୃଦ୍ଧିର କୁପ୍ରଭାବକୁ ସମ୍ମୁଖୀନ ହେବାରେ ସାହାଯ୍ୟ କରିବ। ଏହା ଦରଦାମ ହ୍ରାସ କରିବ, ମୁଦ୍ରାସ୍ଫୀତି ହାର ହ୍ରାସ କରିବ, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି କରିବ ଏବଂ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଅନେକ ଅର୍ଥନୀତିଜ୍ଞ କହୁଛନ୍ତି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ଏହି ଜିଏସ୍‌ଟି ସରଳୀକରଣରେ ଏତେ ଭଲ ହୋଇପାରିବ ତେବେ ଏହାକୁ ବୁଝିବାକୁ ସରକାରଙ୍କୁ ୮ ବର୍ଷ ଲାଗିଗଲା କାହିଁକି। ଏହାର ଅର୍ଥ ଦୀର୍ଘ ୮ ବର୍ଷ ଧରି ସରକାର ଲୋକଙ୍କଠାରୁ ବହୁମାତ୍ରାରେ ବା ଚଢ଼ା ଟିକସ ନେଇଛନ୍ତି, ଯାହାକୁ କିଛି ବର୍ତ୍ତମାନ ହ୍ରାସ କରୁଛନ୍ତି। ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ପ୍ରଚଳନ ବେଳେ ଆମେ କହିଥିଲୁ,ଏହା ଜଟିଳ। ଗରିବଙ୍କ ଉପରେ ଅଧିକ ବୋଝ ପଡ଼ିବ, କାରଣ ଗୁଡ଼ାଏ ଟିକସ ସ୍ଲାବ୍ ସହ ଟିକସ ହାର ରେକର୍ଡ ସର୍ବାଧିକ। ବର୍ତ୍ତମାନ ସେଥିରେ କିଛି ଟିକସ ହ୍ରାସ ବା ପରିବର୍ତ୍ତନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଶେଷ ସ୍ୱାଗତଯୋଗ୍ୟ ହେଉଛି ବ୍ୟକ୍ତିଗତ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସ୍‌ଟି ଉଠାଇଦେବା, ଯାହା ପାଇଁ ନିଖିଳ ଭାରତ ବୀମା କର୍ମଚାରୀ ସଙ୍ଗଠନ ଦେଶବ୍ୟାପୀ ସାଂସଦମାନଙ୍କୁ ଭେଟିଥିଲା। କିନ୍ତୁ ଏହାକୁ ନେଇ ରାଜନୈତିକ ଫାଇଦା ପାଇଁ ଚେଷ୍ଟା କରିବା ନିନ୍ଦନୀୟ। ଅବଶ୍ୟ ଲୋକମାନେ ନିଶ୍ଚୟ ଉପକୃତ ହେବେ ଯଦି ବ୍ୟବସାୟୀ , ଉତ୍ପାଦନକାରୀ ବିଭିନ୍ନ ସାମଗ୍ରୀ ଓ ସେବାର ମୂଲ୍ୟ ହ୍ରାସ କରିବେ। କିନ୍ତୁ ତାହା ସମୟ କହିବ। କର୍ପୋରେଟ ଟିକସ ହ୍ରାସବେଳେ ସରକାର ପ୍ରଚାର କରୁଥିଲେ ଘରୋଇ ନିବେଶ ବୃଦ୍ଧିପାଇବ, କିନ୍ତୁ ତାହା ବିପରୀତ ହୋଇଛି।




ଜିଏସ୍‌ଟି ଆରମ୍ଭ ବେଳେ ଏହାକୁ ଏକ ଦେଶ, ଏକ ଟିକସ ଓ ଏକ ବଜାର ଆଖ୍ୟା ଦିଆଯାଇ ଏହା ଟିକସ ଫାଙ୍କି ରୋକିବା ସହ ଟିକସ ଉପରେ ଟିକସ ପଡ଼ିବାକୁ ରୋକିବ, ବିଭିନ୍ନ ମୂଲ୍ୟ ହ୍ରାସ ପାଇବ,ଦରଦାମ ହ୍ରାସ ପାଇବ ଓ ଟିକସ ଆଦାୟ ସହଜ ହେବ ବୋଲି କୁହାଯାଇଥିଲା। କିନ୍ତୁ ଦରଦାମ ହ୍ରାସ ପାଇନାହିଁ କି ଟିକସ ଫାଙ୍କି ରୋକାଯାଇପାରିନାହିଁ। ଡାଇରେକ୍ଟର ଜେନେରାଲ ଅଫ୍ ଦି ଇଣ୍ଟେଲିଜେନ୍ସ ଅନୁସାରେ ଗତ ୫ ବର୍ଷରେ ୭.୦୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଟିକସ ଫାଙ୍କି ହୋଇଛି। କେବଳ ୨୦୨୩-୨୪ରେ ଏହାର ପରିମାଣ ୨.୩୦ ଲକ୍ଷ କୋଟି ଟଙ୍କା। ଜିଏସ୍‌ଟି ଲାଗୁହେବା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଅଲଗା ଅଲଗା ଟିକସ ଅସୁଲ କରୁଥିଲେ। ଜିଏସ୍‌ଟିରେ ୧୭ଟି କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ଓ ୧୩ଟି ସେସ୍ ଅନ୍ତର୍ଭୁକ୍ତ। ମଦ ,ତମାଖୁ ଉପରେ ରାଜ୍ୟ ଅବକାରୀ ଶୁଳ୍କ ଓ ପେଟ୍ରୋଲିୟମ ସାମଗ୍ରୀ ଉପରେ ଭାଟ୍ ପୂର୍ବପରି ଲାଗୁରହିଥିଲା। ସମ୍ପତ୍ତିରେ ଷ୍ଟାମ୍ପ ଡ୍ୟୁଟି, ବିଦ୍ୟୁତ୍ ଶୁଳ୍କ, ଯାନ ରେଜିଷ୍ଟ୍ରେଶନ ଟିକସ, ସ୍ଥାନୀୟ ସଂସ୍ଥାର ଘରବାଡ଼ି ଉପରେ ହୋଲ୍ଡିଂ ବା ସମ୍ପତ୍ତି କର ଆଦି ରାଜ୍ୟ ଆଦାୟ କରୁଛି। କେନ୍ଦ୍ରର ପେଟ୍ରୋଲିୟମ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ କି ଏହି ସଂସ୍କାର ପରେ ମଧ୍ୟ ହୋଇନାହିଁ। ଏତେଗୁଡ଼ିଏ ପରୋକ୍ଷ କର ରହିବା ଅନୁଚିତ। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ହେବା ଉଚିତ। ପେଟ୍ରୋଲିୟମ ସାମଗ୍ରୀ ଉପରେ ୫୦ରୁ ୬୦% ଶୁଳ୍କ ଆଦାୟ କରାଯାଉଛି। ୨୦୧୪ ପରଠାରୁ ୩୦୦ ପ୍ରତିଶତ ଉତ୍ପାଦ ଶୁଳ୍କ ବୃଦ୍ଧି ଯୋଗୁ ଭାରତୀୟମାନେ ଇନ୍ଧନ ଉପରେ ସେମାନଙ୍କ ଆୟର ୨୨% ଖର୍ଚ୍ଚ କରନ୍ତି, ଯାହା ବିଶ୍ୱ ସ୍ତରରେ ସର୍ବାଧିକ।

ସଂସ୍କାର ପୂର୍ବରୁ ଜିଏସ୍‌ଟି ହାର ଶୂନ , ୦.୨୫% , ୧.୫% , ୩% , ୫%, ୧୨% , ୧୮ % ଏବଂ ୨୮% ରହିଛି। ବର୍ତ୍ତମାନର ୧୨% ଓ ୨୮ % ଟ୍ୟାକ୍ସ ସ୍ଲାବ୍ ଉଚ୍ଛେଦ କରାଯାଇଛି। ୨ ପ୍ରକାର ଷ୍ଟାଣ୍ଡାର୍ଡ ବା ମାନକ ଓ ମେରିଟ୍ ବା ଯୋଗ୍ୟତା ଜିଏସ୍‌ଟି ସ୍ଲାବ୍ ଯଥା ୫% , ୧୮% ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଧନିକ ଶ୍ରେଣୀକୁ ସୁହାଇଲା ପରି ହୀରା, ମୂଲ୍ୟବାନ୍/ଅର୍ଦ୍ଧ ମୂଲ୍ୟବାନ୍ ପଥର, ଅଶୋଧିତ ହୀରାରେ ୦.୨୫%; ପରିଶୋଧିତ ହୀରାରେ ୧.୫% ; ସୁନା,ମୁକ୍ତା ,ସୁନା ବାର୍ , କଏନ, ଡିଜିଟାଲ ଗୋଲ୍ଡ, ଗହଣାରେ ୩% ଜିଏସ୍‌ଟି ପୂର୍ବପରି ରହିବ। ଏହା ବ୍ୟତୀତ ବିଳାସପୂର୍ଣ୍ଣ ଏବଂ ଉଚ୍ଚ-ସମ୍ପନ୍ନ ସାମଗ୍ରୀ ଓ ତମାଖୁ ଏବଂ ପାନମସଲା ଇତ୍ୟାଦି ନିଶା ସାମଗ୍ରୀ ଉପରେ ଯେଉଁ ୨୮% ଓ ବିଭିନ୍ନ ହାରର ସେସ୍ ଥିଲା ତାକୁ ଉଚ୍ଛେଦ କରାଯାଇଛି ଓ ୪୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ବର୍ତ୍ତମାନ ୧୨% ସ୍ଲାବ୍ ଥିବା ୯୯% ସାମଗ୍ରୀ ୫% ହାରକୁ ସ୍ଥାନାନ୍ତରିତ ହେବ ଏବଂ ୨୮% ବର୍ଗରେ ଥିବା ୯୦% ସାମଗ୍ରୀ ଏବଂ ସେବା ୧୮% ସାମଗ୍ରୀକୁ ସ୍ଥାନାନ୍ତରିତ ହେବ ବୋଲି କୁହାଯାଉଛି। କିନ୍ତୁ ୨୮% ଉପରେ ଯେଉଁ ସେସ୍ ଲାଗୁଥିଲା ତାହା ଉଠାଇ ଦିଆଯାଇଛି। ଜିଏସ୍‌ଟି ପ୍ରଚଳନ ବେଳେ ରାଜ୍ୟଗୁଡ଼ିକ ଯେଉଁ କ୍ଷତି ସହିବାକୁ ପଡ଼ିଥିଲା ତାହା ଭରଣା ପାଇଁ ସେସ୍ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହା ପରେ ଲାଗୁହେବ।

ଉଲ୍ଲେଖଯୋଗ୍ୟ, ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨%ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କରିଲା ବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ପୁନଶ୍ଚ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ ହୋଇଛି। ଅବଶ୍ୟ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ, କାରଣ ସେମାନେ ମୋଟ ବ୍ୟୟ ୬୨% କଲାବେଳେ ଟିକସ ଆଦାୟ କରିବାର କ୍ଷମତା ମାତ୍ର ୩୮% ଅବଶ୍ୟ। କେନ୍ଦ୍ର ଅଧିକ ସହାୟତା ଦେଇ ପରିବର୍ତ୍ତନ ଆଣିପାରିବ । ସରକାର ୨୦୧୯-୨୦ ରୁ ୨୦୨୪-୨୫ ମଧ୍ୟରେ ୨୨.୨୧ ଲକ୍ଷ କୋଟି ଟଙ୍କା ସେସ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ରାଜ୍ୟର କୌଣସି ଅଂଶ ନାହିଁ। କେବଳ ୨୦୨୩-୨୪ରେ ୩,୮୬,୬୩୦ କୋଟି ଟଙ୍କା ସଂଗ୍ରହ ହୋଇଛି। ଯଦିଓ ଅର୍ଥ କମିଶନ ବିଭାଜିତ ପୁଲ୍‌ରୁ ରାଜସ୍ୱର ୪୨% ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ କରିବାକୁ ସୁପାରିସ କରିଛନ୍ତି, ମାତ୍ର ୩୧% ରାଜ୍ୟଗୁଡ଼ିକ ପ୍ରାପ୍ତ ହେଉଛନ୍ତି । ତେଣୁ ସେସ୍ ବିଭାଜିତ ପୁଲ୍‌ର ଅଂଶ ହେବା ଉଚିତ ଏବଂ ବିଭାଜିତ ପୁଲ୍‌ରେ ରାଜ୍ୟଗୁଡ଼ିକର ଅଂଶ ବୃଦ୍ଧି କରାଯିବା ଉଚିତ। ଜିଏସ୍‌ଟି ସଂସ୍କାର ଯୋଗୁ ରାଜ୍ୟଗୁଡ଼ିକର ଯାହା ରାଜସ୍ୱ କ୍ଷତି ହେବ ବା ଭବିଷ୍ୟତରେ ହେବା ସମ୍ଭାବନା ଅଛି , ତାକୁ କେନ୍ଦ୍ର ଭରଣା କରିବା ଉଚିତ।

ମୋ:୯୪୩୭୨୦୮୭୬୨

# ପରଲୋକରୁ ପତ୍ର



ଉପେନ୍ଦ୍ର ବିଶ୍ୱାଳ

ହେ ସ୍ନେହାସ୍ପଦ ପୁତ୍ର/ ପୌତ୍ର/ ପ୍ରପୌତ୍ରଗଣ, ପରଲୋକରୁ ତୁମମାନଙ୍କୁ ଆମର କୋଟିଏ ଆଶିଷ। ମର୍ତ୍ତ୍ୟଲୋକରେ ଏବେ ଆରମ୍ଭ ହୋଇଯାଇଛି ପିତୃପକ୍ଷ। ଆମକୁ ସ୍ମରଣ ପୂର୍ବକ ସସମ୍ମାନ ଆମ ପାଇଁ ଶ୍ରାଦ୍ଧ ଓ ତର୍ପଣର ବ୍ୟବସ୍ଥା କରୁଛ ଆଜି। ଏହି ସମୟରେ ମର୍ତ୍ତ୍ୟଲୋକରେ ତୁମେ ଯେମିତି ଆମକୁ ସ୍ମରଣ କର, ପିତୃଲୋକରେ ଥାଇ ଆମେ ବି ବେଶି ଭାଳି ହେଉ ତୁମମାନଙ୍କ କଥା। ଆଜି ସବୁଠୁ ବିଷାଦ ଏବଂ ବିଡ଼ମ୍ବନାର ବିଷୟ ଯାହା ଆମକୁ ବିଚଳିତ କରୁଛି, ତାହା ହେଲା ପିଲା ଓ ଯୁବାଙ୍କ ଭିତରେ ବଢୁଥିବା ଆତ୍ମହତ୍ୟା ପ୍ରବଣତା। କିଟ୍‌ରୁ କୋଟା, ବାଲେଶ୍ୱରରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ପିଲାଙ୍କ ଆତ୍ମହତ୍ୟା ଖବର ଆମକୁ ମ୍ରିୟମାଣ କରୁଛି। ଜୀବନ ହାରିଦେବା କଦାପି ପାରିବାପଣିଆ ନୁହେଁ ବରଂ ଭୀରୁଙ୍କ ବ୍ୟାକରଣ। ହେ ଆମର ଶ୍ରଦ୍ଧେୟ ପିଲେ, ଦୟାକରି ଛୁଆଙ୍କୁ ବୁଝାଅ ଯେ ବିପଦକୁ ଡରି ଆତ୍ମହତ୍ୟା କରିବା ଅପେକ୍ଷା ତା'ସହ ଲଢ଼ିବା ହିଁ ବଞ୍ଚିବାର ବ୍ୟାକରଣ। ବିପଦକୁ ସାମ୍ନା ନ କଲେ ଜୀବନ ସଂଗ୍ରାମରେ ସେମାନେ ବିଜୟୀ ହେବେ କିପରି ? ସଂସାରରେ ଯେତିକି ସମସ୍ୟା ଅଛି, ତା'ଠାରୁ ସମାଧାନର ପନ୍ଥା ତ ଅଧିକ। କାରଣ ପ୍ରତି ସମସ୍ୟାର ଏକ ବା ଅଧିକ ସମାଧାନର ସୂତ୍ର ରହିଥାଏ।

ସମସ୍ୟା ମଧ୍ୟେ କେଉଁଠି ନା କେଉଁଠି ଲୁଚି ରହିଥାଏ ସୁଯୋଗଟିଏ। ଆମେ ଧୈର୍ଯ୍ୟର ସହିତ ତାକୁ ଖୋଜି ବାହାରକରିବା ଉଚିତ। ଆଉଗୋଟେ କଥା, ରାତ୍ରି ଅନ୍ଧାରରେ ହିଁ ତ ତାରାର ଚମକ ଜଣେ ଦେଖିପାରେ। ବର୍ଷାର ବିପ୍ରାତ ପରେ ହିଁ ତ ଦେଖିବାକୁ ମିଳିଥାଏ ଇନ୍ଦ୍ରଧନୁର ବର୍ଣ୍ଣବିଭା। ଅର୍ଥାତ୍ ବାଧାବିଘ୍ନ ପାଇଲେ ବା ଦୁଃଖରେ ପଡ଼ିଲେ ଯାଇ ସତ୍ୟ ବା ସୁନ୍ଦରତାକୁ ଜଣେ ଉପଲବ୍ଧି କରିପାରିବ। ଅଗ୍ନିର ଦହନ ନ ପାଇଲେ ସୁନାର ଔଜ୍ଜ୍ୱଲ୍ୟ ବଢ଼ିବ କି? ସେମିତି ବି ଦୁଃଖରେ ନ ପଡ଼ିଲେ ମଣିଷ ଭିତରେ ଥିବା ପ୍ରକୃତ ତେଜ ଫୁଟି ବାହାରିବ କେମିତି? ଏହିପରି ପ୍ରତିଟି ପ୍ରତିକୂଳ ପରିସ୍ଥିତି ମନୁଷ୍ୟକୁ ଅଗ୍ରସର ହେବା ପାଇଁ ପ୍ରେରଣାଦିଏ। ଦୟାକରି ପିଲାଙ୍କୁ ଟିକେ ବୁଝାଅ ଯେ ପଛେଇଯିବା ବା ପଡ଼ିଯିବା ବା ବିଫଳ ହେବାକୁ ପରାଜୟ ବୋଲି ଭାବିବେ ନାହିଁ କି ଗ୍ଲାନିବୋଧ କରିବେ ନାହିଁ। ପଡ଼ିଯାଇ ନ ଉଠିବାରେ ବା ପଛେଇଗଲା ପରେ ପୁଣି ବାଟଚାଲି ଆଗକୁ ଯିବାର ଝୁଙ୍କ ନ ରଖିଲେ, ତାକୁ ହିଁ ବିଫଳତା ବୋଲି କୁହାଯାଏ। ସେତେବେଳେ ଯାଇ ମନରେ ଗ୍ଲାନିବୋଧ, ଲଜ୍ଜାବୋଧ ଆସିବା କଥା। ବିଶ୍ୱରେ ଏମିତି କେହି ସଫଳ ବ୍ୟକ୍ତି ନାହାନ୍ତି, ଯିଏ କି ଜୀବନରେ କେବେ ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନାକରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ 'ସଫଳବ୍ୟକ୍ତି' ଭାବେ ଦୁନିଆ ଆଗରେ ଉଭା



ହେଇଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ପଥ ଦେଇ ଗତି କରିବାକୁ ପଡ଼ିଥାଏ। ଯେଉଁଦିନୁ ଜଣେ କଷ୍ଟକର ପରିସ୍ଥିତି ସହିତ ଲଢ଼ିବା ତ୍ୟାଗକଲା, ସେହିଦିନୁ ହିଁ ସେ ପରାଜୟକୁ ସ୍ୱୀକାର କରିନେଲା ଓ ମାନବିକ ଗରିମାଚ୍ୟୁତ ହୋଇଗଲା। ଯେପର୍ଯ୍ୟନ୍ତ ଜଣେ ହାର ମାନିନାହିଁ, ସେପର୍ଯ୍ୟନ୍ତ ତାକୁ ପରାଜୟ କରିବା ଅସମ୍ଭବ। ଯେଉଁଠୁ ସାହସ ସମାପ୍ତ ହୋଇଯାଏ, ସେଇଠୁ ପରାଜୟର ପଥ ଆରମ୍ଭ ହୁଏ। ଏଣୁ ଛାନିଆ ନ ହୋଇ ସତର୍କତା ସହିତ ଆଗକୁ ପାଦ ବଢ଼େଇଲେ, ସଫଳତା ନିଶ୍ଚେ ଚରଣ ଛୁଇଁବ।

ଜୀବନ ହେଉଛି ସମ୍ଭାବନାର ସମାହାର। ଏଣୁ ସେମାନେ କେବେ ବି ନିରାଶ ହୁଅନ୍ତୁ ନାହିଁ। ଯୁଗ ବଦଳିବା ସହିତ ପିଲାଙ୍କ ମାନସିକତା ବଦଳୁଛି। ପୁଣି ପିଲାଙ୍କ ହାତେ ଆଜି ଦାମିକା ମୋବାଇଲ; ଯାହାକି ତାଙ୍କୁ ବିପଥଗାମୀ କରୁଛି। ଏହି ସମୟରେ ତୁମେ ସେମାନଙ୍କ ସହିତ ଯେତେ ସାଙ୍ଗ ହେବ, ସେତେ ଭଲ। ତୁମର ଓ ପିଲାଙ୍କ ଭିତରେ ଯେମିତି ଦୂରତା ନ ରୁହେ, ସେଥିପ୍ରତି ଯତ୍ନବାନ ହେବ। ଏହି ସମୟରେ ପିଲାମାନେ ଭୁଲ୍ କରିବା ସ୍ୱାଭାବିକ। ପିଲାଙ୍କର ସବୁବେଳେ ସବୁକଥା ଠିକ୍ ହେଉ ବୋଲି ଭାବିବା ହେଉଛି ମାତାପିତାଙ୍କ ବଡ଼ ଭୁଲ୍। ନିଜେ ଆଗ ଧୈର୍ଯ୍ୟ ଧରି ପିଲାଙ୍କୁ ବୁଝିବାକୁ ଟିକେ ଚେଷ୍ଟାକରିବ। ତାଙ୍କୁ ଏମିତି ଦୃଢ଼ ବିଶ୍ୱାସ ଓ ଆଶ୍ୱାସନା ଦିଅ, ଯେମିତି କି ତାଙ୍କର ସବୁ କଥା/ ସମସ୍ୟା ନ ଲୁଚାଇ ସାଙ୍ଗ ଭଳିଆ ତୁମ ଆଗରେ ନିଃସଙ୍କୋଚରେ ପ୍ରକାଶ କରିବେ। ଏପରି କି ପ୍ରେମ ବ୍ୟାପାର ମଧ୍ୟ। କାରଣ ଏହି ସମୟରେ ପ୍ରେମ ପାଇଁ ସେମାନେ ପାଗଳ ହୁଅନ୍ତି। ଉଚିତ ବା ଅନୁଚିତ ବୁଝିବାକୁ ସେମାନଙ୍କ ବୁଦ୍ଧି କି ବିଚାର ଆସି ନ ଥାଏ। ସେତେବେଳେ ସେମାନେ ଅପରିପକ୍ୱ ଏବଂ ଅନ୍ଧ। ସେଭଳି ପରିସ୍ଥିତିରେ ହଠାତ୍ ଉତ୍କ୍ଷିପ୍ତ ନ ହୋଇ ଅତ୍ୟନ୍ତ ଚତୁରତାର ସହିତ ତାଙ୍କୁ ପ୍ରଥମେ ମିଛ ସମର୍ଥନ କର। ତା'ପରେ ସମୟ ସୁବିଧା ଦେଖି ଧୀରେ ଧୀରେ ତାଙ୍କ ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ। ଭୟ ଦେଖାଇ ତାଙ୍କୁ ଶାସନ କରିବା ପରିବର୍ତ୍ତେ, ତାଙ୍କର ଗୋଟାପଣେ ହୋଇ ଅତ୍ୟନ୍ତ ସାବଧାନତାର ସହିତ ତାଙ୍କୁ ସସ୍ନେହ ସମୁଚିତ ପରାମର୍ଶ ଦେବ।

ତାଙ୍କୁ ବୁଝାଅ, ମନ ବିବ୍ରତ ଥିଲାବେଳେ ସେମାନେ ଯେମିତି କିଛି ବି ନିଷ୍ପତ୍ତି ନ ନିଅନ୍ତି। ବରଂ ନିଜ ଭିତରେ ଯେଉଁ ଶକ୍ତି/ ସାମର୍ଥ୍ୟ ରହିଛି, ତାକୁ କେବଳ ଟିକେ ଜାଗ୍ରତ କରିବେ। ନିଜ ଭିତରେ ଥିବା ଆତ୍ମବଳ/ଆତ୍ମବିଶ୍ୱାସ ଯୋଗୁ ହନୁମାନ ତ ପୁଣି ବହୁ ଅସାଧ୍ୟକୁ ସାଧ୍ୟ କରିପାରୁଥିଲେ। ପିଲାଙ୍କୁ କହିବ, ସେମାନଙ୍କ ଜନ୍ମ ପଛରେ ଈଶ୍ୱରଙ୍କ ମହତ୍ ଉଦ୍ଦେଶ୍ୟ ନିହିତ। ଏଣୁ ନିଜ ମହତ୍ତ୍ୱକୁ ସେମାନେ ଆଗ ବୁଝନ୍ତୁ। ଦୁନିଆରେ କେହି ବି ନିଜ ଇଚ୍ଛାନୁଯାୟୀ ଜନ୍ମନିଏନି। ଜନ୍ମ ହେଉ ଅବା ମରଣ, ତାହା ଈଶ୍ୱରଙ୍କ ଇଚ୍ଛାଧୀନ। ଈଶ୍ୱରଙ୍କ ଇଚ୍ଛା ବିରୋଧରେ ଯାଇ ଆତ୍ମହତ୍ୟା କରିବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଅତଏବ ପିଲାଙ୍କୁ ଭରଷା ଦିଅ, ନିଜ ଉପରେ ସେମାନେ ବିଶ୍ୱାସ ରଖିବେ ଯେ ସେମାନେ ହେଉଛନ୍ତି ଈଶ୍ୱରଙ୍କ ସୁନ୍ଦରତମ ସୃଷ୍ଟି। ଏଣୁ ବିଭୁଦତ୍ତ ମହାର୍ଘ୍ୟ ମାନବ ଜୀବନକୁ କୌଣସି ପରିସ୍ଥିତିରେ ବି ସେମାନେ ହରେଇବା ଉଚିତ ନୁହେଁ। ଇତି, ପରଲୋକରୁ ତୁମ ପିତୃପୁରୁଷଗଣ।

ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ମାତାପିତାଙ୍କ ପାଇଁ ଏବେ ବଡ଼ ସମସ୍ୟା ଆଣିଛି ପିଲାଙ୍କ ମୋବାଇଲ ଆସକ୍ତି। ଅନେକ ଘଣ୍ଟା ମୋବାଇଲ ଧରି ପିଲାମାନେ ଖେଳ ଓ ପାଠରୁ ଦୂରେଇଯିବାକୁ ବସିଲେଣି। ଏଭଳି ସ୍ଥିତିରେ ସେଭଳି ପିଲାଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି ଆଇଏଏସ୍ ଅଧିକାରୀ ପ୍ରେମ୍ କ୍ରିଷ୍ଣ। ସେ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ନେଇ ସେମାନଙ୍କୁ ଖେଳପଡ଼ିଆକୁ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ବିଶେଷକରି ପିଲାମାନେ ଫୁଟ୍‌ବଲ, କ୍ରିକେଟ୍ ସହ ଅନ୍ୟାନ୍ୟ ଦଳଗତ ଖେଳ ସହ ଯୋଡ଼ି ହୋଇଛନ୍ତି। ପ୍ରେମ୍ କେରଳ ପଥାନମିଥିତାର କଲେକ୍ଟର ଭାବେ ଏଭଳି ଅଭିଯାନ ଚଳାଇଛନ୍ତି। ସେ ତ୍ରିଭେନ୍ଦ୍ରମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ଡିଗ୍ରୀ ହାସଲ କରି ଇନ୍‌ଫୋସିସ୍ ଓ ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରୁଛନ୍ତି। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲାପାଳ ଭାବେ ଯୋଗଦେବା ପରେ '' ସ୍ୱାପ୍ ୟୋର ସ୍କ୍ରିନ୍ ଫର୍ ଏ ସ୍ପୋର୍ଟ୍ସ'' ଅଭିଯାନ ଚଳାଇ ପିଲାଙ୍କୁ ମୋବାଇଲରୁ ଦୂରେଇବାରେ ସଫଳ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୭୬

- ସରୋଜିନୀ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସମାଜମଙ୍ଗଳ ବୋର୍ଡ ପୁନର୍ଗଠିତ।
- ସରକାରୀ କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ହୋଇ ଭୂଦାନ ନେତା ଆଚାର୍ଯ୍ୟ ବିନୋବା ଭାବେଙ୍କ ପ୍ରସ୍ତାବିତ ଗୋବଧ ନିରୋଧ ଆନ୍ଦୋଳନ ଓ ଅନଶନ ପ୍ରତ୍ୟାହୃତ।
- ବିଶ୍ୱର ମହାନ ବିପ୍ଳବୀ ଚୀନ ଗଣସାଧାରଣତନ୍ତ୍ରର ପ୍ରତିଷ୍ଠାତା, ଚୀନ କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ ତଥା କବି ଓ ଦାର୍ଶନିକ ମାଓ ସେ ତୁଙ୍ଗଙ୍କ ୮୬ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### କେରଳ ଢାଞ୍ଚାରେ ଗ୍ରାମାଞ୍ଚଳର ବିକାଶ ହେଉ

ମହାଶୟ,

ରାଜ୍ୟ ସରକାର ନିକଟରେ ବହୁ ଛୋଟ ଛୋଟ ସହରକୁ ଏନ୍‌ଏସି ଓ ମ୍ୟୁନିସିପାଲିଟି ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଏହିସବୁ ଅଞ୍ଚଳରେ ଗ୍ରାମପଞ୍ଚାୟତ ମାଧ୍ୟମରେ ଯୋଜନା ପ୍ରସ୍ତୁତ ହୋଇ ଉନ୍ନତିମୂଳକ କାର୍ଯ୍ୟ ହେଉଥିଲା। ବ୍ଲକରୁ ସମସ୍ତ ପଞ୍ଚାୟତକୁ ଯାଉଥିଲା ଏବଂ ଏବେ ଢାଞ୍ଚା ବଦଳିବ। ନିକଟରେ ଘୋଷିତ ଏନ୍‌ଏସିଗୁଡ଼ିକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିବେ। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ଅଧିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ସରକାର କେରଳ ଢାଞ୍ଚାରେ ଗାଁଗୁଡ଼ିକୁ ବିକଶିତ କଲେ ଆଉ ସହରାଞ୍ଚଳ ପାଇଁ ଦାବି ହୁଅନ୍ତା ନାହିଁ। କେରଳରେ କ୍ଷୁଦ୍ର ସହରକୁ ଏନ୍‌ଏସି ବ୍ୟବସ୍ଥା ବଦଳରେ ଗ୍ରାମପଞ୍ଚାୟତକୁ ସଶକ୍ତ କରାଯାଇ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଫଳରେ ପଞ୍ଚାୟତବାସୀ ପୌରାଞ୍ଚଳ ଲାଗି ଦାବି କରୁନାହାନ୍ତି। ସାଧାରଣ ଲୋକେ ସହରାଭିମୁଖୀ ନ ହୋଇ ଗ୍ରାମରେ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ଏଣୁ ଆମ ରାଜ୍ୟରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ସଶକ୍ତ କରିବାକୁ ଉଦ୍ୟମ ହେବା ଉଚିତ।

-ନିର୍ମଳ ଚନ୍ଦ୍ର ସାମଲ, ପୋଖରିପୁଟ, ଭୁବନେଶ୍ୱର

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି-ନିବିଡ଼େ ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡିରୁ ଇସ୍ତଫା ଦେଲେ ଭାସ୍କର ରାଓ, ହିମିରିକା

**ରାୟଗଡ଼ା,୯।୯**
**(ଆଶିଷ ରଞ୍ଜନ ପଣ୍ଡା)**

## ଗଢ଼ିଲେ ବିଜୁ ସ୍ୱାଭିମାନ ମଞ୍ଚ



ବିଜୁ ସ୍ୱାଭିମାନ ମଞ୍ଚ ପୋଷ୍ଟର ନିକଟରେ ଏନ୍.ଭାସ୍କର ରାଓ, ଲାଲବିହାରୀ ହିମିରିକା ଏବଂ ବିଜେଡିରୁ ଇସ୍ତଫା ଦେଇଥିବା ଅନ୍ୟ ନେତା ଓ କର୍ମୀ।

ରାଜ୍ୟ ସଭାର ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନଙ୍କ ସହ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ଜନସେବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଥିବା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାସ୍କର ସୂଚନା ଦେଇଛନ୍ତି।

ଗତ ୪ ତାରିଖରେ ରାୟଗଡ଼ା ବିଜେଡି ଜିଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା ପରେ ଜିଲା ବିଜେଡିରେ ବିବାଦ ତେଜିଥିଲା। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଏହି ନିଷ୍ପତ୍ତିକୁ ବରିଷ୍ଠ ନେତା, କର୍ମୀ ଗ୍ରହଣ କରି ନ ପାରି ଭାସ୍କରଙ୍କ ଘରେ ବୈଠକ କରିଥିଲେ। ଏହା ପରେ ତାଙ୍କ ସହ ଜିଲାର ବହୁ ବରିଷ୍ଠ ନେତା ଓ କର୍ମୀ ଦଳର ପ୍ରାଥମିକ ସଦସ୍ୟତା ଛାଡ଼ିବା ସାଙ୍ଗକୁ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ୪ ତାରିଖରେ କାର୍ଯ୍ୟକାରୀ ସଭାପତି ପଦ ପାଇଥିବା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ୩ ଜିଲା ପରିଷଦ ସଭ୍ୟ, ୩ବ୍ଲକ ଅଧ୍ୟକ୍ଷଙ୍କ ସମେତ କେସିସି ବ୍ୟାଙ୍କ ନିର୍ଦ୍ଦେଶକ, ଆର୍‌ଏମ୍‌ସି ସଭାପତି, ଲ୍ୟାମ୍ପସ ସଭାପତି ଓ ଅନ୍ୟମାନେ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ରାଇସିଂ ବିଡ଼ିକା, ଭି.ଗୌରୀ ଜୟନ୍ତୀ, ଚୁନି ହୁଇକା, ହରପ୍ରସାଦ ହେପୃକା, କଣ୍ଡୁ ମାଝି, ସନ୍ଧ୍ୟାରାଣୀ ପୁଲାକା, ପ୍ରଶାନ୍ତ କୁଲେସିକା, ମଣିମାଳା ଶବର, ପତି କ୍ରାସ୍କା, ତିରୁପତି ବାନାଗାଡ଼ି, ବିନାୟକ କର, ଅମିୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ଚନ୍ଦ୍ରକାନ୍ତ ସାମଲ, ଅମିତ ନାୟକ, ଶ୍ରୀକାନ୍ତ ଚୌଧୁରୀ। ଭାସ୍କର କହିଛନ୍ତି, ୧୯୭୪ରୁ ବିଜୁ ପଟ୍ଟନାୟକଙ୍କ ଆହ୍ୱାନରେ ଜନତା ଦଳରେ ଯୋଗଦେଇ ରାଜନୀତି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାରମ୍ଭରୁ ବିଜେଡିରେ ରହି ଅବିଭକ୍ତ କୋରାପୁଟ ଜିଲାରେ ବିଜେଡିକୁ ସଶକ୍ତ କରିଥିଲେ। ରାଜ୍ୟ ସଭା ସଦସ୍ୟ ସହ ଦଳୀୟ ପଦବୀରେ ରହି ନିଷ୍ଠାର ସହିତ ଦଳ ପାଇଁ କାମକରି ନିଜର ଦୁଇ ଭାଇଙ୍କ ସମେତ ବହୁ କିଛି ହରାଇଛନ୍ତି। କିଛି ବର୍ଷ ହେବ ରାଜ୍ୟସ୍ତରୀୟ ନେତାମାନେ ଭାସ୍କର, ପୂର୍ବତନ ମନ୍ତ୍ରୀ ହିମିରିକାଙ୍କ ସମେତ ଜିଲାର ବହୁ ବରିଷ୍ଠ ନେତାଙ୍କୁ ଦଳରେ ଅଣଦେଖା କରିବା ଅତି ଦୁଃଖଦ ବୋଲି ଭାସ୍କର କହିଛନ୍ତି। ତେବେ ସେ ଦଳରୁ ଦୂରେଇଯାଇଥିଲେ ମଧ୍ୟ ଜିଲାବାସୀଙ୍କ ସେବା କରିବା ଛାଡ଼ିବେନାହିଁ ଏବଂ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରିଚାଲିବେ ବୋଲି କହିଛନ୍ତି। ଏହ ଅବସରରେ ଜିଲାରେ ସମାଜସେବା କରିବା ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ନାମରେ ଭାସ୍କର ଏକ ସଂଗଠନର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତ ନିର୍ବାଚନରେ ସେ କେଉଁ ଦଳକୁ ସମର୍ଥନ କରିବେ ବୋଲି ପଚାରିବାରୁ ଉତ୍ତମ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି କହିଥିଲେ। ପ୍ରକାଶ ଥାଉକି, ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଗୋଷ୍ଠୀ ବିବାଦ ଉଗ୍ରରୂପ ନେଇଥିଲା। ଗୋଷ୍ଠୀ ବିବାଦ କାରଣରୁ ୨୦୧୯ରେ ରାୟଗଡ଼ା ନିର୍ବାଚନମଣ୍ଡଳୀ ସମେତ କୋରାପୁଟ ଲୋକ ସଭା ଆସନ ମଧ୍ୟ ବିଜେଡି ହାତରୁ ଚାଲିଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ କୋରାପୁଟ ଲୋକ ସଭା ସମେତ ଜିଲାର ୩ଟି ବିଧାନସଭା ଆସନ ବିଜେଡି ହାତରୁ ଚାଲିଯାଇଥିଲା।

## ଦଳ ଉପରେ ପ୍ରଭାବ ପଡ଼ିବନି: ବିଜେଡି

**ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)**

ଦକ୍ଷିଣ ଓଡ଼ିଶାର ବରିଷ୍ଠ ନେତା ଭାସ୍କର ରାଓ, ଲାଲ୍ ବିହାରୀ ହିମିରିକା ମଙ୍ଗଳବାର ବିଜେଡି ଛାଡ଼ିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଏନ୍. ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଓ ରାୟଗଡ଼ା ଜିଲାର ବିଜେଡିର କିଛି କର୍ମକର୍ତ୍ତା ଇସ୍ତଫା ଦେଇଥିବା ବେଳେ ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଦଳର ସଙ୍ଗଠନ ରାଜ୍ୟରେ ସୁଦୃଢ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ଲେନିନ୍ କହିଛନ୍ତି।

# ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ

**ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ**

ପ୍ରତିବର୍ଷ ସମଗ୍ର ପୃଥିବୀରେ ପ୍ରାୟ ୭,୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ 'ଆତ୍ମହତ୍ୟା'ରେ ହିଁ ଯାଇଥାଏ। ପ୍ରତ୍ୟେକ ଜୀବନ ହରାଇବାର ସାମାଜିକ, ଭାବପ୍ରବଣ ଏବଂ ଆର୍ଥିକ ପରିଣାମ ରହିଛି; ଯାହା ପରିବାର, ବନ୍ଧୁ, କର୍ମକ୍ଷେତ୍ର ଏବଂ ସମଗ୍ର ସମ୍ପ୍ରଦାୟକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ତେବେ ଏ ଦିଗରେ ସଚେତନତା ସୃଷ୍ଟିପାଇଁ ୨୦୦୩ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଭାଗିତାରେ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ଦ୍ୱାରା ଆରମ୍ଭ ହୋଇଥିଲା 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ'। ସେବେଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ପାଳିତ ହୋଇଆସୁଛି ଏହି ଦିବସ। ଏହି ଦିବସ ଲାଗି ରହିଥିବା ତ୍ରିବାର୍ଷିକ (୨୦୨୪-୨୦୨୬) ବିଷୟବସ୍ତୁରେ ଆତ୍ମହତ୍ୟାର ଆଖ୍ୟାନ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି। ଏହି ବିଷୟବସ୍ତୁ ଆମ ସମସ୍ତଙ୍କୁ କ୍ଷତିକାରକ ମିଥ୍ୟାକୁ ଚ୍ୟାଲେଞ୍ଜ କରିବା, ଅପମାନ ହ୍ରାସ କରିବା ଏବଂ ଆତ୍ମହତ୍ୟା ବିଷୟରେ ଖୋଲା, କରୁଣାପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବା ଲାଗି ଆହ୍ୱାନ କରେ। ଏହା ନୀରବତା ଏବଂ ଭୁଲ ବୁଝାମଣାରୁ ଖୋଲା, ସହାନୁଭୂତିପୂର୍ଣ୍ଣ ସମର୍ଥନ ଆଡ଼କୁ ପରିବର୍ତ୍ତନ କରିବା ବିଷୟରେ ସୂଚିତ କରେ। ଅର୍ଥାତ୍ ଏଭଳି ପରିବେଶ ସୃଷ୍ଟି କରିବା ଆବଶ୍ୟକ, ଯେଉଁଠାରେ ଲୋକମାନେ ଖୋଲାମନରେ କଥା ହେବାକୁ ଏବଂ ସାହାଯ୍ୟ ପାଇବାକୁ ସକ୍ଷମ ଅନୁଭବ କରନ୍ତି।



ଆତ୍ମହତ୍ୟା ପରିବର୍ତ୍ତନ କରିବା ଅର୍ଥ ମଧ୍ୟ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବା। ଏହା ସାର୍ବଜନୀନ ନୀତିରେ ଆତ୍ମହତ୍ୟା ନିବାରଣ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରେ। ସରକାର ଏବଂ ଅନୁଷ୍ଠାନଗୁଡ଼ିକୁ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରେ। ଏଥିରେ ପ୍ରମାଣ-ଆଧାରିତ ରଣନୀତି ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା, ଗୁଣାତ୍ମକ ଯତ୍ନ ପାଇଁ ପହଞ୍ଚିବା ଏବଂ ସଙ୍କଟରେ ଥିବା ଲୋକମାନଙ୍କୁ ଆବଶ୍ୟକ ସମର୍ଥନ ଦେବା ଆଦି ଅନ୍ତର୍ଭୁକ୍ତ।


## NOTICE

The Deed of Partnership was executed on **Dated: 02.12.2019** in the name of **"M J CITY DEVELOPERS"** and was duly registered vide Regd. No.- **7202000210** on **Dated: 28.02.2020**, having it registered office of the firm situated At: - City Mart, 3rd Floor, B K Road, P.O.:- Buxibazar, Cuttack-753001, Odisha. At the time of execution, the partners of the firm were **JAIN BUILDERS PVT. LTD.** and **Mr. Ramesh Kumar Agarwal**. Subsequently, the Deed of Partnership was **Reconstituted** on **01.04.2025**, wherein the existing partners continued and **one new partner** was inducted i.e. **Mrs. Ranjana Agarwal**, W/o. **Mr. Ramesh Kumar Agarwal** resident of Cuttack. All concerned are hereby notified accordingly.
**Date: 04.09.2025**
**Place: Cuttack**
**Jain Builders Pvt. Ltd. (Partner)**
**Sunit Kumar Sethia (Rep.)**
**M J City Developers**

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡରଗୁଡ଼ିକ ତା୨୯।୦୯।୨୦୨୫ରିଖ ୧୫.୩୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୫୯-ମ୍ୟାନିଂ-ଡିପୋ, ତାରିଖ: ୦୮।୦୯।୨୦୨୫। କାର୍ଯ୍ୟର ନାମ: ଦୁଇବର୍ଷ ପାଇଁ ଚକ୍ରଧରପୁର ମଣ୍ଡଳର ଟାୱାର ୱାଗନ/କାରଗୁଡ଼ିକର ମ୍ୟାନିଂ ସମେତ ବିଭିନ୍ନ ଓଏଚ୍‌ଇ/ପିଏସ୍‌ଆଇ ଡିପୋ (୧୭ଟି)ଗୁଡ଼ିକର ନନ୍-କୋର୍ ଟ୍ରାକ୍ସନ୍ ଆସେଟ୍‌ଗୁଡ଼ିକର ମ୍ୟାନିଂ/ଦେଖାରଖା। ଟେଣ୍ଡର ମୂଲ୍ୟ: ₹୨,୫୭,୫୩,୯୦୩.୬୮। ଅମାନତ ଜମା ରାଶି: ₹୨,୭୮,୮୦୦। ସମାପ୍ତି ଅବଧି: ୨୪ ମାସ। କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୫୬-ଅପରେସନ୍-ଟିଏସ୍‌ଏସ୍, ତାରିଖ: ୦୮।୦୯।୨୦୨୫। କାର୍ଯ୍ୟର ନାମ: ଦୁଇବର୍ଷ ପାଇଁ ଚକ୍ରଧରପୁର ମଣ୍ଡଳର ମଣିକୁଇ, କେନ୍ଦପୋଷି, ବଡ଼ ଜାମଦା, ବାଂଶପାଣି, ଗୋଇଲକେରା, ଚକ୍ରଧରପୁର, ସାଲ୍‌ଗା ଝରି, ରାଜଖରସୁଆଁ, ଭାଲୁଲଟା, ବାମରା, ରାଜଗାଙ୍ଗପୁର, ଚାନ୍ଦିପୋଷି, ନୂଆଗାଁ, ଚାଇବାସା, କେଚୋବାହାଲ, ଆର୍‌ଏସ୍‌ପି (ରାଉରକେଲା), ଗରପୋଷ, ଧୁତ୍ରା, ମନୋହରପୁର, ରାଇରଙ୍ଗପୁର ଓ ବିମଳାଗଡ଼ସ୍ଥିତ ରେଳବାଇ ମାଲିକାନାଧୀନ ଟ୍ରାକ୍ସନ୍ ସବ୍ ଷ୍ଟେଶନ (୨୧ ଗୋଟି)ର କାର୍ଯ୍ୟଗୁଡ଼ିକ ପାଇଁ ମ୍ୟାନିଂ/ଆଉଟ୍‌ସୋର୍ସିଂ। ଟେଣ୍ଡର ମୂଲ୍ୟ: ₹୪,୧୨,୮୯,୬୮୫.୯୨। ଅମାନତ ଜମା ରାଶି: ₹୩,୫୬,୫୦୦। ସମାପ୍ତି ଅବଧି: ୨୪ ମାସ। କ୍ର.ସଂ.-୩। ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୭୫-ପିଏସ୍‌ଜେ-ୟାର୍ଡ, ତାରିଖ: ୦୮।୦୯।୨୦୨୫। କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳରେ ପାଟସାହି ୟାର୍ଡଠାରେ ସମ୍ବନ୍ଧିତ ପରିବର୍ତ୍ତନ ସହିତ ଅତିରିକ୍ତ ଲୋଡିଂ/ଅନ୍‌ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଓଏଚ୍‌ଇ/ପିଏସ୍‌ଆଇ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୨,୨୪,୧୦,୮୯୯.୪୮। ଅମାନତ ଜମା ରାଶି: ₹୨,୬୨,୧୦୦। ସମାପ୍ତି ଅବଧି: ୧୨ ମାସ। ଇ-ଟେଣ୍ଡର ଖୋଲାଯିବା ସ୍ଥାନ: ବରିଷ୍ଠ ଡିଇଇ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ (୧ରୁ ୩ ପାଇଁ ପ୍ରତ୍ୟେକ)। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୯।୦୯।୨୦୨୫ରିଖ ୧୫.୦୦ ଘଟିକା (୧ରୁ ୩ ପାଇଁ ପ୍ରତ୍ୟେକ)। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୨୯।୦୯।୨୦୨୫ରିଖ ୧୫.୩୦ ଘଟିକା (୧ରୁ ୩ ପାଇଁ ପ୍ରତ୍ୟେକ)। ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-606)

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. CMSSBPLP252701B

**କାର୍ଯ୍ୟର ବିବରଣୀ :** "ଚୁକ୍ତି ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ନିମନ୍ତେ ଦୈନନ୍ଦିନ ସ୍ଥାନୀୟ କ୍ରୟ ବଦଳରେ (କ) ଔଷଧ, (ଖ) ସର୍ଜିକାଲ୍ ଆଇଟମ୍ ଓ (ଗ) ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଦର ଚୁକ୍ତି (Rate Contract)। ବିଡରମାନଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରୁପ୍ ନିମନ୍ତେ ପୃଥକ ଭାବରେ ପ୍ରତିଶତରେ କିମ୍ବା 01 ଟଙ୍କା ଉପରେ ରିହାତି (Discount) ଦର କୋଟ୍ (Quote) କରିବା ଆବଶ୍ୟକ।"

**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ) :** ₹ 9,60,000/-, EMD : ₹ 19,200/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 02 (ଦୁଇ) ବର୍ଷ।

**ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 23.09.2025 (ସୋମବାର) 1500 ଘଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି।
ୱେବ୍‌ସାଇଟ୍ : www.ireps.gov.in
ମୁଖ୍ୟ ଚିକିତ୍ସା ଅଧିକ୍ଷକ / ଷ୍ଟୋର / ସମ୍ବଲପୁର
PR-573/Q/25-26

See Career Appointment on every Wednesday & Saturday


# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୯।୯**
**(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୪ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ,

ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଦୁଃଖବନ୍ଧୁ ନାୟକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ରୂପେ ବଦଳି କରାଯାଇଥିବାବେଳେ ବିଡିଏ ଉପାୟୁକ୍ତ ପରେଶ କୁମାର ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଏବଂ ଯୁଧିଷ୍ଠିର ମେହେରଙ୍କୁ କେନ୍ଦୁଝର (ଆନନ୍ଦପୁର) ଅତିରିକ୍ତ ଉପଜିଲାପାଳ ଭାବେ ବଦଳି କରାଯାଇଛି। ସମ୍ପୃକ୍ତ ଅଧିକାରୀମାନଙ୍କୁ ଚଳିତମାସ ୧୦ ତାରିଖ ସୁଦ୍ଧା ନୂତନ ବଦଳି ସ୍ଥାନରେ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ବରଗଡ଼ (ପଦ୍ମପୁର) ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଥିଲା। ତେବେ ଅନ୍ୟାଦେଶ ଜାରି ପର୍ଯ୍ୟନ୍ତ ଏହି ବଦଳି ଅର୍ଡରକୁ ସ୍ଥଗିତ ରଖାଯାଇଛି।


## GOVERNMENT OF CHHATTISGARH, WATER RESOURCES DEPARTMENT
## OFFICE OF THE EXECUTIVE ENGINEER, WATER RESOURCES DIVISION, JASHPUR (C.G.)
### CORRIGENDUM No. 1

IN NIT No.: 02/SAC/2025-26, Dated: 25.08.2025, System Tender No. 174034 (1st Call), whose G-Number 252603083 following amendments are made-

| S. No. | Particulars | Previous Published: Clubbed Quantity | Previous Published: Clubbed Rate | Amendment As: Clubbed Quantity | Amendment As: Clubbed Rate |
|---|---|---|---|---|---|
| 1 | Item Rate Tender Form - B (Envelope - 'C') Annexure - I Schedule of Quantities (i) S. No. 03 in Column 3 & 4 | 8719.85 | 2711.28 | 5442.27 | 4344.14 |
| 2 | Item Rate Tender, Form - B (Envelope - 'C') Annexure - I Physical Turnover S. No. 2 All type of Concrete in Structures other than lining | 10394.71 / 11/12 × 0.50 = **5669.84** (Say 5670.00 Cum) | | 7117.13 / 11/12 × 0.50 = **3882.07** (Say 3882.00 Cum) | |
| 3 | Online tenders are invited upto 22.09.2025, 17.30 Hours | | | | |
| 4 | Bid open date and time 23.09.2025 at 11.30 hours | | | | |

All other terms and conditions of NIT will remain unchanged.
Sd./- Executive Engineer
Water Resources Division, Jashpur (C.G.)
For, Chief Engineer, Hasdeo Ganga Basin, Ambikapur (C.G.)
G-252603330/1

GOVERNMENT OF ODISHA No. B-489
## "e" - PROCUREMENT NOTICE
## WORKS DEPARTMENT
Bid Identification No. CCEKC - 10/2025-26
e-mail: ccekeonjharpwdcircle@gmail.com/sekcpwd_keonjhar@yahoo.com
Letter No. 4352 Dt.02.09.2025
1. No. of the Work : 2 Number of Road Works
2. Estimated Cost : Rs.105.37 Lakhs to Rs.451.72 Lakhs
3. Class of Contractor : "B" & "A" Class
4. Period of Completion : 04 (Four) Calendar Months to 06 (Six) Calendar Months
5. Date and time of availability of Bid document in the portal : From 11.00 hours of 11.09.2025 to 16.00 hours of 25.09.2025
6. Last date/time for receipt of bids in the portal : 16.00 hours of 25.09.2025
7. Date of opening of Bid from portal : 11.30 hours on 26.09.2025
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonhar - 758001

Further details can be seen from the e-procurement portal "http://tendersodisha.gov.in".
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0090/2526

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada
"e" Procurement Notice for Weir on Bridge Work
No. O-722 Identification No. Online Tender - Weir on Bridge N.C.B. No. 391 for 2025-26
Letter No. 3489 Date: 04.09.25
1. Name of the Work : Construction of Weir adjacent to H.L. Bridge over Local Nallah at 2nd Km on Gundliguda to Bhandan Road in the district of Mayrbhanj
2. Total No. of Work : 01 No. (One)
3. Estimated Cost : Rs.118.19 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding: From | Availability of tender Online for Bidding: To | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada: Technical Bid | Date & time of Opening of Tender in O/o. C.C.E., .R.W. Circle, Baripada: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge Online N.C.B. No. 391 | Dt.11.09.2025 at 11.00 A.M. | Dt.25.09.2025 upto 5.00 P.M. | Dt.24.09.2025 upto 5.00 P.M. | Dt.26.09.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0055/2526 Sd./- Er. A.K. Naik, Chief Construction Engineer, R.W. Circle, Baripada

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR
Unit - IX (Near Boys High School), P.O.: Bhoinagar, BBSR, Email: se_ccrw@yahoo.co.in, Phone No.: 0674-2540742 (O)
No. 3993 Dtd.06.09.25
**1st Corrigendum to Bid Identification No. Tender Online - C.C. 15 of 2025 Dated: 01.08.2025 invited vide this office Lr. No. 3615 Dated: 01.08.2025**
No. O-737: The date of availability of tender, date of opening of Technical Bid and Financial Bid invited vide this office NIT No. Tender Online-C.C. 15 of 2025 Dated: 01.08.2025 issued vide this office Lr. No. 3615 Dated: 01.08.2025 is hereby reschedule as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for Bidding: Upto | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 15 of 2025 | 26.09.2025 at 5.00 P.M. | 03.10.2025 at 11.00 A.M. | To be intimated later |

All other conditions remain unaltered.
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0006/2526

GOVERNMENT OF ODISHA No. B-492
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR
Mail ID: sepwdsbp@rediffmail.com
e-Procurement
BID IDENTIFICATION No. CCENC (R AND B)/09/2025-26
No. 3177 Dtd.02.09.2025
1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works as detailed in the DTCN from the eligible class of contractors.
2. No. of Works : 10 (Ten) (Road Work)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special" Class
5. Date & time of available in website & receipt of Bids : From 11.09.2025 to 17.00 hours of 26.09.2025
6. Date of opening of technical Bid : 03.10.2025 at 11.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0039/2526

## Government of Odisha, e-Procurement Notice
## Invitation for Bids (IFB)
Bid Identification No. C.C.E. Dkl. (R&B) 07/2025-26
Email Id: sedklpwd@gmail.com
Letter No. 1920 Dt.04.09.2025
No. B-496: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:
1. Name of the work : Road & Building works
2. No. of Works : 08 (Eight) Nos
3. Estimated Cost : Rs.1.11 Crore to 7.51 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, 'A' Class & 'Special' Class (as given in Column No. 07 of Table)
6. Period of Completion of Work : 05 (Five) to 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.11.09.2025 to 5.00 P.M. of Dt.25.09.2025
8. Date of Opening of Bid : Dt.26.09.2025 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: www.tendersodisha.gov.in. Any addendum/corrigendum/cancellation of tender can also be seen in the said website.
Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0038/2526

No. W-44
ACCESS TO JUSTICE FOR ALL
## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
### ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)
### ବିଶେଷ ସୂଚନା

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୩।୦୯।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଲଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0020/2526

No. CAD-1486
ODISHA
## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: VISC(LEM)Proj-64/24-25/15152 ତାରିଖ: 11.08.2025

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ମୂର୍ତ୍ତି ନିର୍ମାଣରେ ପୋଡ଼ା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**
Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।
ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: **http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf**।

ସ୍ୱା./- ସଦସ୍ୟ ସଚିବ
OIPR-08012/11/0336/2526

**ଆଜି ଭୁବନେଶ୍ୱର-ରାଉରକେଲା ଏକ୍ସପ୍ରେସ୍ ବାତିଲ**

ଭୁବନେଶ୍ୱର,(ଅନୁରାଧା ମହାରଣା): ଲିଙ୍କ୍ ରେକ୍ ବିଳମ୍ବରେ ଚାଲିବା ଯୋଗୁ ବୁଧବାର ୨୨୮୪୦/୨୨୮୩୯ ନଂ. ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ଉଭୟ ଦିଗରୁ ବାତିଲ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ଯାତ୍ରୀମାନଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ୧୧ରେ ସଂସ୍କୃତ-ହିନ୍ଦୀ ଶିକ୍ଷକ ମିଳିତ ମଞ୍ଚର ଧାରଣା

ଭୁବନେଶ୍ୱର,୯।୯(ସୁଚିସ୍ମିତା ସାହୁ)

ମାଧ୍ୟମିକ ଶିକ୍ଷକଙ୍କ ନୂତନ କ୍ୟାଡର ରୁଲ୍‌ର ତୁରନ୍ତ ବିଭାଗୀୟ ଅନୁମୋଦନ ପାଇଁ ସଂସ୍କୃତ -ହିନ୍ଦୀ ଶିକ୍ଷକ ମିଳିତ ମଞ୍ଚ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ଆସନ୍ତା ୧୧ ତାରିଖରେ ଲୋୟର ପିଏମ୍‌ଜିଠାରେ ଧାରଣା ସହ ବଡ଼ ସମାବେଶ ଅନୁଷ୍ଠିତ ହେବ ବୋଲି ମଞ୍ଚ ଆବାହକ ବିଜୟ ତ୍ରିପାଠୀ ଜଣାଇଛନ୍ତି। ସେ କହିଛନ୍ତି, ମାଧ୍ୟମିକ ଶିକ୍ଷକଙ୍କ ନୂତନ କ୍ୟାଡର ରୁଲ୍ ଲାଗୁ ପାଇଁ ଗତ ମାସରେ ମିଳିତ ମଞ୍ଚର ଏକ ଆନ୍ଦୋଳନ ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ଉକ୍ତ ଫାଇଲର ଅନୁମୋଦନ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୫ ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅନୁମୋଦନ ମିଳିପାରିନାହିଁ। ତେଣୁ ଉଭୟ ସଂଘ ମିଳିତ ରୂପେ ପୁନର୍ବାର ୪ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଆସନ୍ତା ୧୮ ଓ ୨୧ ତାରିଖରେ ହେବାକୁ ଥିବା ଆନ୍ଦୋଳନରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କ ସମସ୍ୟାକୁ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଉକ୍ତ ଆନ୍ଦୋଳନକୁ ମିଳିତ ମଞ୍ଚ ସମର୍ଥନ କରିବ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

### ବାଉଁଶ ଚାରା ଉତ୍ପାଦନ କେନ୍ଦ୍ରକୁ ଅନୁମୋଦନପତ୍ର

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ବାଉଁଶ ଚାରା ଉତ୍ପାଦନ କେନ୍ଦ୍ରକୁ ଜାତୀୟ ବାଉଁଶ ମିଶନ୍‌ର ନିର୍ଦ୍ଦେଶାବଳୀ ଅନୁଯାୟୀ ୩ବର୍ଷ ନିମନ୍ତେ ଅନୁମୋଦନପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଚନ୍ଦ୍ରଶେଖରପୁରସ୍ଥିତ ବନବିଭାଗ ମୁଖ୍ୟ କାର୍ଯ୍ୟାଳୟ ଅରଣ୍ୟ ଭବନ ପରିସରରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ରାଜ୍ୟ ମିଶନ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏହି ଅନୁମୋଦନ ପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ନିରାକାର ଭୋଳ, ରାଜ୍ୟ ବନତତ୍ତ୍ୱବିତ୍ କାର୍ଯ୍ୟାଳୟ ଭୁବନେଶ୍ୱରର ସହାୟକ ବନ ସଂରକ୍ଷକ କଣିସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାର ବେଗୁନିଆପଡ଼ା ଆଡି ବ୍ଲକ ଅଧୀନସ୍ଥ ଖଲାଡ଼ି ଗ୍ରାମରେ କେଦାରକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ମିଶନ୍ ପ୍ରତିଷ୍ଠା କରାଯାଇଛି। ଉକ୍ତ ଚାରା ଉତ୍ପାଦନ କେନ୍ଦ୍ରକୁ ଅଗଷ୍ଟ ୨୯ରେ ରାଜ୍ୟସ୍ତରୀୟ ବାଉଁଶ ଚାରା ଉତ୍ପାଦନ କମିଟିର ସଭ୍ୟମାନେ ପରିଦର୍ଶନ କରି ମାନ୍ୟତା ପ୍ରଦାନ ନିମନ୍ତେ ସୁପାରିସ କରିଥିଲେ।

# କୁଳପତିଙ୍କୁ ଘେରିଲେ ଛାତ୍ର



କୁଳପତିଙ୍କୁ ଘେରାଉ ପାଇଁ ଆସିଥିବା ଛାତ୍ର ଓ ପୁରାତନ ଛାତ୍ରମାନେ ।

**ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରୁ ବସ୍ତି ଉଚ୍ଛେଦ ଦାବି**

- ଅନେକ କର୍ମଚାରୀ କ୍ୱାର୍ଟର୍ସକୁ ଭଡ଼ାରେ ଲଗାଇଥିବା ଅଭିଯୋଗ
- ଜବରଦଖଲ କ୍ୱାର୍ଟର୍ସ ହଟାଇବାକୁ ନୋଟିସ୍ ହୋଇଛି: କୁଳପତି

ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବାହାର କରାଯିବା ପରେ ବିଶ୍ୱବିଦ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। କ୍ୟାମ୍ପସ୍ ପରିସରରୁ ବସ୍ତି ଉଚ୍ଛେଦ ସହ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ବେଆଇନ ଭାବେ ରହୁଥିବା ବ୍ୟକ୍ତିଙ୍କୁ ବାହାର କରିବାକୁ ଦାବି ହୋଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟର କେତେଜଣ ପୂର୍ବତନ ଛାତ୍ରଙ୍କ ସମେତ ଛାତ୍ରୀଛାତ୍ର କୁଳପତିଙ୍କୁ ଘେରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ସେମାନେ ଭଡ଼ାରେ ଲଗାଇଥିବା ସମ୍ପୃକ୍ତ ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏଥିସହ ଅନେକ କର୍ମଚାରୀଙ୍କ ଚାକିରି ସରିବା ପରେ ମଧ୍ୟ କ୍ୟାମ୍ପସ୍‌ରେ ରହୁଥିବା କହି ଅଭିଯୋଗକାରୀମାନେ ପାଟିତୁଣ୍ଡ କରିଥିଲେ। ପୂର୍ବତନ ଛାତ୍ରମାନଙ୍କ ଅଭିଯୋଗ ଅନୁସାରେ, ଦୀର୍ଘ ଦିନରୁ ବେଆଇନ ଭାବେ ଅନେକ କ୍ୱାର୍ଟର୍ସ ଅକ୍ତିଆର୍ ହୋଇଥିଲେ ମଧ୍ୟ ସେମାନଙ୍କ ବିରୋଧରେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ସମ୍ପୃକ୍ତ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟର ପାଣି ଓ ବିଦ୍ୟୁତ ବ୍ୟବହାର କରି ଆର୍ଥିକ ବୋଝ ଲଦୁଛନ୍ତି। କ୍ୟାମ୍ପସ୍ ଭିତରେ ଗଢ଼ିଉଠିଥିବା ବସ୍ତି ଉପରେ କାହାର ନଜର ନାହିଁ। ବସ୍ତିବାସିନ୍ଦାଙ୍କ ଅବାଧ ପ୍ରବେଶ ନିଶା କାରବାର ବଢ଼ାଉଥିବା ସେମାନେ ଦର୍ଶାଇଛନ୍ତି। ପୂର୍ବରୁ କ୍ୟାମ୍ପସ୍‌ରୁ ବ୍ରାଉନ୍‌ସୁଗାର ଜବତ ହୋଇଥିଲେ ମଧ୍ୟ ଏନେଇ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ନ ଥିବା କୌଣସି ବ୍ୟକ୍ତିଙ୍କୁ କ୍ୟାମ୍ପସ ପରିସରକୁ ପୂରାଇ ନ ଦେବା ପାଇଁ ସ୍ୱର ଉଠିଛି। ଏନେଇ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି, କ୍ୟାମ୍ପସ୍‌ରେ ବେଆଇନ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବାକୁ ବ୍ୟାପକ ଭାବେ ଉଚ୍ଛେଦ କରାଯାଇଛି। ଜବରଦଖଲ ହୋଇଥିବା କ୍ୱାର୍ଟର୍ସକୁ ଚିହ୍ନଟ କରି ଖାଲି କରିବାକୁ ପୂର୍ବରୁ ନୋଟିସ୍ ଦିଆଯାଇଛି। ମଙ୍ଗଳବାର ପୁଣି ଦ୍ୱିତୀୟ ଥର ପାଇଁ ସେମାନଙ୍କୁ ନୋଟିସ୍ କରାଯାଇଛି। ଖୁବଶୀଘ୍ର ସେଗୁଡ଼ିକରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ। ସେହିପରି କ୍ୟାମ୍ପସରେ ଗଢ଼ି ଉଠିଥିବା ବସ୍ତି ସମ୍ପର୍କରେ ବିଡିଏ ଏବଂ ବିଏମ୍‌ସି ସହିତ ଆଲୋଚନା କରି ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ପ୍ରଫେସର ଦଣ୍ଡପାଟ କହିଛନ୍ତି। ଅନ୍ୟପଟେ ହଷ୍ଟେଲରୁ ଅଣଛାତ୍ରଙ୍କୁ ବାହାର କରିବା ପରେ ହଠାତ୍ ପୂର୍ବତନ ଛାତ୍ରମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବ୍‌ର ଦ୍ୱିତୀୟ ସପ୍ତାହରେ ଘୋଷିତ ୩ ଲକି ବିଜେତାଙ୍କ ମଧ୍ୟରୁ ପ୍ରଥମ ବିଜେତା ସବ୍ୟସାଚୀଙ୍କୁ କଟନ ଫ୍ୟାବ୍‌ର ମ୍ୟାନେଜର ସାବନ କୁମାର ପୁରସ୍କୃତ କରୁଛନ୍ତି।

## ଲକ୍ଷ୍ମୀସାଗରକୁ ସ୍ୱଚ୍ଛ ଗ୍ରାମରେ ପରିଣତ କରିବାକୁ ଆହ୍ୱାନ

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଏବଂ ଫିଡ୍‌ବ୍ୟାକ ଫାଉଣ୍ଡେଶନ ଦ୍ୱାରା ୱାର୍ଡ ନଂ. ୪୩ ଲକ୍ଷ୍ମୀସାଗର ଗ୍ରାମର ୱାର୍ଡ କାର୍ଯ୍ୟାଳୟରେ ମା' ଡାଲଖାଇ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମକୁ ଆବର୍ଜନାମୁକ୍ତ ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଫେଡେରେଶନର ସଭାପତି ଶାଶ୍ୱତୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ କର୍ପୋରେଟର ଭରତ କୁମାର ଲେଙ୍କା ପରିଚାଳନା କରିଥିଲେ। ଫାଉଣ୍ଡେଶନର ଆଇଇସି ଏକ୍ସପର୍ଟ ବିଶେଷଜ୍ଞ ସନ୍ତୋଷ କୁମାର ପାଣ୍ଡେ, ରଞ୍ଜନ କୁମାର ନାୟକ, ରଞ୍ଜୁକ୍ତା ସେନାପତି ଗାଁକୁ ଅଳିଆମୁକ୍ତ କରିବା ପାଇଁ ଘରୁ ବାହାରୁଥିବା ୪ ପ୍ରକାରର ଅଳିଆ ଏବଂ ୪ ପ୍ରକାରର ଡଷ୍ଟବିନ ବିଷୟରେ ସୂଚନା ଦେଇଥିଲେ। ସ୍ୱଚ୍ଛ ସବାରିରେ ଦିଆଯାଇଥିବା ବିଭିନ୍ନ ଅଳିଆ ବିଷୟରେ ସୂଚନା ଦିଆଯାଇଥିଲା ଏବଂ ଗ୍ରାମକୁ ଏକ ସ୍ୱଚ୍ଛ ଗ୍ରାମ କରିବା ପାଇଁ ସମ୍ପ୍ରଦାୟକୁ ପ୍ରେରଣା ଦିଆଯାଇଥିଲା। ବୈଠକ ପରେ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ମାନବଶୃଙ୍ଖଳ ଗଠନ କରି ଗାଁକୁ ଆବର୍ଜନା ମୁକ୍ତ କରିବାର ବାର୍ତ୍ତା ଦିଆଯାଇଥିଲା। ବୈଠକରେ ସ୍ୱଚ୍ଛ ସାଥୀ ଏବଂ ଫିଡବ୍ୟାକ ଫାଉଣ୍ଡେଶନର ଟିମ୍ ଉପସ୍ଥିତ ଥିଲେ।



ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମ୍‌ଦାରଙ୍କ ଆଶୁ ଆରୋଗ୍ୟ କାମନା କରି ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁଶନ ସିଣ୍ଡିକେଟ ଏବଂ ଓଲିଉଡ୍ ପରିବାର ପକ୍ଷରୁ ମଙ୍ଗଳବାର ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ୪୦ ହଜାର ବିଦ୍ୟାଳୟରେ ଛାତ୍ରୀଛାତ୍ର ଲଗାଇବେ ଚାରା

ଭୁବନେଶ୍ୱର, ୯।୯ (ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ସେପ୍ଟେମ୍ବର ୧୭ରେ ଓଡ଼ିଶା ୭୫ଲକ୍ଷ ଚାରାରୋପଣ କରି ରେକର୍ଡ କରିବ। ସକାଳ ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାରାରୋପଣ କାର୍ଯ୍ୟ ଚାଲିବ। ପରେ 'ମେରି ଲାଇଫ୍' ପୋର୍ଟାଲରେ ଚାରା ରୋପଣର ଫଟୋ ଅପ୍‌ଲୋଡ୍ ହେବ। ଏହି ବିଶାଳ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହେବେ। ରାଜ୍ୟର ୨ଲକ୍ଷ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନେତୃତ୍ୱରେ ପ୍ରାୟ ୪୦ ହଜାର ବିଦ୍ୟାଳୟର ୧୫ଲକ୍ଷ ଛାତ୍ରୀଛାତ୍ର ଏହି ଦିନ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଚାରାରୋପଣ କରିବେ। ଜିଲା ଶିକ୍ଷା ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମାହିତ ହେବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି। ମଙ୍ଗଳବାର ଏନେଇ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ମୁଖ୍ୟ ସଚିବ ସାହୁ କହିଲେ, ଛାତ୍ରୀଛାତ୍ରମାନେ ସବୁଜ ଚେତନାର ଆଲୋକବର୍ତ୍ତିକା। ପରିବେଶ ସୁରକ୍ଷା ଦିଗରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଲେ, ଉଦ୍ୟାନ କୃଷି ବିଭାଗ ଦେଶୀ କଲମୀ ଫଳଗଛ ଚାରା ମାଗଣାରେ ଯୋଗାଇ ଦେବ। ଉଚ୍ଚ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯିବ।

## 'ସ୍ମୃତିରେ ସ୍ମୃତିରେ'

ଭୁବନେଶ୍ୱର, ୯।୯(ସୌମ୍ୟରଞ୍ଜନ ରାଉତ)

ଗୀତିକାର ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ଜୟନ୍ତୀ ଅବସରରେ ସୋମବାର ସୂଚନା ଭବନରେ ହେଭେନ୍ସ ଗ୍ରୁପ ଟ୍ରଷ୍ଟ ଆନୁକୂଲ୍ୟରେ 'ସ୍ମୃତିରେ ସ୍ମୃତିରେ' ଚିରସବୁଜ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ମହାପ୍ରସାଦ କର, ହରପ୍ରିୟା ସ୍ୱାଇଁ, ଏନ୍. ଶ୍ରୀନିବାସ, ଡ. ଆଦ୍ୟାଶା ଦାସ, ଅଶ୍ୱିନୀ ମହାନ୍ତି, ଆହୁତି ମିଶ୍ର, ରଶ୍ମିତା ଦାସ, ଆୟୁଷ୍ମାନ ପଣ୍ଡା, ସ୍ମରଣିକା ନାୟକ, ରୁଦ୍ରାଂଶୁ, ସୁଶାନ୍ତ ପଣ୍ଡା, ଅର୍ଣ୍ଣବ ପଣ୍ଡା ଗୀତ ପରିବେଷଣ କରିଥିଲେ। ବିଭିନ୍ନ ନୂଆ ପୁରୁଣା ସଙ୍ଗୀତ ରହିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ବୈକୁଣ୍ଠ ବଳିଆ କନସଲଟାନ୍ସି ଆଣ୍ଡ ଡେଭଲପମେଣ୍ଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ମହାପାତ୍ର, ଶୈଳଜା ପ୍ରସାଦ ରଥ, ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ହେଭେନ୍ସ ଗ୍ରୁପର ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, ଟ୍ରଷ୍ଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା, ଡ. ଆଦ୍ୟାଶା ସୁଶାନ୍ତ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଡ଼ୁଆରୀ ସଂଯୋଜନା କରିଥିଲେ।

## ହାଇଟେକ୍‌ରେ ବିଶ୍ୱ ଫିଜିଓଥେରାପି ଦିବସ





କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

ହାଇଟେକ୍ ଫିଜିଓଥେରାପି ମହାବିଦ୍ୟାଳୟରେ ବିଶ୍ୱ ଫିଜିଓଥେରାପି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡ. ୱାଇ. ରୋଜାରମଣି, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଟ୍ରଷ୍ଟି ତଥା ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱରାଜ ପାଣିଗ୍ରାହୀ ଯୋଗଦାନ କରିଥିବାବେଳେ ମଞ୍ଚାସୀନ ଅତିଥି ଭାବେ ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପିର ଡିନ୍ ଆଣ୍ଡ ଡାଇରେକ୍ଟର ଡ. ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ଡ. ଦୀପକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ରୋଗୀର ଅସ୍ତ୍ରୋପଚାର ପରେ ଫିଜିଓଥେରାପିର ଆବଶ୍ୟକ ପଡ଼େ। ତେଣୁ ବିଭିନ୍ନ ବିଭାଗରେ ଫିଜିଓଥେରାପିକୁ ସାମିଲ କରି ରୋଗୀଙ୍କୁ ଏହାର ଚିକିତ୍ସା ପ୍ରଦାନ କରାଗଲେ ରୋଗୀ କମ୍ ସମୟରେ ସୁସ୍ଥ ହୋଇପାରିବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି। ବୟସ୍କ ବ୍ୟକ୍ତିଙ୍କଠାରେ ସାଧାରଣତଃ ଆଣ୍ଠୁ, ଗଣ୍ଠି ଓ ଅଣ୍ଟା ସମସ୍ୟା ଦେଖାଯାଏ। ଫିଜିଓଥେରାପି ଦ୍ୱାରା ଏସବୁ ସମସ୍ୟା ଦୂରେଇବା ସହ ସୁସ୍ଥ ଜୀବନ ବଞ୍ଚିପାରିବା ବୋଲି ଟ୍ରଷ୍ଟି ତଥା ପାରଳାଖେମୁଣ୍ଡି ବିଧାୟକ ଇଂ. ପାଣିଗ୍ରାହୀ କହିଛନ୍ତି।

## ୩୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଯୁବକ ଗିରଫ

ବାରଙ୍ଗ,୯।୯(ଲିଙ୍ଗରାଜ ରାଉତ)

ଅପରେଶନ ପ୍ରହାର ଅଭିଯାନ କ୍ରମେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଚନ୍ଦକା ଅଞ୍ଚଳରୁ ପାଣିଓରା ଗ୍ରାମର ସରୋଜ ପରିଡ଼ା(୨୭)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ପ୍ରାୟ ୩୦ଲକ୍ଷ ଟଙ୍କାର ୨୯୨ ଗ୍ରାମର ବ୍ରାଉନସୁଗାର ସମେତ ଏକ ପଲସର ଗାଡି ଜବତ ହୋଇଛି। ପ୍ରକାଶ ଯେ,ସରୋଜ ସକାଳେ ବ୍ରାଉନସୁଗାର ବିକ୍ରି ପାଇଁ ତାଙ୍କ ଗାଁ ପାଖରେ ବାଇକ୍ ଧରି ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଅଚାନକ ଚଢାଉ କରି ସରୋଜଙ୍କୁ କାବୁ କରିଛି। ଏନେଇ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମାମଲା (ନଂ. ୩୫୩/୨୫) ରୁଜୁ କରାଯାଇଛି ବୋଲି ଆଇଆଇସି ଧୀରେନ କୁମାର ବେହେରା କହିଛନ୍ତି।

## 'ଚିଲିକାରେ ମାଛଧରା ଓ ମତ୍ସ୍ୟସମ୍ପଦ ନିୟନ୍ତ୍ରଣ ଓଡ଼ିଶା' ବିଲ୍ ପ୍ରଣୟନ ହେଉ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓଡ଼ିଶା ପରିବେଶ ସମିତି

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ଓଡ଼ିଶାର ଗୌରବ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ଅପାର ଗନ୍ତାଘର ଏବଂ ବିବିଧ ଜଳଚର ଓ ପକ୍ଷୀ ସମ୍ଭାରକୁ ସମର୍ଥନ କରୁଥିବା ଜୈବବିବିଧତାର ଏକ ଅନନ୍ୟ ଭଣ୍ଡାର ହେଉଛି ଚିଲିକା। ସଂରକ୍ଷଣବାଦୀ ଓ ମତ୍ସ୍ୟଜୀବୀଙ୍କ ଦୀର୍ଘକାଳୀନ ଦାବି ଏବଂ ୧୯୯୩ ମସିହାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେଇ ଓଡ଼ିଶା ସରକାର ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବିତ 'ଚିଲିକାରେ ମାଛଧରା ଓ ମତ୍ସ୍ୟସମ୍ପଦ ନିୟନ୍ତ୍ରଣ ଓଡ଼ିଶା' ବିଲ୍-୨୦୧୭କୁ ଅନୁମୋଦନ କରିଥିଲେ। ହ୍ରଦରେ ବେଆଇନ ଚିଙ୍ଗୁଡ଼ି ଚାଷକୁ ରୋକିବା ଏବଂ ଚିଲିକା ବିକାଶ ପ୍ରାଧିକରଣ (ସିଡିଏ)କୁ ମାଛ ଧରିବା ଲିଜ କ୍ଷମତା ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଲ୍‌କୁ ଶୀତଳ ଭଣ୍ଡାରକୁ ଠେଲି ଦିଆଯାଇଛି। ତେଣୁ ଚିଲିକାର ସୁରକ୍ଷା ପାଇଁ ଆଗାମୀ ବିଧାନସଭା ଅଧିବେଶନରେ ପ୍ରତୀକ୍ଷିତ ଚିଲିକା ବିଲ୍ ପ୍ରଣୟନ କରିବା ପାଇଁ ଓଡ଼ିଶା ପରିବେଶ ସମିତି (ଓଇଏସ) ପକ୍ଷରୁ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଭାରତର ଏହି ପ୍ରଥମ ରାମସାର୍ ସ୍ଥଳୀ, ଅନ୍ତର୍ଜାତୀୟ ଗୁରୁତ୍ୱବହନକାରୀ ଆର୍ଦ୍ରଭୂମି ଏବଂ ଏସିଆର ସର୍ବବୃହତ୍ ଲବଣାକ୍ତ ହ୍ରଦ ବର୍ତ୍ତମାନ ଅନେକ ଅସ୍ତିତ୍ୱଗତ ବିପଦର ସମ୍ମୁଖୀନ ହେଉଛି। ପୁନଶ୍ଚ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ୍‌ର କଠୋର କାର୍ଯ୍ୟକାରିତା ଅଭାବରୁ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ କ୍ରମାଗତ ଦ୍ୱନ୍ଦ୍ୱ ଉପୁଜୁଛି। ହ୍ରଦଜଳ ମଧ୍ୟରେ ମତ୍ସ୍ୟଜୀବୀଙ୍କ ପାରମ୍ପରିକ ମତ୍ସ୍ୟ ଅମଳ ପରିବର୍ତ୍ତେ ଦୀର୍ଘବର୍ଷ ଧରି ଘେରି ନିର୍ମାଣ କରାଯାଇ ପ୍ରଭାବଶାଳୀ ବାହାର ଲୋକଙ୍କ ଦ୍ୱାରା ଜବରଦଖଲ ମାଧ୍ୟମରେ ବେଆଇନ ଚିଙ୍ଗୁଡ଼ି ଚାଷ କରାଯାଉଛି, ଯାହାକି ସମସ୍ୟାକୁ ଅଧିକ ଜଟିଳ ଏବଂ ସଂଘର୍ଷକୁ ତୀବ୍ର କରୁଛି। ଏହି ବିଲ୍ ପ୍ରଣୟନ ହେଲେ ହ୍ରଦ ପରିସଂସ୍ଥା ଏବଂ ମତ୍ସ୍ୟଜୀବୀମାନଙ୍କୁ ଆଶ୍ୱସ୍ତି ମିଳିବା ସହ ଓଡ଼ିଶାର ଏହି ମୂଲ୍ୟବାନ ଆର୍ଦ୍ରଭୂମି ସମ୍ପଦର ସୁରକ୍ଷା ହୋଇପାରିବ ବୋଲି ଓଇଏସ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି।

# ନନ୍ଦିଘୋଷ ରଥ ତୋରଣରେ ବିରାଜିବେ ମା'



**ଧରାବତରଣ କରିବେ ମା'**

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

କାଶତଣ୍ଡୀ ଫୁଲର ସମ୍ଭାରରେ ସଜେଇ ହେଲାଣି ଧରଣୀରାଣୀ। ଦେବୀ ଦଶଭୁଜାଙ୍କ ଧରାବତରଣ ପାଇଁ ଚଳଚଞ୍ଚଳ ହୋଇଉଠିଲାଣି ପୁରପଲ୍ଲୀ। ଜଗତ୍‌ଜନନୀଙ୍କ ଆବାହନ ନିମନ୍ତେ ସବୁଠି ଚାଲିଛି ପ୍ରସ୍ତୁତି ପର୍ବ। ଏହି କ୍ରମରେ ଚଳିତବର୍ଷ ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମଧ୍ୟ ଜୋରସୋରରେ ପ୍ରସ୍ତୁତି କରାଯାଉଛି। ୧୯୭୭ ମସିହାରୁ ଓଡ଼ିଶା ଗୃହ ନିର୍ମାଣ ନିଗମ ଦ୍ୱାରା ବାସଗୃହ ନିର୍ମାଣ ହୋଇ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନଗର ସ୍ଥାପନ ପରେ ୧୯୭୮ରୁ କଲୋନୀରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ଛୋଟ ଆକାରରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଏବେ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ସମିତି ପକ୍ଷରୁ ଏଥର ୪୭ତମ ପୂଜା ପାଳନ କରାଯିବ। ସୁନିଆ ତିଥିରୁ କୁଆଖାଇ ନଦୀରୁ ମୃତ୍ତିକା ଉତ୍ତୋଳନ ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଚଳିତ ବର୍ଷର ପୂଜା ବଜେଟ ୨୦ଲକ୍ଷ ଟଙ୍କା ରଖାଯାଇଛି। ଶ୍ରଦ୍ଧାଳୁମାନେ ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଆକାରର ତୋରଣରେ ଦେବୀ ଦଶଭୁଜାଙ୍କୁ ଦର୍ଶନ କରିବେ। ଏହି ତୋରଣର ଉଚ୍ଚତା ୪୪ ଫୁଟ ରହିବ। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୪ଫୁଟ ଓ ଜରି ମେଢ଼ର ଉଚ୍ଚତା ୧୮ ଫୁଟ ରହିବ। ଗଙ୍ଗାନଦୀରୁ ଆସିଥିବା ମାଟିରେ ମା'ଙ୍କ ମୂର୍ତ୍ତିରେ ପ୍ରଲେପ ଦିଆଯାଇଥାଏ, ଯାହାକି ଏଠାକାର ପୂଜାର ବିଶେଷତ୍ୱ। ମା'ଙ୍କ ଶରୀରରେ ରୁପା ମୁକୁଟ ଓ ରୁପା ହାର ଶୋଭା ପାଇବ। ସେହିପରି ପରମ୍ପରା ଭାବେ ଅଷ୍ଟମୀରେ ଖେଚୁଡ଼ି ଡାଲମା ଭୋଗ, ଦଶମୀରେ ଦହିପଖାଳ, ଶାଗଭଜା ଭୋଗ ସହିତ ନବମୀରେ ଅନ୍ନପ୍ରସାଦ ବିତରଣ କରାଯିବ। ଏହା ବ୍ୟତୀତ କଲୋନୀର ପ୍ରାୟ ୨୫୦୦ ଘରେ ବୁନ୍ଦି ଭୋଗ ବଣ୍ଟନ କରାଯିବ। ଚଳିତବର୍ଷ ନବମୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ କରିବେ। ଭସାଣି ଦିନ ଭିଏସ୍‌ଏସ୍ ନଗରରୁ ବାଣୀବିହାର ଛକ, ଶହୀଦନଗର, ରୂପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଭସାଣି ଯାତ୍ରା ହେବ। କୁଆଖାଇ ନଦୀ ନିକଟ ଅସ୍ଥାୟୀ ପୋଖରୀରେ ମାଆଙ୍କୁ ମେଲାଣି ଦିଆଯିବ।



**ବୀର ସୁରେନ୍ଦ୍ର ସାଏ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି**



"ଭିଏସ୍‌ଏସ୍ ନଗର ଦୁର୍ଗାପୂଜାରେ ଭିଏସ୍‌ଏସ୍ ନଗର ଓ ଇଡ୍‌କୋ କଲୋନୀରୁ ଦାନ ସଂଗ୍ରହ କରାଯାଏ। ଏଠାରେ ବଜେଟ କମ୍ ଥିଲେ ମଧ୍ୟ ପ୍ରତିବର୍ଷ ତୋରଣ ଓ ଆଲୋକ ସଜ୍ଜା ଆକର୍ଷଣୀୟ ହୋଇଥାଏ। ଭିଏସ୍‌ଏସ୍ ନଗରରେ ମାଆଙ୍କ ପୂଜା ଅତି ନିଷ୍ଠାର ସହ ହୋଇଥାଏ।

**– ପ୍ରତାପ କୁମାର ନନ୍ଦ, ସାଧାରଣ ସମ୍ପାଦକ**



"ମା'ଙ୍କ ପୂଜା ଭାଇଚାରା ଭିତରେ ହେଉଥିବାବେଳେ ପ୍ରତି ଘରେ ଦାନ ସଂଗ୍ରହ ସହିତ ନିମନ୍ତ୍ରଣ ଦିଆଯିବାର ବ୍ୟବସ୍ଥା ରହିଛି। ସେହିଭଳି ପ୍ରତି ଘରେ ଭୋଗ ଦେବା ଓ ପ୍ରତି ଘରେ ଦାନର ସଂଗ୍ରହ ଓ ଖର୍ଚ୍ଚର ହିସାବ ଦେବା ଦୁର୍ଗାପୂଜା ସମିତିର ପରମ୍ପରା। ଚଳିତ ବର୍ଷ ମଧ୍ୟ ଏହି ପରମ୍ପରାକୁ ପାଳନ କରାଯିବ।

**– ମନୋଜ କୁମାର ସାହୁ, ଯୁଗ୍ମସମ୍ପାଦକ**



"ମା'ଙ୍କ ପୂଜାରେ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହେବା ସହ ସିସିଟିଭି ଲଗାଯିବ, ସିକ୍ୟୁରିଟି ଗାର୍ଡ୍ ବ୍ୟବସ୍ଥା ମଧ୍ୟ ରହିବ। ସେହିପରି ବିଏମ୍‌ସିର ନିୟମ ଅନୁଯାୟୀ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରାଯିବ। ଏଥିସହ ଅଗ୍ନି ନିରାପତ୍ତା ପାଇଁ ମଧ୍ୟ ସମସ୍ତ ପ୍ରକାର ଉପକରଣ ଆୟୋଜନ କରାଯିବ।

**– ଦିଲ୍ଲୀପ ଦାଶଶର୍ମା, ବରିଷ୍ଠ ସଦସ୍ୟ**

# ସପ୍ତାହ ଭିତରେ ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

■ ଛାତ୍ର କଂଗ୍ରେସ ପକ୍ଷରୁ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର

■ ନିମ୍ନମାନର କାମ, ଅର୍ଥ ହରିଲୁଟର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)



ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛାତ୍ର କଂଗ୍ରେସ କର୍ମୀମାନେ।

ଶାରଦୀୟ ପୂଜା ପାଇଁ ଖୋର୍ଦ୍ଧା ସହରର ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ତେବେ ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ବଡ଼ ବଡ଼ ଗର୍ତ୍ତରେ ପାଣି ଜମି ରହିଥିବାରୁ ଲୋକେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ପୂଜା ପୂର୍ବରୁ ରାସ୍ତାଘାଟ ମରାମତି ପାଇଁ ଦାବି କରିଛି ଛାତ୍ର କଂଗ୍ରେସ। ଏନେଇ ମଙ୍ଗଳବାର ଏକାଧିକ ଛାତ୍ର କଂଗ୍ରେସ କର୍ମୀ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହ ସପ୍ତାହେ ମଧ୍ୟରେ ରାସ୍ତା ମରାମତି ନ ହେଲେ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ନିମ୍ନମାନର କାମ ଯୋଗୁ ଏକ ବର୍ଷ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିଯିବା ସହ ମରାମତି ଆଳରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଛି।ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ଛାତ୍ର କଂଗ୍ରେସ ଦାବି କରିଛି।

ଛାତ୍ର କଂଗ୍ରେସର ଅଭିଯୋଗ ଅନୁଯାୟୀ, ନୂଆ ବସ୍‌ଷ୍ଟାଣ୍ଡଠାରୁ ୧୦୦ମିଟର ଦୂର ପଲ୍ଲା ଛକ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଗୋଟିଏ ସ୍ଥାନରେ ବହୁ ଖାଲ ସୃଷ୍ଟି ହୋଇଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଏହି ରାସ୍ତାରେ ମାଟି, ଗୋଡ଼ି ପକାଯାଇଥିଲେ ମଧ୍ୟ ଲଗାଣ ବର୍ଷାରେ ରାସ୍ତା କାଦୁଅ ହେବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଏହାର ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅଗ୍ନିଶମ ସଂସ୍ଥା, ପୂର୍ତ୍ତ ବିଭାଗ ସମେତ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ ରହିଛି। ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀଙ୍କ ଯାତାୟାତ ସତ୍ତ୍ୱେ ମରାମତି ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଖୋର୍ଦ୍ଧା ସହର ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥର ମୁକୁନ୍ଦପ୍ରସାଦ ଦେଇ ମାରୱାଡି ପଟି, ଟ୍ରାଫିକ୍ ଛକ, ପୋଷ୍ଟାଲ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ରୋଡ୍, ମେଡିକାଲ ରୋଡ୍‌ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ପୋଷ୍ଟଲ ଛକରେ ରାସ୍ତାରୁ ପିଚୁ ଉଠି ଲୁହାରଡ୍ ଦେଖାଗଲାଣି। ପୋଷ୍ଟ ଅଫିସ ଛକ ନିକଟରେ ୪ଟି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ପାଣି ଜମି ଲୋକେ ପଡି ଆହତ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଚଣ୍ଡିଚୁଆ ଚକରେ ମଧ୍ୟ ସମାନ ସମସ୍ୟା ରହିଛି। ମେଡିକାଲ ଛକ ନିକଟରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଭାରିଯାନ ଯାତାୟାତ ଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏପରିକି ମେଡିକାଲକୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ନିମ୍ନମାନର କାମ ଯୋଗୁ ରାସ୍ତୁ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ସେହିଭଳି ନୂଆ ବସ୍‌ଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତ ୫ବର୍ଷ ମଧ୍ୟରେ ଏକାଧିକ ଥର ମରାମତି, ପିଚୁ କରାଯାଇଛି। ତେବେ କିଛି ମାସ ପରେ ରାସ୍ତାରୁ ପିଚୁ ଉଠି ପୁଣି ଗାତ ସୃଷ୍ଟି ହେଉଛି। ଏହି ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହାର କ୍ରାଇମବ୍ରାଞ୍ଚ ସ୍ତରୀୟ ତଦନ୍ତ ଲାଗୁ ଛାତ୍ର କଂଗେସ ଦାବି କରିଛି। ପିସିସି ମୁଖପାତ୍ର ଅମିତ୍ ମହାନ୍ତିଙ୍କ ଉପସ୍ଥିତି ଏବଂ ଛାତ୍ର କଂଗ୍ରେସ ନେତା ମନୱର ହୁସେନ ଖାନଙ୍କ ନେତୃତ୍ୱରେ ନସିର ସୁଲତାନ, ଦେବୀ ପ୍ରସାଦ ଦାସ, ସମର୍ପିତ ସିଂହ, ରାଜେଶ ରୋଶନ ପରିଡ଼ା, ମହମ୍ମଦ ଗୁଫ୍ରାନ, ସହୀଦ ଖାନଙ୍କ ସମେତ ଏକାଧିକ ଛାତ୍ର କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ(ସିଭିଲ) ଶିବଲାଲ ସାହୁ କହିଛନ୍ତି, ଲଘୁଚାପଜନିତ ବର୍ଷା ପାଇଁ ରାସ୍ତା ମରାମତି ହୋଇପାରୁନାହିଁ। ପୂଜା ପୂର୍ବରୁ ସମସ୍ତ ରାସ୍ତା ମରାମତି କରାଯିବ। ଏହି ରାସ୍ତାର ଉନ୍ନତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ୯କୋଟି ଟଙ୍କା ମଞ୍ଜୁର ହୋଇଛି। ରାସ୍ତାପାର୍ଶ୍ୱ ଡ୍ରେନ୍ ନିର୍ମାଣ, ଦୁଇଥାକିଆ ରାସ୍ତା ଓ ମଝିରେ ଡିଭାଇଡର ରହିବ।

# ଉନ୍ନୟନ କାର୍ଯ୍ୟ ବନ୍ଦ ପ୍ରତିବାଦରେ ଭାଜପା କର୍ମୀଙ୍କ ହୋହଲ୍ଲା



ବୋଲଗଡ଼,୯।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବନ୍ଦ ପ୍ରତିବାଦରେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀଙ୍କ ସମେତ ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ। ସରପଞ୍ଚ ସତ୍ୟଭାମା ଦେଇଙ୍କ ନେତୃତ୍ୱରେ ମଣ୍ଡଳ ଭାଜପା ସମ୍ପାଦକ ଅଜିତ ପଟ୍ଟନାୟକ, ଅର୍ଜୁନ ପଟ୍ଟନାୟକ,ଦୀପନ ବିଶ୍ୱାଳ, ସଞ୍ଜୟ ବେହେରା, ତ୍ରିନାଥ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ନକୁଳ ରାଉତରାୟ, ଲକ୍ଷ୍ମୀଧର ବଳିୟାରସିଂହ, ପିଙ୍କଲ ମୁଦୁଲି, ବିନୋଦ ମହାରଣାଙ୍କ ସମେତ ବହୁ ଭାଜପା କର୍ମୀ ବିଡିଓଙ୍କ ଅନୁପସ୍ଥିତିରେ ନାରାବାଜି କରିଥିଲେ। ସୂଚନାଥାଉ କି, ୧୮ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୧୨ଜଣ ୱାର୍ଡମେମ୍ବର ଖୋର୍ଦ୍ଧା ଉପଜିଲାପାଳଙ୍କୁ ଭେଟି ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ଅନାସ୍ଥା ପ୍ରକଟ କରିଥିଲେ। ଏନେଇ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ମାଧ୍ୟମରେ ଗତ ୩ ତାରିଖରେ ଏହି ପଞ୍ଚାୟତର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ୱାର୍ଡମେମ୍ବର ଓ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ପରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ତେବେ ପୂର୍ବରୁ ସରପଞ୍ଚଙ୍କ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ ଦାଖଲ ହୋଇଥିବା ବେଳେ ଏହାର ବିଚାର କରି ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଭୋଟ ଫଳାଫଳ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବାଲଟ ବାକ୍ସ ଜିଲା ସ୍ୱତନ୍ତ୍ର କୋଷାଗାରରେ ସଂରକ୍ଷିତ ରଖାଯାଇଛି। ଏ ସଂକ୍ରାନ୍ତରେ ବିଡିଓ ସୁମନ ସୁଧା କୁଣ୍ଟୁ କହିଛନ୍ତି ଯେ, ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅସଙ୍ଗତି ନେଇ ୱାର୍ଡମେମ୍ବରମାନେ ଅଭିଯୋଗ କରିଥିବାରୁ କାର୍ଯ୍ୟ ସ୍ଥଗିତ ରହିଛି। ତଦନ୍ତ ପରେ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ପୁନଃ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ସଫଳ ରୂପାୟନ କରାଯିବ ବୋଲି ସେ କହିଛନ୍ତି।

# ‘ବରିଷ୍ଠ ନାଗରିକ ଚାପମୁକ୍ତ ଜୀବନଯାପନ କରନ୍ତୁ’

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ସହଯୋଗରେ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା.ଭାଗୀରଥି ଛୁଆଳସିଂହଙ୍କ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଶୃଙ୍ଖଳିତ ଦିନଚର୍ଯ୍ୟା, ସନ୍ତୁଳିତ ଖାଦ୍ୟ, ଶରୀର ଉପଯୋଗୀ ବାୟାମ, ମାଦକଦ୍ରବ୍ୟ ମୁକ୍ତ ଜୀବନ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ରୋଗଠାରୁ ଦୂରେଇ ରଖିଥାଏ। ତେଣୁ ଶରୀର ସୁସ୍ଥ ରଖିବା ନିମନ୍ତେ ଔଷଧ ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍। ହୃଦ୍‌ରୋଗ ବିଶେଷଜ୍ଞ ଡା. ଜିତେନ୍ଦ୍ର ନାଥ ପଟ୍ଟନାୟକ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଏବଂ ଏହାର ନିରାକରଣ, ହୃଦ୍‌ଘାତର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନେ ଚାପ ମୁକ୍ତ ଜୀବନଯାପନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ସେହିପରି ସ୍ନାୟୁ ବିଭାଗର ଡା. ଅମ୍ଳାନ ତପନ ମହାପାତ୍ର ମତବ୍ୟକ୍ତ କରିଥିଲେ। ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ବିଜୟ ଚଙ୍ଗନାଥ, ସୂର୍ଯ୍ୟକାନ୍ତ ପଣ୍ଡା, ନବୀନ ସାମନ୍ତସିଂହାର, ହରମୋହନ ମହାପାତ୍ର, ମାୟାଧର ପ୍ରଧାନ, ରାମଚନ୍ଦ୍ର ଦୋରା, ଗଦାଧର ଗୋଛି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ଏବଂ ସହ-ସମ୍ପାଦକ ସନ୍ତୋଷ ଦାସ ସଂଯୋଜନା କରିଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୬୯ ବରିଷ୍ଠ ନାଗରିକ


ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ତୀର୍ଥଯାତ୍ରୀ ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରୁ ଅଯୋଧ୍ୟା-ବାରଣାସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୟସର ଅପରାହ୍ନରେ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା କରାଇ ପୁଣ୍ୟପ୍ରାପ୍ତି କରାଇବା ଉଦ୍ଦେଶ୍ୟରେ ଏକ ଅଭିନବ ପ୍ରୟାସ। ଆଧ୍ୟାତ୍ମିକତାର ଦିବ୍ୟ ଅନୁଭୂତି ଏହି ଯୋଜନାର ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରତିବର୍ଷ ଚାଲୁ ରହିଛି। ଯେଉଁମାନେ ଚଳିତ ବର୍ଷ ଯାଇପାରି ନାହାନ୍ତି ପୁନଃ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲେ ସେମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଏହି ତୀର୍ଥ ଭ୍ରମଣର ସୁଯୋଗ ନେଇପାରିବେ। ଖୋର୍ଦ୍ଧା ଜିଲାର ୧୬୯ ତୀର୍ଥ ଯାତ୍ରୀ ରହିଛନ୍ତି। ସେଥିମଧ୍ୟରେ ସହଯୋଗୀ ତୀର୍ଥଯାତ୍ରୀ ୨ଜଣ, ଦମ୍ପତି ତୀର୍ଥ ଯାତ୍ରୀ ୭୦ଜଣ ଏବଂ ଏକକ ତୀର୍ଥ ଯାତ୍ରୀ ୯୭ ଜଣ ଅଛନ୍ତି। ଏମାନଙ୍କୁ ନେଇ ବସ୍‌ଗୁଡ଼ିକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମାନୁସାରେ ପ୍ରତ୍ୟେକ ତୀର୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପ୍ରଧାନ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କର ୬ଦିବସୀୟ ତୀର୍ଥ ଯାତ୍ରା ସଫଳ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଏସ୍କର୍ଟ ଅଫିସରଭାବେ ନିହାର ରଞ୍ଜନ ମହାନ୍ତି, ବିନୋଦ ଚନ୍ଦ୍ର ବାରିକ, ସଂଗ୍ରାମ କେଶରୀ ଦାସ, ଅଟଳ କୁମାର ଧର୍ମରାଜ ଏବଂ ସତ୍ୟବ୍ରତ ତ୍ରିପାଠୀଙ୍କୁ ତୀର୍ଥ ଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତି ଦିଆଯାଇଛି। ତୀର୍ଥ ଯାତ୍ରୀମାନେ ବୁଧବାର ସ୍ୱତନ୍ତ୍ର ଟ୍ରେନରେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଭୁବନେଶ୍ୱରଠାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ପର୍ଯ୍ୟଟନ ଅଧିକାରୀ ମୀରା ବେହେରା ସଂଯୋଜନା କରିଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାସ୍ତା ଫାଟି ଆଁ, ଲୋକେ ହଇରାଣ



ବେଗୁନିଆ,୯।୯(ସନ୍ଧ୍ୟାରାଣୀ ମିଶ୍ର)

ପୂର୍ତ୍ତ ବିଭାଗ ଅଧୀନସ୍ଥ ସିମୋର-ବାଙ୍କୀ ରାସ୍ତାର ଭୋଗଡା ବାଲୁଙ୍କେଶ୍ୱର ଦେବ ମନ୍ଦିର ସମ୍ମୁଖରୁ ତୁଳସୀପୁର ପର୍ଯ୍ୟନ୍ତ ଯାଇଥିବା ଦେଢ଼ କିଲୋମିଟର କଂକ୍ରିଟ ଢଳେଇ ରାସ୍ତାଟି ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ ସ୍ଥାନ ଫାଟି ଆଁ କରିବା ସହ ଲୁହାରଡ୍ ଉପରକୁ ଦେଖାଯାଉଛି। ଏହି ରାସ୍ତାଟି ବାଙ୍କୀ ଉପଖଣ୍ଡ ସମେତ କଟକ, ଆଠଗଡ଼ ଓ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ ଦିବାରାତ୍ରରେ ହଜାର ହଜାର ଭାରପ୍ରଯାନ, ଲଘୁଯାନ, ବାଇକ୍ ଓ ସାଇକେଲ ଆରୋହୀଙ୍କ ସମେତ ପଥଚାରୀମାନେ ଯାତାୟାତ କରିଥାନ୍ତି। ଏପରିକି ରାସ୍ତାରେ ହୋଇଥିବା ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା ଦୂରାବସ୍ଥା ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରେ ଦୁଇରୁ ତିନି ଦିନ ମଧ୍ୟରେ ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ସବୁଜିମା ସୃଷ୍ଟି ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ




ବେଗୁନିଆ,୯।୯(ହର ପ୍ରସନ୍ନ ପଣ୍ଡା)

ଯୁବପିଢ଼ିଙ୍କୁ ସାମିଲ କରି ଚାରାରୋପଣ ମାଧ୍ୟମରେ ସବୁଜିମାର ବୃଦ୍ଧି ଘଟାଇବା ହେଉଛି ସାମ୍ପ୍ରତିକ ସମୟରେ ଏକ ବଡ଼ ଆହ୍ୱାନ। ପରିବେଶ ଜନିତ ସମସ୍ତ ସମସ୍ୟାକୁ ପ୍ରତିହତ କରିବାର ଶ୍ରେଷ୍ଠ ପ୍ରଯୁଜ୍ୟ କାର୍ଯ୍ୟପନ୍ଥା ହେଉଛି ଜଙ୍ଗଲ ସୃଷ୍ଟି। ଏହି ଆଭିମୁଖ୍ୟକୁ ଅବଲମ୍ବନ କରି ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ଲୋକାଲ ହେଡ ଅଫିସରଙ୍କ ଯୁଗ୍ମ ପୃଷ୍ଠ ପୋଷକତାରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ଏହିକ୍ରମରେ ସୋମବାର ବେଗୁନିଆର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତି ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧା କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ଜିତେନ୍ଦ୍ର କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଓଇଏସ୍ ସମ୍ପାଦକ ଇଂ.ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ବିଶ୍ୱନାଥ ପୁହାଣ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପରିବେଶ, ଜୀବଜଗତ ଏବଂ ଜଙ୍ଗଲ ସୃଷ୍ଟି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଦିପିକା ମଲ୍ଲିକ, ଦିବ୍ୟଦର୍ଶିନୀ ସାହୁ, ବର୍ଷା ନାୟକ, ଶଙ୍ଖମୁଦ୍ରା ଥାଟୋଇ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ୨୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା।

# ଭାଗବତ ପାଠ, ପାରାୟଣ ଉଦ୍‌ଯାପିତ

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)



ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ରାଧାବଲ୍ଲଭ ମନ୍ଦିର ପରିସରରେ ଚାଲିଥିବା ଭାଗବତ ପାଠ, ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଭକ୍ତି ବେଦାନ୍ତ ବୋଧାୟନ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା.ଆଶୁତୋଷ ମିଶ୍ର ପ୍ରବକ୍ତାଭାବେ ଯୋଗଦେଇ ଭଗବାତ ପୁରାଣ ଏବଂ ଶ୍ରୀଜଗନ୍ନାଥଙ୍କ ଅଲୌକିକ ମହିମା ବର୍ଣ୍ଣନା କରିଥିଲେ। ଓଡ଼ିଆ ଭାଗବତ ହେଉଛି ଓଡ଼ିଆ ଜାତିର ସ୍ପନ୍ଦନ ଏବଂ ଅସ୍ମିତା। ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅମୂଲ୍ୟ। ଏବେ ମଧ୍ୟ ଗ୍ରାମାଞ୍ଚଳରେ ଭାଗବତ ଟୁଙ୍ଗୀ, ଭାଗବତ ଗାଦିରେ ଭାଗବତ ପାଠ କରାଯାଉଛି। ଭାଗବତ ଟୁଙ୍ଗି, ଭାଗବତ ଗାଦିରେ ପୂଜା ପାଉଥିବା ଅତିବଡ଼ି ଜଗନ୍ନାଥ ଦାସଙ୍କ ତାଳପତ୍ର ‘ଭାଗବତ ପୋଥି’ଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ଭାଗବତ ବ୍ୟତୀତ କୌଣସି ଗ୍ରନ୍ଥ ନାହିଁ, ଯାହା ୭ ଦିନରେ ମଣିଷକୁ ମୁକ୍ତିର ମାର୍ଗ ପ୍ରଶସ୍ତ କରାଇପାରିବ। ମୃତ୍ୟୁର ଭୟରୁ ମୁକ୍ତ କରାଏ ଭାଗବତ। ଭାଗବତ ପୁରାଣକୁ ମୁକ୍ତଗ୍ରନ୍ଥ କୁହାଯାଏ। ଭାଗବତ ପ୍ରଚାର ସମିତିର ଗୌର ପ୍ରଧାନ, ଲାଲା କାଶୀନାଥ ରାୟ, ଅମୂଲ୍ୟ ମହାନ୍ତି, ଅଧାପକ ସୁଶାନ୍ତ ମିଶ୍ର, ସୂର୍ଯ୍ୟ ନାରାୟଣ ପାତ୍ର, ରବି ନାରାୟଣ ମହାପାତ୍ର, ଗୋବିନ୍ଦ ସାହା, ଶୁଭମ ବେହେରା, ହରିପ୍ରସାଦ ଦୋରା, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗଦାନ କରି ହୁଲ୍ଲାସ ଅମର

## ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ

ଝାଁଙ୍କଡ଼ା,୯।୯(ବୁଲା ବାରିକ)

ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ହେଲେ ଚନ୍ଦକା ଥାନା ଛତାବର ଆଦିବାସୀ ସାହିର ହୁଲ୍ଲାସ ଦିହୁଡି(୫୨)। ସେ ତାଙ୍କ ଅଙ୍ଗଦାନ କରି ଅମର ହୋଇଯାଇଛନ୍ତି। ବ୍ରେନ ଡେଡ୍ ପରେ ତାଙ୍କ ଯକୃତକୁ ବାହାର କରାଯାଇ ଅନ୍ୟ ଜଣେ ରୋଗୀଙ୍କ ଦେହରେ ଲଗାଯିବା ପାଇଁ ପଠାଯାଇଛି। ମଙ୍ଗଳବାର ତାଙ୍କ ମରଶରୀର ଛତାବର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ଅନ୍ତିମ ସଂସ୍କାର କରାଯାଇଛି। ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। ସୂଚନାଥାଉ କି, ହୁଲ୍ଲାସ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଗତ ଅଗଷ୍ଟ ୨୩ରେ ଛତାବର ବଜାରରେ ସେ ଚାଲିଚାଲି ଯାଉଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ୩୧ତାରିଖରେ ତାଙ୍କୁ ସମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କ ବ୍ରେନ ଡେଡ୍ ହେବା ପୂର୍ବରୁ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଅଙ୍ଗଦାନ କରିବା ପାଇଁ ତାଙ୍କ ପୁଅମାନଙ୍କ ସହ ଡାକ୍ତରମାନେ ଆଲୋଚନା କରିଥିଲେ। ଫଳରେ ପରିବାର ଲୋକେ ରାଜି ହୋଇଥିଲେ।

# ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ: ସେମିରେ ପାଇକତିଗିରିଆ

ଖୋର୍ଦ୍ଧା,୯।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେରଙ୍ଗ ଓ ପାଇକତିଗିରିଆ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେରଙ୍ଗ ଟିମ୍ ଗୋଟିଏ ଗୋଲ ଦେଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ପାଇକତିଗିରିଆ ଟିମ୍‌ର ଚନ୍ଦନ ନାୟକ ଗୋଟିଏ ଗୋଲ ଦେଇଥିଲେ। ଉଭୟ ଟିମ୍ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ପାଇକତିଗିରିଆ ଟିମ୍ ୬-୫ ଗୋଲରେ କେରଙ୍ଗକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଅତିଥିଭାବେ ଶରଧାପୁର ଗାଁ ର ସଭାପତି ଅଲ୍ଲୀ ଅହେମ୍ମଦ, ସଂଘ ସଭାପତି ମହମ୍ମଦ ଜମିରୁଲ ରହେମନ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ଜାପାନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ସାଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଇଜାଜ ହୁସେନ, ଅମଜଦ ଖାଁ ଓ ସୌକତ ଅହମ୍ମଦ ଲାଇନ୍ସରେ ସହଯୋଗ କରିଥିଲେ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଇଜିଂଷ୍ଟାର ତରତୁଆ ଏବଂ ଯୋଗମାୟା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ଏସ୍.ଇ. ହୁଦା ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଆନ୍ତଃ ଜିଲା ବିଦ୍ୟାଳୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

## ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୨୦ ଛାତ୍ରୀଛାତ୍ର ମନୋନୀତ

ବାଣପୁର,୯।୯(ଦିଲୀପ କୁମାର ସ୍ୱାଇଁ)




ବାଣପୁର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଦୁଇଦିନି ଧରି ଚାଲିଥିବା ଆନ୍ତଃ ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ତଥା ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ସମ୍ମାନିତ ଅତିଥିଭାବେ ନଗରପାଳ ମିଟୁ ନାୟକ, ଗୋଦାବରୀଶ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୁଦି ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗୋରଡ଼ାଝରି ବାପୁଜୀ ଆଶ୍ରମ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦେବେନ୍ଦ୍ର କୁମାର ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୌମ୍ୟକାନ୍ତ ସାହୁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଦୁଇଦିନ ଧରି ସମସ୍ତ ବିଦ୍ୟାଳୟ ମଧ୍ୟରେ ଉଭୟ ସିଙ୍ଗଲ ଏବଂ ଡବଲ ମ୍ୟାଚ ଖେଳାଯାଇଥିଲା। ଆସନ୍ତା ୨୦ରୁ ୨୩ ତାରିଖ ମଧ୍ୟରେ ନବରଙ୍ଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ବାଳକ ଓ ବାଳିକା ବିଭାଗରୁ ୧୦ଜଣ ଲେଖାଏ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ଜିଲା ଶାରୀରିକ ଶିକ୍ଷା ନୀରିକ୍ଷିକ ଦିଲୀପ କୁମାର ମୁଦିଙ୍କ ସହ ଭେଟିନାଥ ଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭେଟେଶ୍ୱରର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଜେନା, ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ, ସହକାରୀ ଶିକ୍ଷକ ତ୍ରିନାଥ ହୋତା, ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ, ବାଣପୁର କ୍ରୀଡ଼ା ସମ୍ପାଦକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୯।୨୦୨୫

| | |
|---|---|
| ୩,୦୭,୩୭୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୫.୬୫୦ ଗ୍ରାମ୍ |

# ହବିଷିଆଳିଙ୍କୁ ସେବା, ସହଯୋଗ କରିବାକୁ ଗୁରୁତ୍ୱ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

### ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ

ଅକ୍ଟୋବର ୭ରୁ ମହାକାର୍ତ୍ତିକ ମାସ ଆରମ୍ଭ ହେବ। ଏହି ସମୟରେ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ହବିଷିଆଳିମାନେ ଦୀର୍ଘ ୧ ମାସ ଧରି ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବେ। ବିଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସରକାରଙ୍କ ଦ୍ୱାରା ହବିଷିଆଳି ଯୋଜନାରେ ମା'ମାନଙ୍କ ସୁବିଧାରେ ରହଣି ଓ ପୂଜାର୍ଚ୍ଚନା, ମହାପ୍ରସାଦ ସେବନ ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ହବିଷିଆଳି ଯୋଜନାର ସୁଫଳ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ମଙ୍ଗଳବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବୈଠକରେ ବିଶେଷକରି ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁଥିବା ମା'ମାନେ ରହିବା, ମହାପ୍ରସାଦ ସେବନ କରିବା ସହ ସେମାନଙ୍କ ପାଇଁ ମେଡିକାଲ୍, ପିଇବା ପାଣି ସୁବିଧା ଆଦି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ଏଥିସହ ସେମାନଙ୍କର ପୂଜାପାଠ ଓ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସୁବିଧାରେ କିପରି ହୋଇପାରିବ ତାହା ଉପରେ ପ୍ରଶାସନିକସ୍ତରରେ ପ୍ରାଥମିକ ଭାବେ ଆଲୋଚନା କରାଯାଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା କହିଛନ୍ତି, ହବିଷିଆଳିଙ୍କ ନିମନ୍ତେ ପୂର୍ବରୁ ଶିବିର କରାଯିବ। ଗତବର୍ଷ ଯେପରି ଶିବିର କରାଯାଇଥିଲା ଚଳିତବର୍ଷ ମଧ୍ୟ ଶିବିର କରାଯିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ହବିଷିଆଳିଙ୍କୁ ସେବା ଓ ସହଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଛି। ହବିଷିଆଳିମାନେ ପୁରୀ ଆସି ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିବେ, ମହାପ୍ରସାଦ ସେବନ କରିବେ, ଭଲରେ ଯେପରି ଘରକୁ ଫେରିବେ ସେନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବା ସହ ସମସ୍ତ ବିଭାଗ ଓ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ହେବ ବୋଲି ଆଶା ରହିଥିବା ସେ କହିଛନ୍ତି।

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ସରକାରଙ୍କ ପକ୍ଷରୁ କରାଯାଇଥିବା ହବିଷିଆଳି ଯୋଜନାରେ ପୁରୀକୁ କାର୍ତ୍ତିକ ବ୍ରତ ପାଇଁ ହବିଷିଆଳି ଆସିବେ। ଏନେଇ ସମସ୍ତ ବିଭାଗ ସହ ଆଲୋଚନା କରାଯାଇଛି। ହବିଷିଆଳିଙ୍କ ରହିବା ସହ ମେଡିକାଲ, ପିଇବା ପାଣି, ଦର୍ଶନ ସହିତ ଅନ୍ୟାନ୍ୟ ଉପରେ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଯେଉଁସବୁ ସ୍ଥାନରେ ଶିବିର କରାଯିବ, ସେହି ସ୍ଥାନଗୁଡ଼ିକୁ ଅଧିକାରୀମାନେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋଲି ଜିଲାପାଳ ପରିଡ଼ା କହିଛନ୍ତି।




ଅଖିଳ ଓଡ଼ିଶା ବିଦ୍ୟୁତ୍ ମଜ୍ଦୁର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ



ବରିଷ୍ଠ ନାଗରିକମାନେ ପୁରୀଠାରୁ ଆଯୋଧ୍ୟା ଓ ବାରାଣସୀକୁ ତୀର୍ଥଯାତ୍ରାରେ ଯାଉଛନ୍ତି।

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାରୁ ମଙ୍ଗଳବାର ଅପରାହ୍ନରେ ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପଠାଯାଇଛି। ସେମାନେ ମଙ୍ଗଳବାର ଭୁବନେଶ୍ୱରରେ ରହି ବୁଧବାର ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କରିବେ। ଏହି ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଓ ବାରାଣସୀ ପରିଭ୍ରମଣ କରିବା ସହ ଚଳିତ ମାସ ୧୫ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ନାଗରିକଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି। ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ସମାଜସେବୀ ରାଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭକାମନା କରିଥିଲେ। ଅତିଥିମାନେ ନଡ଼ିଆ ବାଡ଼େଇ ଯାତ୍ରାର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଥିଲା।

## ସଂକ୍ଷେପରେ

### ଦାନ ସୁନା, ରୁପା ରତ୍ନଭଣ୍ଡାରରେ ରଖାଯାଉ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମିଳୁଥିବା ଦାନ ସୁନା, ରୁପାକୁ ରତ୍ନଭଣ୍ଡାରରେ ରଖାଯାଉ ବୋଲି ଦାବିକରି ଜିଲାପାଳଙ୍କ ଜରିଆରେ ଆଇନଜୀବୀ ଦିଲୀପ ବରାଳ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ମହାପ୍ରଭୁଙ୍କୁ ଭକ୍ତମାନେ ପ୍ରଚୁର ପରିମାଣର ସୁନା ରୁପା ଦାନ କରୁଛନ୍ତି। କିନ୍ତୁ ଏହି ଦାନ ସୁନା, ରୁପା ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ରଖାଯାଉ ନାହିଁ। ଶ୍ରୀମନ୍ଦିର ରୁଲ୍ ୧୯୬୦ ଅନୁଯାୟୀ, ଦାନ ସୁନା, ରୁପା ରତ୍ନଭଣ୍ଡାର ଭିତରେ ରଖାଯିବାର ନିୟମ ରହିଛି। ମାତ୍ର ଅଧିକାରୀମାନେ ଏହି ନିୟମ ପାଳନ ନ କରି ଦାନ ସୁନା, ରୁପାଗୁଡ଼ିକ ରତ୍ନଭଣ୍ଡାରରେ ନ ରଖି ଶ୍ରୀମନ୍ଦିର କାର୍ଯ୍ୟାଳୟ କିମ୍ବା ଲକରରେ ରଖାଯାଉଛି। ୨୦୨୧ରୁ ୨୦୨୪ ମଧ୍ୟରେ ୧୨ କେଜି ୨୮୪ ଗ୍ରାମ ୪୨୪ ମିଲିଗ୍ରାମ ସୁନା ଏବଂ ୨୧୪ କେଜି ୧୨୯ ଗ୍ରାମ ୬୩୫ ମିଲିଗ୍ରାମ ରୁପା ମିଳିଛି। ଏଥିମଧ୍ୟରୁ ୨ କେଜି ୫୮୩ ଗ୍ରାମ ୯୧୪ ମିଲିଗ୍ରାମ ସୁନା ଓ ୧୪୭ କିଲୋ ୧୦୩ ଗ୍ରାମ ୮୧୧ ମିଲିଗ୍ରାମ ରୁପା ବ୍ୟବହାର କରାଯାଇଛି, ଯାହା ସନ୍ଦେହ ସୃଷ୍ଟି କରୁଛି। ତେଣୁ ଦାନ ସୁନା, ରୁପାଗୁଡ଼ିକୁ କାର୍ଯ୍ୟାଳୟ କିମ୍ବା ଲକରରେ ନ ରଖାଯାଇ ରତ୍ନଭଣ୍ଡାରରେ ରଖାଯାଉ, ଫଳରେ ଅଧିକାରୀମାନେ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ।

### ସମଗ୍ର ଜିଲାରେ ରାତିରେ ନାକାବନ୍ଦୀ ଆରମ୍ଭ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଅପରାଧୀଙ୍କୁ ସାବାଡ଼ କରିବା ଓ ଲ' ଅର୍ଡର ସ୍ଥିର କରିବା ଲକ୍ଷ୍ୟ ନେଇ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୋଲିସ ପକ୍ଷରୁ ଜିଲାରେ ରାତିରେ ନାକାବନ୍ଦୀ ଆରମ୍ଭ କରାଯାଇଛି। ଜିଲାର ସମସ୍ତ ପୋଲିସ୍ ଷ୍ଟେଶନ ଅଞ୍ଚଳରେ ଏହି ନାକାବନ୍ଦୀ କରାଯାଉଛି। ଏସ୍‌ପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏହି ନାକାବନ୍ଦୀ ଆରମ୍ଭ କରାଯାଇଛି। ଅପରାଧୀମାନଙ୍କ ଗତିବିଧି ନିୟନ୍ତ୍ରଣ କରିବା, ରାତିରେ ଚାଲୁଥିବା ସନ୍ଦିଗ୍ଧ ଯାନବାହନ ଓ ବ୍ୟକ୍ତିଙ୍କୁ ଯାଞ୍ଚ କରିବା ତଥା ପୁରୀକୁ ଏକ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ କରିବା ଓ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ନିରାପଦରେ ରଖିବା ଲକ୍ଷ୍ୟନେଇ ପୋଲିସ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଜିଲାର ୨୫ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନାକାବନ୍ଦୀ କରାଯାଇଛି। ଜିଲାର ୨୫ଟି ପ୍ରମୁଖ ସ୍ଥାନ ଚିହ୍ନଟ କରାଯାଇ ସେଠାରେ ଥାନା ପୋଲିସ ସହ ଅତିରିକ୍ତ ପୋଲିସ ଦିଆଯାଇଛି। ଅପରାଧୀ ହେବେ ସାବାଡ଼, ପୁରୀକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଅପରାଧମୁକ୍ତ ରଖିବା ପାଇଁ ଏହି କଠୋର ନାକାବନ୍ଦୀ ପୁରୀ ପୋଲିସ ତରଫରୁ ସୁଚିନ୍ତିତ ପଦକ୍ଷେପ ବୋଲି ଏସ୍‌ପି ସିଂ ମତବ୍ୟକ୍ତ କରି କହିଛନ୍ତି। ଯାଞ୍ଚ ସମୟରେ ପୋଲିସକୁ ସହଯୋଗ କରିବା ସହ ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଗତିବିଧି ସମ୍ପର୍କରେ ୧୧୨ କିମ୍ବା ନିକଟସ୍ଥ ପୋଲିସ ଷ୍ଟେଶନକୁ ସୂଚନା ଦେବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

### ପୋଷାକ ବଣ୍ଟନ

ପିପିଲି,୯।୯(ଦୁର୍ଗାମାଧବ ମିଶ୍ର)

ଓଡ଼ିଶା ସରକାରଙ୍କ ତରଫରୁ ଦରଜି ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ଅଭିଭାବକଙ୍କ ଉପସ୍ଥିତିରେ ମାଗଣା ପୋଷାକ ବଣ୍ଟନ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ କାଉନ୍‌ସିଲର ବଳରାମ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ଶେଖ୍ କଲିମ୍, ସାଦିୟା ବେଗମ୍, ଜିନାତୁନ ବିବି, ଦୀପ୍ତିମୟୀ ମହାପାତ୍ର, ଚିନ୍ମୟୀ କୌଶିକ, ପ୍ରିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ସସ୍ମିତା ରାଉତ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସୀତାମଣି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଣି ବଢ଼ିଲା ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଚର୍ଚ୍ଚା

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

### ବିଭିନ୍ନ ମହଲରେ ଅସନ୍ତୋଷ

କିଛି ଦିନର ନିରବତା ପରେ ପୁଣି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରିକୁ ନେଇ ସୋସିଆଲ୍ ମିଡିଆରେ ସୂଚନା ଦିଆଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଭକ୍ତ ଘରେ ବସି ଶ୍ରୀମନ୍ଦିରରୁ ଅନ୍ନ, ଡାଲମା, ଡାଲି, ବେସର, ମହୁର ପାଇପାରିବେ ବୋଲି ସୂଚନା ରହିଛି, ଯାହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ ହୋଇଛି। ଏଥର କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ନୁହେଁ ବରଂ ଶ୍ରୀମନ୍ଦିରର ଜଣେ ସେବାୟତ ନିଜ ସୋସିଆଲ ମିଡିଆରେ ଏଭଳି ପ୍ରଚାର କରିଥିବା ଦେଖିବାକୁ ମିଳିଛି। ଅଜୟ ସୁଆର ନାମକ ଜଣେ ବ୍ୟକ୍ତି ନିଜ ୟୁଟ୍ୟୁବ୍‌ରେ ଏଭଳି ପୋଷ୍ଟ କରିଛନ୍ତି। ଶ୍ରୀମନ୍ଦିର ଅବଢ଼ା ସେବା ନାମରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ୟୁଟ୍ୟୁବ୍‌ରେ ଏଭଳି ପ୍ରଚାର କରିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବ୍ୟକ୍ତି ଜଣଙ୍କ ନିଜ ୟୁଟ୍ୟୁବ୍‌ରେ ଲେଖିଛନ୍ତି, ଆମେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ର ରୋଷ ଶାଳାରୁ ମହାପ୍ରସାଦ ପ୍ରସ୍ତୁତ କରି ଆଣିଥାଉ। ଭକ୍ତଙ୍କୁ ଶୁଦ୍ଧ ଓ ମୂଳ ମହାପ୍ରସାଦ ସେବା ପ୍ରଦାନ କରିବା ଆମର ମୂଳଲକ୍ଷ୍ୟ। ମହାପ୍ରସାଦ ପାଇବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ ଫୋନ୍ ନଂ ସହିତ ହ୍ୱାଟ୍ସ ଆପ୍‌ରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏଥସହ ନିକଟତମ ବସ୍‌ଷ୍ଟାଣ୍ଡ, ଛକ କିମ୍ବା ଯେକୌଣସି ଜିଲାକୁ ଯଦି ସିଧାସଳଖ ବସ୍ ସେବା ଉପଲବ୍ଧ ରହିଛି, ତେବେ ମହାପ୍ରସାଦ ଯୋଗାଇ ଦିଆଯିବ। ଏଭଳି ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ଏହି ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ଏନେଇ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଠିକ୍ ନୁହେଁ। ମହାପ୍ରଭୁଙ୍କ ମହାପ୍ରସାଦ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଅନ୍‌ଲାଇନରେ ଏହାକୁ ଦିଆଗଲେ ଏହା କେଉଁସ୍ତରରେ ଯିବ, କେଉଁ ସ୍ଥିତିରେ ଯିବ ତାହା କହିହେବ ନାହିଁ। ଏହା କୌଣସି ସାଧାରଣ ଖାଦ୍ୟ ପଦାର୍ଥ ନୁହେଁ। ଡେଲିଭରି ବୟମାନେ ଅନ୍ୟଖାଦ୍ୟ ନେବା ଭଳି ମହାପ୍ରସାଦକୁ ନେଇ ଘରେ ଯୋଗାଇଲେ ମହାପ୍ରସାଦର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ। ଅନ୍‌ଲାଇନ୍‌ରେ ମହାପ୍ରସାଦ ନାମରେ ଠକେଇ ହେବାର ଆଶଙ୍କା ରହିଛି। ଯେଉଁ ଦିନ ନୀତି ବିଳମ୍ବ ହେବ ସେହିଦିନ ଶ୍ରୀମନ୍ଦିରରୁ ମହାପ୍ରସାଦ ନ ନେଇ ଅନ୍ୟକୌଣସି ମନ୍ଦିର ଅଥବା ଅନ୍ୟକୌଣସି ସ୍ଥାନରେ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ଦିଆଯିବ, ଯାହାକି ଭକ୍ତମାନେ ଜାଣି ପାରିବେ ନାହିଁ। ତେଣୁ ଭକ୍ତମାନେ ଅନ୍‌ଲାଇନରେ ମହାପ୍ରସାଦ ନେବା ଠିକ୍ ନୁହେଁ।

# ସମୃଦ୍ଧ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

ଅସ୍ତରଙ୍ଗ,୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ୱାବଲମ୍ବୀ ଭାରତ ଅଭିଯାନ ପୁରୀ ଜିଲା ଆନୁକୂଲ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ସ୍ଥାନୀୟ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଯୋଗଦେଇ ଉଦ୍ୟମୀ ଭାରତ ନିର୍ମାଣ ଦିଗରେ ଯୁବସମାଜ ଆଗେଇଆସିବାକୁ ପରାମର୍ଶ ଦେଇଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ପାଇଁ ଅଧିକରୁ ଅଧିକ ଉଦ୍ୟମ ହେବା ଜରୁରୀ। ସଶକ୍ତ, ସମୃଦ୍ଧ ଭାରତ ଗଠନ ପାଇଁ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧ୍ୟକ୍ଷା କୁନିଲତା ରାଉତ କହିଥିଲେ, ଭାରତକୁ ଆର୍ଥିକ ରୂପେ ସୁରକ୍ଷିତ, ସ୍ୱାବଲମ୍ବୀ କରିବାକୁ ହେଲେ ଆମକୁ ସ୍ୱଦେଶୀକୁ ପ୍ରାଥମିକତା ଦେବାକୁ ପଡ଼ିବ। ଅନ୍ୟତମ ଅତିଥି ସାମାଜିକ କର୍ମୀ ପ୍ରଦେଶ ବରାଳ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାଥମିକତା ହେଉଛି ଆର୍ଥିକ ଆବଶ୍ୟକତା। ସ୍ୱାବଲମ୍ବୀ ଭାରତ ପାଇଁ ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ କ୍ଷେତ୍ରରେ ରୋଜଗାରକ୍ଷମ ହେଲେ ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ପୂରଣ ହେବ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପଦାନ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କ୍ରୀଡ଼ା ସଂସଦ, ଶ୍ରୀମନ୍ଦିର ସେବାୟତ ନିଯୋଗ, କ୍ରୀଡ଼ାବିତ୍ ଓ ଅନୁଷ୍ଠାନ, ପୁରୀର ବିଭିନ୍ନ ଜାଗାଘର ପକ୍ଷରୁ ମଙ୍ଗଳବାର ସିଂହଦ୍ୱାରରେ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାସୁଆରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପଦାନ କରାଯାଇଛି। କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଦାସ ମହାପାତ୍ର, ରାମଚନ୍ଦ୍ର ପାଢ଼ୀ, ଓଡ଼ିଶା କୁସ୍ତିସଂଘ ସଭାପତି ନାରାୟଣ ମହାସୁଆର, ସୁଆର ମହାସୁଆର ନିଯୋଗ ସମ୍ପାଦକ କେଦାରନାଥ ଖୁଣ୍ଟିଆ, ପ୍ରତିହାରୀ ନିଯୋଗ ସମ୍ପାଦକ ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ହରିହର କର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ବେହେରା, ନରସିଂହ ଲେଙ୍କା, ଗଣେଶ ମହାସୁଆର, ଭୀମସେନ ପଲଙ୍କଧାରୀ, ପ୍ରତାପ ପ୍ରଧାନ, ଆଲୋକ ଦଳେଇ, ଖୁଣ୍ଟିଆ ଜାଗା, ମା' ବସନ୍ତେଇ, ବାରବାଟୀ ଜାଗା, ଗୁରୁ ହନୁମାନ, ଜଗନ୍ନାଥ ବଲ୍ଲଭ, ପଞ୍ଚମୁଖୀ, ସୁରଜମଲ୍ଲ ଶାହା କଲେଜ, ନରସିଂହ ବଲ୍ଲଭ ଜାଗା, ବଡ଼ଆଖଡ଼ା ଜାଗା, ବିଶ୍ୱନି ଜାଗା, ଓଡ଼ିଶା ପୋଷ୍ଟାଲ ପ୍ରଭୃତି ଅନୁଷ୍ଠାନର କ୍ରୀଡ଼ାବିତ୍, ପୁରୁଷ ଓ ମହିଳା କୁସ୍ତିଯୋଦ୍ଧାମାନେ ଉପସ୍ଥିତ ଥିଲେ। ସି' ବିଚ୍ କ୍ଲବ ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ଏହାକୁ ସଂଯୋଜନା କରିଥିଲେ।




ପୁରୀ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସୁଆରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

# ସମାଜରେ ଗଭୀର ପ୍ରଭାବ ପକାଇଛି ଭାଗବତ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଇନ୍ଦୁପୂର୍ଣ୍ଣିମା ବା ଭାଗବତ ଜନ୍ମ ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ପୁରୀ ଶାଖା ତରଫରୁ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ଓ ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଘୋଡ଼ାବଜାର ସରସ୍ୱତୀ ଶିଶୁମନ୍ଦିର ପରିସରରେ ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଡ. ଦୁର୍ଯ୍ୟୋଧନ କାଠୁଆ ଏବଂ ମୁଖ୍ୟବକ୍ତା ଭାବେ ଡ. ଅଭୟ କୁମାର ନାୟକ ଓ ଡ. ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଡ. ମିଶ୍ର ତାଙ୍କ ଅଭିଭାଷଣରେ ଜଗନ୍ନାଥ ଦାସ ତାଙ୍କ ଜୀବନରେ ଓଡ଼ିଆ ଭାଷାରେ ୫୭ଟି ଓ ସଂସ୍କୃତ ଭାଷାରେ ୧୪ଟି ମୋଟ ୭୧ଟି ଗ୍ରନ୍ଥ ରଚନାକରି ସନାତନ ସଂସ୍କୃତି, ଶ୍ରୀଜଗନ୍ନାଥ ସଂସ୍କୃତି ଓ ସମାଜରେ ଜନଜୀବନ ଉପରେ ଭାଗବତର ଗଭୀର ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ। ଇନ୍ଦୁ ପୂର୍ଣ୍ଣିମା ଉଭୟ ସଂସ୍କୃତ ଭାଗବତ ଓ ଓଡ଼ିଆ ଭାଗବତର ଜନ୍ମଦିବସ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ଦିଲୀପ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଯେଉଁ ବ୍ୟକ୍ତି ନିୟମିତ ଭାଗବତ ପଢ଼ିବେ ଏବଂ ଶୁଣିବେ, ମୃତ୍ୟୁ ସମୟରେ ତାଙ୍କର କିଛି ଅବସୋସ ରହିବ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସର୍ବାଣୀ ଦାସ ଓ ସାରଙ୍ଗଧର ଷଡ଼ଙ୍ଗୀ ସଂଯୋଜନା କରିଥିବା ବେଳେ ଡ. ପ୍ରଦୀପ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

# କଇଁଚିରେ ଆକ୍ରମଣ, ୩ ଗିରଫ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଜଣେ ଯୁବକଙ୍କୁ କଇଁଚିରେ ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)ରେ ହାଜର କରିଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨ ଅଭିଯୁକ୍ତ ହେଲେ ରାମଚଣ୍ଡୀ ସାହିର ବାପିନା ନାୟକ ଓ ସୁକାନ୍ତ ପ୍ରଧାନ।

ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟା ସମୟରେ ନରେନ୍ଦ୍ରକୋଣର ମମତା ଦାସଙ୍କ ପୁଅ ଗେଡ଼ା ଏବଂ ତାଙ୍କର ଜଣେ ସାଙ୍ଗ ନରେନ୍ଦ୍ରପୋଖରୀ ନିକଟରେ ବସିଥିଲେ। ଏହି ସମୟରେ ଜଣେ ନାବାଳକଙ୍କ ସମେତ ୩ ଅଭିଯୁକ୍ତ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଗେଡ଼ାକୁ କଇଁଚିରେ ଆକ୍ରମଣ କରିଥିଲେ। ରକ୍ତସ୍ରାବ ହେବାରୁ ଗେଡ଼ାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ମମତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୪୨୦/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ପୋଲିସ ୨ଟି ଛୁରି ଜବତ କରିବା ସହ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

# ସୋନପୁରରୁ ଅପହୃତ, ପୁରୀରୁ ଉଦ୍ଧାର

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ପୁରୀରେ ଏକ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅପହୃତ ହୋଇଥିବା ଜଣେ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଛି। ପୋଲିସ ଚଢ଼ାଉ ପୂର୍ବରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଛନ୍ତି। ଅପହୃତ ନାବାଳକ ଘଟଣାର ପ୍ରକୃତ କାରଣ ଧୀରେ ଧୀରେ ସାମ୍ନାକୁ ଆସୁଛି।

ସୂଚନାଯୋଗ୍ୟ, ୨୦ ଲକ୍ଷ ଟଙ୍କା ଦାବି ନେଇ ନାବାଳକଙ୍କ ମୁଣ୍ଡ ଜାମିନ ରଖିଥିଲେ ଦୁର୍ବୃତ୍ତ। ୩ ଦୁର୍ବୃତ୍ତ ସୋନପୁରରୁ ନାବାଳକଙ୍କୁ ଗତ ରବିବାର ଏକ କାର୍ ଯୋଗେ ଅପହରଣ କରି ଆଣି ପୁରୀ ଆସିଥିଲେ। ସୋମବାର ପୁରୀରେ ପହଞ୍ଚିବା ପରେ ଜଗନ୍ନାଥବଲ୍ଲଭ ପାର୍କିଂରେ କାର୍ ରଖି ନରେନ୍ଦ୍ର କୋଣସ୍ଥିତ ଏକ ଲଜ୍‌ରେ ରହିଥିଲେ। ନାବାଳକ ଅପହରଣ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ସୋନପୁର ପୋଲିସ ପୁରୀ ପୋଲିସର ସହଯୋଗ ନେଇଥିଲା। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଦୁର୍ବୃତ୍ତମାନେ ନାବାଳକଙ୍କୁ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରେ ରଖିଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ଲଜ୍‌ରେ ଚଢ଼ାଉ କରିଥିଲା। ପୋଲିସ ସେଠାରୁ ନାବାଳକଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ପରେ ପୋଲିସ ନାବାଳକଙ୍କୁ ଉଦ୍ଧାର କରି ଏକ ସୁରକ୍ଷିତ ସ୍ଥାନରେ ରଖିଥିଲା। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍‌କୁ ପୋଲିସ ଜବତ କରିଛି। ପୁରୀ ପୋଲିସ ନାବାଳକଙ୍କୁ ସୋନପୁର ପୋଲିସକୁ ହସ୍ତାନ୍ତର କରିଛି। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବ ବୋଲି ସୂଚନା ମିଳିଛି।

# ଅଳଗୁମ ଜାଗୁଳେଇ ଯାତ୍ରା ଶେଷ

### ଦାନ୍ତକାଠିଆରେ ମା'ଙ୍କ ଚକ୍ଷୁରେ ଦିଆଗଲା ବିରିଯାବ

ସାକ୍ଷୀଗୋପାଳ,୯।୯(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମର ମା' ଜାଗୁଳେଇ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ଦାନ୍ତକାଠିଆ ଉତ୍ସବ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ସୋମବାର କାଠିଯାତ୍ରାରେ ମା'ଙ୍କୁ ବଉଳସାହିସ୍ଥିତ ସୁରାଲାଗି ବରଗଛମୂଳେ ଅବସ୍ଥାନ କରାଯାଇଥିଲା। ସେଠାରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ବିଳମ୍ବିତ ରାତିରେ ନିଶାକିଳା ନୀତି, ସୁରାଲାଗି, ବୋଦା ଓ ଗଞ୍ଜା ବଳି ଦିଆଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଚୁଆ, ହଳଦୀ ଆଦି ସୁବାସିତ ଜଳରେ ମାଜଣା ପରେ ବେଶ କରାଯାଇ ସର୍ବସାଧାରଣ ଦର୍ଶନ କରାଯାଇଥିଲା। ପରେ ମା'ଙ୍କୁ ଦାନ୍ତକାଠିଆ ପଡ଼ିଆକୁ ନିଆଯାଇ ସେଠାରେ ଘୁଷୁରି ବଳି ଦିଆଯାଇଥିଲା। ବଳି ପରେ ସ୍ନାନ କରାଯାଇ ବିରିଯାବରେ ମା'ଙ୍କ ଚକ୍ଷୁକୁ ବନ୍ଦ କରାଯାଇଥିଲା। ଷଠୀ ଓଷାରେ ମା'ଙ୍କ ଆଖି ଫିଟିବା ପରେ ସପ୍ତମୀଠାରୁ ଅଳଗୁମ ବାରପଡ଼ାରେ ପାଳିକରି ଗାଁ ପରିକ୍ରମା ସହ ମା'ଙ୍କ ଭୋଗଖିଆ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟିକରପଡ଼ାରୁ ଭୋଗଖିଆ ଆରମ୍ଭ ହୋଇ ଖଣ୍ଡାୟତସାହି, ବଉଳସାହି, ଐଶାନ୍ୟପଡ଼ା, ବାଉଁଶଗଡ଼ିଆ, ବଢ଼େଇସାହି, ଜେନାସାହି, ପାଟଣାସାହି, ମାଳିସାହି ଓ ଭାଦ୍ରବ ଶୁକ୍ଳ ପୂର୍ଣ୍ଣମୀ ଶେଷ ଦିବସରେ ବାତୁଳିପଡ଼ା ଆଦି ଗ୍ରାମରେ ମା'ଙ୍କ ପର୍ଯ୍ୟାୟକ୍ରମେ ଭୋଗଲାଗିବା ନୀତି ଅନୁଷ୍ଠିତ ହୋଇଥାଏ। ଚଳିତ ମାସରେ ଗ୍ରହଣ ପଡ଼ିଥିବାରୁ ପୂର୍ଣ୍ଣମୀ ବଦଳରେ ଚତୁର୍ଦ୍ଦଶୀରେ ବାତୁଳିପଡ଼ାରେ ମା' ଭୋଗ ଖାଇଥିଲେ। ତେଣୁ ରବିବାର ଚନ୍ଦ୍ରଗ୍ରହଣ ହେତୁ ସୋମବାର କାଠିଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଷଷ୍ଠୀ ଓଷାଠାରୁ ଅଳଗୁମରେ ଉତ୍ସବର ମାହୋଲ ଲାଗିରହିଛି। ପ୍ରତ୍ୟେକ ପରିବାରରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମା'ଙ୍କ ଏହି ସମସ୍ତ ନୀତିକାନ୍ତି ଶେଷ ପରେ ମା'ଙ୍କୁ ଗମ୍ଭୀରାକୁ ନିଆଯାଇଥିଲା। ଗମ୍ଭୀରାକୁ ଗଲାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଖଣ୍ଡାୟତସାହିର ଯୁବ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଯିବ' ମଞ୍ଚସ୍ଥ ହେବାକୁ ଥିବାବେଳେ ବୁଧବାର ବାତୁଳିପଡ଼ା ଗ୍ରାମର ଯୁବ କଳାକାରମାନେ 'ସୁଖ କିଣା ଏଠି ଦୁଃଖ ମାଗଣା' ମଞ୍ଚସ୍ଥ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।



ମାନସିକଧାରୀ ଭକ୍ତମାନେ ମନୋସ୍କାମନା ପୂର୍ଣ୍ଣ ପାଇଁ ମା'ଙ୍କ ନିକଟରେ ଅଧିଆ ପଡ଼ିଛନ୍ତି।

## ଟ୍ରକ୍ ସହିତ ବାଇକ୍ ଧକ୍କା: ବାଇକ୍ ଆରୋହୀ ଗୁରୁତର

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ନିକଟ ୫୫ ନଂ. ଜାତୀୟ ରାଜପଥ ରାଧାକିଶୋରପୁର ଓଭର ବ୍ରିଜ ଉପରେ ମଙ୍ଗଳବାର ସାଢ଼େ ୨ଟା ବେଳେ ଏକ ୧୬ ଚକିଆ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ଗ୍ରାମର ବିଶ୍ୱଜିତ ସ୍ୱାଇଁ। ଖବରରୁ ପ୍ରକାଶ ଯେ ରାଧାକିଶୋରପୁର ଗ୍ରାମର ବିଶ୍ୱଜିତ ବାଇକ୍ ଯୋଗେ ଖୁଣ୍ଟୁଣୀ ଆସୁଥିଲେ। ରାଧାକିଶୋରପୁର ଓଭର ବ୍ରିଜ ଉପରେ ସୋୟାବିନ ବୋଝେଇ କରି ଢେଙ୍କାନାଳ ପଟୁ ଆସୁଥିବା ଟ୍ରକ୍ ବିଶ୍ୱଜିତଙ୍କ ବାଇକ୍‌କୁ ଧକ୍କା ଦେଇ ଡାହାଣ ଗୋଡ଼ରେ ଚଢ଼ିଯିବାରୁ ଗୋଡ଼ ରକ୍ତାକ୍ତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବିଶ୍ୱଜିତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଜମି ଅଧିକାର ମାମଲା ତ୍ୱରିତ ସମାଧାନ ପାଇଁ ମନ୍ତ୍ରୀଙ୍କ ଗୁରୁତ୍ୱ

## ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ

କଟକ,୯।୯(କାର୍ତ୍ତିକ ସାହୁ)

ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା, ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ସମସ୍ୟାଗୁଡ଼ିକ ଉପରେ ଯଥା ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କଟକ ଜିଲାର ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ପୂଜାରୀ ଜମି ଅଧିକାର ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସର୍ବେକ୍ଷଣ ଅନୁଯାୟୀ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡ଼ି ଜମି ଚିହ୍ନଟ, ଶିକ୍ଷାନୁଷ୍ଠାନଗୁଡ଼ିକ ଜମିର ନିୟମିତକରଣ, ଜଙ୍ଗଲ ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ, ବେବନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ ସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ, ବିଭାଗ ଇତ୍ୟାଦିର ଅବ୍ୟବହୃତ ଜମିକୁ ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ ସରକାରୀ ଖାତାକୁ ଆଣି ପ୍ରଦାନ କରିବା, ବିଭିନ୍ନ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଚକବନ୍ଦୀ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ୟାପିଟାଲ ରିଜିଅନ ରିଙ୍ଗରୋଡ (ସିଆର୍‌ଆର୍‌ଆର୍) ନିମନ୍ତେ ଜମି ଅଧିଗ୍ରହଣକୁ ସୁଗମ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସରକାରୀ ଜମିର ସୁରକ୍ଷା ଓ ଏହାର ଜବରଦଖଲକୁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ନିମନ୍ତେ ତହସିଲଦାର ଏବଂ ଉପଜିଲାପାଳମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜସ୍ୱ ସେବାଗୁଡ଼ିକ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କଟକରେ ଆବଶ୍ୟକ ହେଉଥିବା ଭିତ୍ତିଭୂମି ଏବଂ କର୍ମଚାରୀ ନିୟୋଜନ କରିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ଜିଲାରେ ରାଜସ୍ୱ କ୍ଷେତ୍ରରେ ହେଉଥିବା କାର୍ଯ୍ୟଗୁଡ଼ିକ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ରାଜସ୍ୱ ବିଭାଗ ଅଧୀନ ସମସ୍ତ କାର୍ଯ୍ୟର ତଥ୍ୟ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ସମେତ କଟକ ସଦର, ଆଠଗଡ଼ ଓ ବାଙ୍କୀ ଉପଜିଲାପାଳ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର ଓ ଜିଲାର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ ଧନ୍ୟବାଦ ଦେଇଥିଲେ।



ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ସୁରେଶ ପୂଜାରୀ, ଜିଲାପାଳଙ୍କ ସହ ବିଧାୟକ ଓ ଅନ୍ୟମାନେ।

# ୨ ଫେରାର ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଜବତ

### ଘର ତାଲା ଭାଙ୍ଗି ସୁନା, ହୀରା ଅଳଙ୍କାର ଚୋରି ଘଟଣା

ମଙ୍ଗୁଳି-ଜଗତପୁର,୯।୯(ମାନସ ସାମଲ)

ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି କରି ଫେରାର ୨ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ଦୁହେଁ ହେଲେ ଜଗତପୁର ଥାନା ଅଧୀନ ପିରବଜାର ଗ୍ରାମର ମେହେମୁଦ ଖାନ୍ ଓରଫ ବାପି (୩୦), ମୁସ୍ତାକ ଖାନ ଓରଫ ପପୁ (୨୨)। ସେମାନଙ୍କ ନିକଟରୁ ଗୋଟିଏ ସୁନା ଚେନ, ହଳେ ଚୁଡ଼ି, ଗୋଟିଏ ସୁନା ଓ ହୀରା ମୁଦି, ଗୋଟିଏ ସୁନା ନାକଫୁଲ, ହଳେ ରୁପା ପାଉଁଜି, ୪ଟି ସୁନା କାନଫୁଲ, ପିଲାଙ୍କ ରୁପା କଡା ସହ ନଗଦ ୧୫ ଶହ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ପିରବଜାର ଗ୍ରାମର ସେକ୍ ନଜିମଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଚୋରି ମାମଲା (ନଂ. ୫୫୧/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୂଚନା ମୁତାବକ, ସେକ୍ ନଜିମଙ୍କ ପରିବାର ଗତ ଶନିବାର ରାତି ପ୍ରାୟ ସାଢେ ୧୦ଟାରେ ତାଲା ପକାଇ ସମ୍ପର୍କୀୟଙ୍କ ଘର ପଦ୍ମପୁର ଯାଇଥିଲେ। ଏହାର ସୁଯୋଗ ନେଇ ମଧ୍ୟରାତ୍ରିରେ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଚୋରି କରି ଫେରାର ହୋଇଯାଇଥିଲେ। ଖବର ପାଇ ପରଦିନ ସକାଳୁ ଆସି ଦେଖନ୍ତି ଆଲମିରା ଲକର ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଓ ହୀରା ଅଳଙ୍କାର ସହ ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା ଚୋରି ହୋଇଛି। ଖବର ପାଇ ଜଗତପୁର ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ପ୍ରାଥମିକ ତଦନ୍ତ କରିଥିଲା। ପରେ ସିସିଟିଭି ଆଧାର ଚୋରିର ୭୨ଘଣ୍ଟା ମଧ୍ୟରେ ୨ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରିଥିଲା।

# ତୀର୍ଥଯାତ୍ରାରେ ଗଲେ ୧୯୭ ବରିଷ୍ଠ ନାଗରିକ



ସିଏମ୍‌ସି ମେୟର ଓ ଜିଲାପାଳ ବରିଷ୍ଠ ନାଗରିକ ତୀର୍ଥଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କଟକ,୯।୯(କାର୍ତ୍ତିକ ସାହୁ)

ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଟକ ଜିଲାର ୧୯୭ଜଣ ବରିଷ୍ଠ ନାଗରିକ ଯାତ୍ରାରମ୍ଭ କରିଛନ୍ତି। ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଓ ବାରଣାସି ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରିଛନ୍ତି। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଅପରାହ୍ନରେ ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ମଙ୍ଗଳବାର ସକାଳ ୯ଟାରୁ ଜିଲାପାଳଙ୍କ ସଦଭାବନା ଗୃହରେ ତୀର୍ଥଯାତ୍ରୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତୀର୍ଥଯାତ୍ରୀମାନେ ବୁଧବାର ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ତୀର୍ଥଯାତ୍ରୀଙ୍କ ସହ କଟକ ଜିଲାର ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି।

## ସଂକ୍ଷେପରେ

### କଟକ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ ସ୍ଥଗିତ

କଟକ,୯।୯(କାର୍ତ୍ତିକ ସାହୁ)

ସେପ୍ଟେମ୍ବର ୧୦ ତାରିଖ (ବୁଧବାର) ହେବାକୁ ଥିବା କଟକ ଘରୋଇ ବସ୍ ମାଲିକ ସଂଘର ନିର୍ବାଚନକୁ ସ୍ଥଗିତ ରଖିବା ନିମନ୍ତେ କଟକ ସିଭିଲ ଜଜ୍ କୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରଖିବାକୁ କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ମିର୍ଜା ଆକିବ ଅଲି ଓରଫ ସିକନ୍ଦର ଅଲିଙ୍କ ଆବେଦନ ଅନୁଯାୟୀ ଅଗଷ୍ଟ ୨୦ରେ ହୋଇଥିବା ସଂଘର ସାଧାରଣ ପରିଷଦ ବୈଠକରେ ଉପସ୍ଥାପନା ହୋଇଥିବା ଦାବିଗୁଡ଼ିକ ନ ମାନି କେତେକ ମୁଷ୍ଟିମେୟ ବସ୍ ମାଲିକ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ସଂଘର ବୃହତ ସ୍ୱାର୍ଥ ଓ ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ପରିଷଦ ବୈଠକରେ ସହମତି ହୋଇଥିଲା ଯେ, ନିର୍ବାଚନ ପୂର୍ବରୁ କଟକର ୫୯ ୱାର୍ଡରୁ ଆବେଦନ କରିଥିବା ବସ୍ ମାଲିକଙ୍କୁ ନୂଆ ସଦସ୍ୟ ଭାବରେ ଗ୍ରହଣ କରାଯାଉ। ଯେଉଁ ସଦସ୍ୟମାନଙ୍କ ନାମରେ ଗାଡ଼ି ନାହିଁ ସେମାନଙ୍କ ସଦସ୍ୟତା ରଦ୍ଦ କରାଯାଉ। ଉକ୍ତ ନିୟମକୁ ନ ମାନି ଜବରଦସ୍ତ କରି ନିର୍ବାଚନ କରୁଥିବା ଅଭିଯୋଗ କରି ଆବେଦନକାରୀ ସିକନ୍ଦର ଅଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ହାତୀ ଉପଦ୍ରବ, ଫସଲ ନଷ୍ଟ

ବାଙ୍କୀ,୯।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ଗ୍ରାମରେ ସୋମବାର ରାତିରେ ହାତୀମାନଙ୍କ ଉପଦ୍ରବରେ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ହାତୀପଲ ଆସି ଧାନଚାଷ ଜମିରେ ଦଳିଚକଟି ଫସଲ ନଷ୍ଟ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଗୋଟିଏ ବଡ ଦନ୍ତା ହାତୀ ଥିବା ଜଣାପଡିଛି। ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହ ହାତୀଙ୍କ ଦାଉରୁ ଚାଷକୁ ସୁରକ୍ଷା ଦେବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଗଣେଶଙ୍କ ଆଜ୍ଞାଲଡୁ: ୧୫ ହଜାର ଟଙ୍କାରେ ନିଲାମ

ଟିଗିରିଆ,୯।୯(ଜାଫର ଖାଁ)

ଟିଗିରିଆ ବ୍ଲକ ଷ୍ଟ୍ରିମଲାଇନ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ମଙ୍ଗଳବାର ଗଣେଶଙ୍କ ଆଜ୍ଞାଲଡୁ ନିଲାମ ହୋଇଛି। ୨୭ କିଗ୍ରା ବିଶିଷ୍ଟ ଏହି ଆଜ୍ଞାଲଡୁକୁ ନିଜିଗଡର ସରୋଜ ବେହେରା ୧୫ ହଜାର ୩ ଶହ ଟଙ୍କାରେ ନିଲାମ ନେଇଛନ୍ତି। ଏଥିସହିତ ସେ କଂସା ଥାଳି ଓ ରୁପା ମୁଦ୍ରା ମଧ୍ୟ ପ୍ରାପ୍ତ କରିଥିଲେ। କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ଟିଗିରିଆ ଥାନା ଏଏସ୍‌ଆଇ ବିକାଶ ରଞ୍ଜନ ବିଶ୍ୱାଳ, ଦୁର୍ଗାବଜାର ସଭାପତି ଚିତ୍ତରଞ୍ଜନ ସାହୁ, କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଭାପତି ପ୍ରକାଶ ଦାସ, ସମ୍ପାଦକ ଅକ୍ଷୟ କୁମାର ସାହୁ, ଅଭୟ କୁମାର ସାହୁ, ବିଜୟ କୁମାର କୁଣ୍ଡୁ, ଅଶୋକ ଚୌଧୁରୀ, ପ୍ରତାପ ସାହୁ ଅନ୍ତର୍ଯ୍ୟାମୀ ସାହୁ ସହଯୋଗ କରିଥିବା ବେଳେ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ।

# ଜମୁଛି ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ, ଆଜି ଭସାଣି

ଚୌଦ୍ୱାର,୯।୯(ଆଶୁତୋଷ ଦାସ)

ଚୌଦ୍ୱାର ଗୋଡିପାଟଣା ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ୨୩ଟି ପୂଜା ମଣ୍ଡପରେ ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଇନ୍ଦୁପୂର୍ଣ୍ଣିମାଠାରୁ ପୂଜା ପାଇ ଆସୁଥିବା ବେଳେ ମଙ୍ଗଳବାର ଦେବଦେବୀ ଭସାଣି ଅଭିମୁଖେ ବାହାରିଛନ୍ତି। ବିଭିନ୍ନ ପାରମ୍ପରିକ ବାଦ୍ୟରେ କମିଟି ସଭ୍ୟମାନେ ରୋଷଣି କରି ଗ୍ରାମ ପରିକ୍ରମା କରିବା ପରେ ଗୋଡିପାଟଣା ମେଲଣ ପଡିଆରେ ଏକତ୍ରିତ ହୋଇଛନ୍ତି। ବୁଧବାର ସକାଳ ୯ଟାରୁ ଥାନପତି ମେଢ ଚିତ୍ରେଶ୍ୱର ମେଢ ଯାତ୍ରା କମିଟିଠାରୁ ଛନ୍ଦା ଗ୍ରହଣ କରି ଭସାଣି ଅଭିମୁଖେ ବାହରିବା ପରେ ଅନ୍ୟ ମେଢଗୁଡିକ କ୍ରମାନ୍ୱୟରେ ଭସାଣି ଅଭିମୁଖେ ବାହାରିବେ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଭସାଣି ପାଇଁ ବାହାରିଥିବା ଶୋଭାଯାତ୍ରା।

### ମେଢ଼ ଶୋଭାଯାତ୍ରାରେ ଅଘଟଣ

ଗୋଡ଼ିପାଟଣା ଇନ୍ଦୁ ପୂର୍ଣ୍ଣିମା ଭସାଣ ଯାତ୍ରା ଚାଲିଥିବାବେଳେ ମେଲଣ ପଡ଼ିଆକୁ ଆସୁଥିବା ଗୌଖାନା ଗ୍ରାମର ମେଢ଼ରେ ଘଟିଛି ଏକ ଅଘଟଣ। ମେଢ଼ ଶୋଭାଯାତ୍ରା ଚାଲିଥିବାବେଳେ ମେଢ଼ ବହନକାରୀ ଚେଟିଶ ଗୌଖାନା ଗ୍ରାମର କାଙ୍ଗାଳୀ ନାୟକଙ୍କ ୭ବର୍ଷର ପୁଅ ନେତ ଦୁର୍ଭାଗ୍ୟ ବସତଃ ହଠାତ୍ ମେଢ଼ ଚେଟିଶ ତଳେ ପଡ଼ି ଯାଇଥିଲେ। ଚେଟିଶ ତା ଉପରେ ଚଢ଼ିଯିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାକୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଛନ୍ତି।

### ରାସ୍ତା ଆଲୋକୀକରଣକୁ ନେଇ ଅସନ୍ତୋଷ

ଗୋଡ଼ିପାଟଣା ଇନ୍ଦୁପୂର୍ଣ୍ଣିମା ଯାତ୍ରରେ ବହୁ ଜନସମାଗମ ହେଉଛି। ବିଶେଷ କରି ଯାତାୟାତ ପାଇଁ ମୁଖ୍ୟରାସ୍ତା ଧୂମାବତୀ ଛକରୁ ଟିପିଏମ୍ ବଜାର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କି.ମି. ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଗର୍ଭବତୀ ବଧୂହତ୍ୟା ମାମଲା: ଶାଶୁ ଗିରଫ

ଟିଗିରିଆ,୯।୯(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଅନ୍ତର୍ଗତ ତେଲୀସାହିର ଦୀପକ ଦତ୍ତଙ୍କ ସ୍ତ୍ରୀ କଳ୍ପନା ବେହେରାଙ୍କୁ ବିଷଦେଇ ହତ୍ୟା ଅଭିଯୋଗରେ ପୋଲିସ ମଙ୍ଗଳବାର ଶାଶୁ ସୁଷମା ଦତ୍ତ (୫୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଅଭିଯୋଗରେ ସ୍ୱାମୀ ଦୀପକ ଓ ଶ୍ୱଶୁର ପ୍ରହ୍ଲାଦ ଦତ୍ତ ଗିରଫ ହୋଇଥିଲେ। ଏହାକୁ ମିଶାଇ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ମୃତ କଳ୍ପନାଙ୍କ ବାପା କାଶୀନାଥଙ୍କ ଅଭିଯୋଗ ଅନୁଯାୟୀ, ୯ ବର୍ଷ ତଳେ ବଡ଼ଝିଅ କଳ୍ପନାଙ୍କ ସହ ତେଲୀସାହିର ଦୀପକଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ୬ ମାସ ତଳେ ଶ୍ୱଶୁରଘର ଲୋକେ କଳ୍ପନାଙ୍କୁ ବାପଘରୁ ୫୦ ହଜାର ଟଙ୍କା ଆଣିବା ପାଇଁ କହିଥିଲେ। ବାପଘର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେମାନେ ଏତେ ଟଙ୍କା ଦେବାକୁ ସମର୍ଥ ହେବେନାହିଁ ବୋଲି କଳ୍ପନା ଶଶୁରଙ୍କୁ କହିଥିଲେ। ଏହାପରଠୁ କଳ୍ପନାଙ୍କୁ ଶାଶୁଘର ଲୋକେ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଘଟଣାଦିନ ସକାଳେ କଳ୍ପନାଙ୍କ ଶ୍ୱଶୁର ଘର ତରଫରୁ ଫୋନ ଯୋଗେ ଝିଅର ଦେହ ଖରାପ ଅଛି, ତେଣୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି କୁହାଯାଇଥିଲା। ଏହାଶୁଣି କାଶୀନାଥ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ କଳ୍ପନାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ପୂର୍ବରୁ ନିର୍ଯାତନା ଦିଆଯାଉଥିବାରୁ କଳ୍ପନାଙ୍କୁ ବିଷ ଦିଆଯାଇ ହତ୍ୟା କରାଯାଇଛି ବୋଲି କାଶୀନାଥ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ୍ୟୁ ବେଳକୁ କଳ୍ପନା ୬ ମାସର ଗର୍ଭବତୀ ଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଥାନାରେ ମାମଲା (ନଂ. ୧୬୮/୨୫) ରୁଜୁ କରାଯାଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଗ୍ୟାସ୍ ଟ୍ୟାଙ୍କର ପଛରେ ପିଟିଲା ଆମ ବସ୍

### ଚାଳକଙ୍କ ସମେତ ୭ ଗୁରୁତର, ୧୦ ଆହତ

ମଙ୍ଗୁଳି-ଜଗତପୁର,୯।୯(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ମଙ୍ଗଳବାର ଅପରାହ୍ନରେ ଆମ ବସ୍ ରାସ୍ତା ପାର୍ଶ୍ୱରେ ଛିଡାହୋଇଥିବା ଗ୍ୟାସ୍ ଟ୍ୟାଙ୍କର ପଛକୁ ଧକ୍କା ଦେଇଛି। ଫଳରେ ଚାଳକଙ୍କ ସମେତ ୭ଜଣ ଗୁରୁତର ଏବଂ ୧୦ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଆମ ବସ୍‌ର ଆଗ ଅଂଶ ଭାଙ୍ଗି ଚୂରମାର ହୋଇଯାଇଥିବା ଜଣାପଡିଛି। ସୂଚନା ମୁତାବକ, ଅପରାହ୍ନରେ କଟକରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ଆମ ବସ୍ ହଠାତ୍ ଭାରସାମ୍ୟ ହରାଇ ଚଟିଲ ଗଡା ନିକଟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଗ୍ୟାସ୍ ଟ୍ୟାଙ୍କର ପଛରେ ଧକ୍କା ଦେଇଥିଲା। ଫଳରେ ବସସ୍ ଚାଳକ ଚାପି ହୋଇରହିଯାଇଥିବା ବେଳେ ଅନ୍ୟ ଯାତ୍ରୀମାନେ ବସ୍ ମଧ୍ୟରେ ପିଟି ହୋଇଯାଇଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଡାକ୍ତରଙ୍କୁ ନ ଦେଖାଇ ନିରାଶ ହୋଇ ଫେରିଲେ ରୋଗୀ

### ଏସ୍‌ସିବି ମେଡିସିନ ବହିର୍ବିଭାଗରେ ଅବ୍ୟବସ୍ଥା

କଟକ,୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡିସିନ ବହିର୍ବିଭାଗରେ ମଙ୍ଗଳବାର ଅବ୍ୟବସ୍ଥା ଯୋଗୁ ଅଧିକାଂଶ ରୋଗୀ ଚିକିତ୍ସା ନ ପାଇ ଫେରିଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବିର ମେଡିସିନ ବହିର୍ବିଭାଗରେ ଡାକ୍ତରଙ୍କୁ ଦେଖାଇବାକୁ ହେଲେ ପ୍ରଥମେ ଟିକେଟ କରାଯାଇଥାଏ। ସେଠାରେ ଥିବା କର୍ମଚାରୀ ଟିକେଟ ମୁତାବକ ରୋଗୀଙ୍କୁ ଡାକିଥାନ୍ତି। ହେଲେ ମଙ୍ଗଳବାର ଅପରାହ୍ନରେ ଏହାର ଓଲଟା ଚିତ୍ର ଏଠାରେ ଦେଖିବାକୁ ମିଳିଛି। ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧାଡିରେ ଛିଡା କରାଯାଇଥିଲା। ହେଲେ କର୍ମଚାରୀ ନିଜ ପରିଚିତ ବ୍ୟକ୍ତିଙ୍କୁ ପ୍ରଥମେ ଡାକ୍ତରଙ୍କୁ ଦେଖାଇବାକୁ ଛାଡୁଥିବାରୁ ଅପେକ୍ଷା କରିଥିବା ରୋଗୀ ଓ ସମ୍ପର୍କୀୟ ଏ ବିଷୟରେ ପଚାରିବାରୁ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ। ଫଳରେ ରୋଗୀ ଓ ସମ୍ପର୍କୀୟ ହୋହଲ୍ଲା କରିଥିବା ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଭଳି ଅବ୍ୟବସ୍ଥା ଯୋଗୁ ବହୁ ରୋଗୀ ଡାକ୍ତର ପରାମର୍ଶ ନ କରାଇ ମଧ୍ୟ ଫେରିଛନ୍ତି। ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଯଶପଡ଼ା ଗଣେଶ ମେଲଣ ଶାନ୍ତିଶୃଙ୍ଖଳା ସହ ଶେଷ

### ଅସାମାଜିକ ଲୋକଙ୍କୁ ସାବାଡ କଲା ପୋଲିସ

କଟକ ସଦର,୯।୯(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ଗଣେଶ ମେଲଣ ଶାନ୍ତିଶୃଙ୍ଖଳା ସହ ସୋମବାର ଶେଷ ହୋଇଛି। ଯଶପଡ଼ା ଓ ଧରିଣା ପଞ୍ଚାୟତ ବିଭିନ୍ନ ସାହିର ମେଢ଼ ଶୋଭା ଯାତ୍ରାରେ ଆସି ମେଲଣ ପଡ଼ିଆରେ ଏକତ୍ରିତ ହୋଇଥିଲା। ପରେ ବିସର୍ଜନ ପାଇଁ ନିଜ ନିଜ ଗାଁକୁ ଚାଲିଯାଇଥିଲେ। ଚଳିତବର୍ଷ ଅସାମାଜିକ ଓ ନିଶାସକ୍ତ ଲୋକଙ୍କୁ ସାବାଡ କରିବା ପାଇଁ ସ୍ଥାନୀୟ ପୋଲିସ ମାଦୁଆ ମଞ୍ଚ ନିର୍ମାଣ କରିଥିଲା। ମାତ୍ର ପରେ ଏହି ବ୍ୟାନର କାଢି ନିଆଯାଇଥିଲା। ସେହି ମଞ୍ଚରେ ନିଶାଗ୍ରସ୍ତ, ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସ ଧରି ଆଣି ବସାଇଥିଲା। ନିଶା କମିବା ପରେ ସେମାନଙ୍କୁ ଛାଡି ଦେଇଥିଲେ। ଫଳରେ ମେଲଣ ଅନ୍ୟ ବର୍ଷ ଅପେକ୍ଷା ଆକର୍ଷଣୀୟ ହୋଇଥିଲା। ସାଲେପୁର ଡିଏସ୍‌ପି ବିରଞ୍ଚି ନାରାୟଣ ପତିଙ୍କ ସମେତ ବିଭିନ୍ନ ଥାନାର ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କିଶନନଗର ଥାନା ଅଧିକାରୀ ଦୁର୍ଗେସ ନନ୍ଦିନୀ ମହାନ୍ତି ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




ଅସାମାଜିକ ଲୋକଙ୍କୁ ସାବାଡ ପାଇଁ ନିର୍ମିତ ମଞ୍ଚରୁ ମଦୁଆ ବ୍ୟାନର ହଟାଇ ନିଆଯାଉଛି।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ମଡ୍ୟୁଲାର ଓଟି

### ଶିଶୁଭବନରେ ଅତିରିକ୍ତ ଡିଏମ୍‌ଇଟି ଏବଂ ଓଏସ୍‌ଏମ୍‌ସିଏଲ୍ ଅଧିକାରୀଙ୍କ ସମୀକ୍ଷା

- ଆସନ୍ତା ୬ ମାସରେ କାର୍ଯ୍ୟକାରୀ ହେବ ସିଟି ସ୍କାନ, ଏମ୍‌ଆର୍‌ଆଇ ମେଶିନ
- ହେମୋଡାଏଲିସିସ ପାଇଁ ଆସିବ ଆଉ ୪ଟି ମେଶିନ

କଟକ,୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶିଶୁଭବନରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ମଡ୍ୟୁଲାର ଓଟି। ଏହାସହ ମେଡିକାଲର ପୁରୁଣା ଓଟି ସ୍ଥାନରେ ଆସନ୍ତା ୬ ମାସ ମଧ୍ୟରେ ସିଟି ସ୍କାନ ଓ ଏମ୍‌ଆର୍‌ଆଇ ମେଶିନ ସ୍ଥାପନ କରାଯାଇ ଏହାକୁ କାର୍ଯ୍ୟକାରୀ କରାଯିବ। ସେହିପରି ସେଣ୍ଟ୍ରାଲ ଷ୍ଟେରଲାଇ ସପ୍ଲାଏ ଡିପାର୍ଟମେଣ୍ଟକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ। ଏହାସହ ନୂତନ ଜିପ୍ଲସ-୬ କୋଠାକୁ ଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ସହ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ସମୀକ୍ଷା କରାଯାଇଛି। ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡା. ରୋମା ରତନ ଓ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)ର ମ୍ୟାନେଜିଂ ଡାଇରେକ୍ଟର ଡ. ପୁମା ଟୁଡୁ ମଙ୍ଗଳବାର କଟକ ଶିଶୁଭବନ ଗସ୍ତ କରି ନୂତନ କୋଠା ବୁଲି ଦେଖିଥିଲେ। ପରେ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ଉପସ୍ଥିତ ରହି ଉପରୋକ୍ତ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ତେବେ ମେଡିକାଲର ଚତୁର୍ଥ ମହଲାରେ ମଡ୍ୟୁଲାର ଓଟି କରାଯାଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଶେଷ କରି ଆଲୋଚନା କରାଯାଇଥିଲା। ସେହିପରି ସିଟି ସ୍କାନ, ଓ ଏମ୍‌ଆର୍‌ଆଇ ପାଇଁ ପ୍ରତ୍ୟେକ ଦିନ ୧୦୦ରୁ ଅଧିକ ରୋଗୀ ଏସ୍‌ସିବି ମେଡିକାଲକୁ ପଠାଯାଉଥିବାବେଳେ ଏଥିରେ କିପରି ରୋକ୍ ଲଗାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଛି। ମେଡିକାଲ ପୁରୁଣା ଓଟି ଥିବା ସ୍ଥାନରେ ଏହି ମେଶିନ ସଂସ୍ଥାପନ କରାଯିବ ବୋଲି ଯାଗା ଚିହ୍ନଟ କରାଯାଇଛି। ସେହିପରି ମାସକୁ ପାଖାପାଖି ୧୫୦ ଶିଶୁରୋଗୀଙ୍କ ହେମୋଡାଏଲିସିସ କରାଯାଉଥିବାବେଳେ ରୋଗୀ ସଂଖ୍ୟା ମୁତାବକ ମେଶିନ ନ ଥିବାବେଳେ ମେଶିନ ସଂଖ୍ୟାକୁ ବୃଦ୍ଧି କରାଯିବ ଏବଂ ଆଉ ୪ଟି ମେଶିନ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପେଡିଆଟ୍ରିକ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଗୀତାଞ୍ଜଳି ସେଠୀ, ପ୍ରଫେସର ଡା. ପ୍ରଶାନ୍ତ କୁମାର ତ୍ରିପାଠୀ, ଓଏସ୍‌ଏମ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର ଡ. ଅମିତାବ ପୃଷ୍ଟି ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଅନ୍ୟପଟେ ଓଏସ୍‌ଏମ୍‌ସିଏଲ୍ ମ୍ୟାନେଜିଂ ଡାଇରେକ୍ଟ ଡ. ପୁମା ଟୁଡୁ ଏସ୍‌ସିବି ଗସ୍ତ କରି ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅତିରିକ୍ତ ଡିଏମ୍‌ଇଟି ଏବଂ ଓଏସ୍‌ଏମ୍‌ସିଏଲ୍ ଅଧିକାରୀ।

# ମାସେ ପରେ ବି ସମାଧାନ ହେଲାନି ଗାଁ ସୀମା ବିବାଦ

**ବାଘମାରୀ,୯ା୯ (ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟାପଲା ଗ୍ରାମ ମଧ୍ୟରେ ସୀମାବିବାଦ ଏବଂ ନାମଫଳକ ପୋତିବାକୁ ନେଇ ଗତ ଅଗଷ୍ଟ ୬ରେ ବିବାଦ ହେବା ସହ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବଜାରର ୧କିଲୋମିଟର ପରିଧିରେ ବିଏନ୍‌ଏସ୍‌ଏସ୍ ୧୬୩ ଅନିର୍ଦ୍ଦିଷ୍ଟକାଳ ପାଇଁ ଲାଗୁ କରାଯାଇଥିଲା। ଫଳରେ ଦୋକାନ ବଜାର ବନ୍ଦ ରହିଛି। ଏହି ବିବାଦକୁ ଏକ ମାସ ବିତିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଫଳରେ ଏବେବି ବଜାର ବନ୍ଦ ରହିବା ସହ ପୋଲିସ ମୁତୟନ ହୋଇଛନ୍ତି। ବିଭିନ୍ନ ସମୟରେ ଦୁଇ ଗ୍ରାମର ମୁରବୀମାନେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହେଉ କିମ୍ବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟସ୍ଥତାରେ ହୋଇଥିବା ବୈଠକ ବିଫଳ ହୋଇଛି। ଫଳରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ମାସ ଧରି ଦୋକାନ ବନ୍ଦ ରହିବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକେ ଜରୁରୀ ସାମଗ୍ରୀ ପାଇପାରୁ ନ ଥିବାରୁ ହଇରାଣ ହେଉଛନ୍ତି। ସେହିପରି ସ୍କୁଲ ଖୋଲିଥିଲେ ମଧ୍ୟ ଭୟର ବାତାବରଣ ରହିଥିବାରୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଉଚିତ୍ ମଣୁ ନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ବିବାଦର ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବନ୍ଦ ରହିଛି ଦୋକାନ ବଜାର




# ଗଣେଶ ଭସାଣିରେ ବନ୍ଧୁକ ଧରି ନାଚିବା ଘଟଣା, ଯୁବକ ଗିରଫ

**ଟାଙ୍ଗୀ,୯ା୯ (ରଘୁନାଥ ସାହୁ)**

ଟାଙ୍ଗୀରେ ପ୍ରଭୁ ଗଜାନନଙ୍କ ଭସାଣି ଶୋଭାଯାତ୍ରାରେ ବନ୍ଧୁକ ଧରି ନାଚିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ପଣସପୁର ସାହିର ଶେଷଦେବ ମହାପାତ୍ର (୨୬)। ଏଥିସହ ତାଙ୍କଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ସୂଚନା ମୁତାବକ, ଗତ ୭ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ୟୁନିକ୍‌ଷ୍ଟାର କ୍ଲବ ଗଣେଶ ପୂଜା ଭସାଣି ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଡିଜେ ଗାଡ଼ି ଆଗରେ ଶତାଧିକ ଯୁବକ ନୃତ୍ୟ କରିଥିଲେ। ଏହି ସମୟରେ ଶେଷଦେବ ବନ୍ଧୁକ ଧରି ନାଚିବା ଆରମ୍ଭ କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଜବତ କରିବା ସହ ତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଏସ୍‌ଆଇ ପ୍ରଫୁଲ୍ଲ କୁମାର ସାହୁଙ୍କ ଏତଲାକ୍ରମେ ଏକ ମାମଲା (ନଂ.୬୦୮/୨୫) ରୁଜୁ ପରେ ଶେଷଦେବଙ୍କୁ ଗିରଫ ସହ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

# ଶିଶୁପୁତ୍ରଙ୍କ ବେକରୁ ସୁନାଲକେଟ ଲୁଟ୍

**ବାଣପୁର,୯ା୯ (ଦିଲୀପ କୁମାର ସ୍ୱାଇଁ):** ୪ବର୍ଷର ଶିଶୁପୁତ୍ରଙ୍କଠାରୁ ସୁନା ଲକେଟ ଲୁଟ୍ ହୋଇଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସିସିଟିଭି ଯାଞ୍ଚକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବଡ଼ହନ୍ତୁଆଡ଼ ଗ୍ରାମର ଜଣେ ମହିଳା ତାଙ୍କ ମା' ଓ ଶିଶୁପୁତ୍ରଙ୍କ ସହ ବାଣପୁର ଡାକ୍ତରଖାନାରୁ ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ୩୦ବର୍ଷୀୟ ମହିଳା ମଧ୍ୟ ସେମାନଙ୍କ ସାଥିରେ କଥାବାର୍ତ୍ତା ହୋଇ ଚାଲିଚାଲି ଆସୁଥିଲେ। ଗାଲୁଆ ଛକ ନିକଟ ଏକ ଇଲେକ୍ଟ୍ରିକ୍ ଦୋକାନରେ କିଛି ସାମଗ୍ରୀ କିଣିବା ପାଇଁ ସମ୍ପୃକ୍ତ ମହିଳା ଓ ତାଙ୍କ ମା' ବ୍ୟସ୍ତ ଥିଲେ। ଏହି ସମୟରେ ସେମାନଙ୍କ ସହ ଆସୁଥିବା ମହିଳା ଜଣକ ଶିଶୁପୁତ୍ରଙ୍କ ସୁନା ଲକେଟ୍ ନେଇ ପଳାଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ପୂଜାକାଳୀନ ଶିବିର

**କୃଷ୍ଣପ୍ରସାଦ,୯ା୯ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ସ୍ଥିତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ.ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ପୂଜାକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ପୂର୍ବତନ ପ୍ରଧାନ ଶିକ୍ଷକ କେଲୁ ଚରଣ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ସେବା ସମ୍ପର୍କରେ ପ୍ରେରଣା ଦେବା ସହିତ ଚାରାରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଜାତୀୟ ସେବା ଯୋଜନା ବାଳକ ବାଳିକା ବିଭାଗର ୧୦୦ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଏହି ଶିବିର ୭ଦିନ ଧରି ଚାଲିବ। ବାଳିକା ବିଭାଗର ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳାଇ ଓ ବାଳକ ବିଭାଗର ଯୋଜନା ଅଧିକାରୀ ପ୍ରସନ୍ନ ସାହୁ ଶିବିର ପରିଚାଳନା କରିଥିଲେ।

# ଦେଶୀମଦ ଜବତ, ୩ ଗିରଫ

**ବେଗୁନିଆ,୯ା୯ (ସନ୍ଧ୍ୟାରାଣୀ ମିଶ୍ର):** ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଓ ବେଗୁନିଆ ଅବକାରୀ ଥାନା ଓଆଇସି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ମଙ୍ଗଳବାର ଚଢ଼ାଉ କରାଯାଇ ୧୩୬ ଲିଟର ରନ୍ଧା ଦେଶୀ ମଦ ଜବତ ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ଗୋବିନ୍ଦପୁରର ଲକ୍ଷ୍ମୀଧର ସାହୁଙ୍କଠାରୁ ୨୭ ଲିଟର, ଗେଡ଼ିଆପଲୀର ସୁର ନାହାକଙ୍କଠାରୁ ୩୦ ଲିଟର, ତଣ୍ଡାଳର କଳ୍ପନା ନାୟକଙ୍କଠାରୁ ୯ଲିଟର ଓ ନରସିଂହପୁର କାଜୁ ଜଙ୍ଗଲରୁ ୭୦ ଲିଟର ଦେଶୀମଦ ଜବତ କରାଯାଇଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୁବୁଦ୍ଧି, ପୁରୁଷୋତ୍ତମ ପାଇକରାୟ, ବିଦ୍ୟୁତ୍‌ପ୍ରଭା ସାହୁ, ସନ୍ତୋଷ ବରାଡ଼ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

**ବୋଲଗଡ଼,୯ା୯ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ଓ ପଞ୍ଚାୟତର ନୂତନ ଗେଟ୍‌କୁ ମଙ୍ଗଳବାର ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ପିତୁକୁଳିର ଆରାଧ୍ୟ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଧାୟକଙ୍କୁ ଉପସ୍ଥିତ ଗ୍ରାମବାସୀ ଏବଂ ବିଜେଡି ନେତା କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା କରି ଜାତୀୟ ରାଜପଥରେ ଏକ ବିରାଟ ପଟୁଆରରେ ବଜାର ପରିକ୍ରମା କରାଯାଇଥିଲା। ବିଡିଓ ସୁମନସୁଧା କୁଣ୍ଡୁ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଦସ୍ୟ ପ୍ରଦୀପ୍ତ ଛୋଟରାୟ, ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ବିପିସି ସ୍ୱର୍ଣ୍ଣପ୍ରଭା ମହାପାତ୍ର, ପଞ୍ଚାୟତ ବିଜେଡି ସଭାପତି ପବିତ୍ର ମୋହନ ମାଝୀ ପ୍ରମୁଖ ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଥିଲେ। ଏହି ଦୁଇ ମହଲା ବିଶିଷ୍ଟ ଗୃହଟି ପଞ୍ଚାୟତର ମହିଳା ଗୋଷ୍ଠୀଙ୍କ ବୈଠକ ସହ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ଭାବେ ଉପଯୋଗ ହେବ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟମାନେ।

---

## GOVERNMENT OF ODISHA
# HIGHER EDUCATION DEPARTMENT
## (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.

**Students can apply for Scholarships under URL: www.scholarship.odisha.gov.in.**

The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/ her, the application is liable to be rejected.
(2) Aadhaar seeding with Bank account is mandatory to receive scholarship under all MMCPY schemes.
From 2025-26 onwards, disbursement will be done only through Aadhaar Payment Bridge System (APBS).
Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students | 10.09.2025 |
| | Last date of Online application for students | 09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com.**

**OIPR-11001/11/0106/2526** **Sd./- Joint Secretary to Government**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1705

**No. HHEP/Tech-W-152(Vol-1)/6094** **Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

**Sd/- Unit Head, HHEP, Burla**
OIPR-04007/11/0069/2526

---

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**
**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | |
|---|---|---|
| 1 | Name of the Work | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | 1 (One) No. |
| 3 | Date of availability of bid document in the portal | 09.09.2025 |
| 4 | Last date for receipt of bids in the portal | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

**Sd./- Deputy Director**
**Nandankanan Zoological Park**
OIPR-08070/11/0106/2526

---

## "e" PROCUREMENT NOTICE
# JAJPUR MUNICIPALITY, JAJPUR

**Tender Call Notice No. 3018** **Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in.**

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0034/2526**

---

# OFFICE OF THE SUPERINTENDING ENGINEER CUTTACK (R&B) DIVISION NO. II, CUTTACK

No. B-505
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**

**GOVERNMENT OF ODISHA "e" Procurement Notice**
**e-Procurement Notice for Road Works**
**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in.**
Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Division No. II**
**OIPR-34137/11/0022/2526**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1709

**No. HHEP/Tech-W-56/21/6107** **Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

**Sd/- Unit Head, HHEP, Burla**
OIPR-04007/11/0070/2526

---

# PANCHAYAT SAMITI, GUMMA
**DIST.: GAJAPATI (ODISHA), PIN - 761207**
**Adv. No. 05/2025-26** **Dt.: 08.09.2025**

## TENDER CALL NOTICE

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in.** Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati. Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.

**Sd./- Block Development Officer**
**Gumma, Gajapati**
**OIPR-19347/11/0007/2526**

---

# OFFICE OF THE SUPERINTENDING ENGINEER, M.I. DIVISION, CUTTACK
**Nayabazar, Cuttack - 04**
**email Id: eemidcuttack@yahoo.co.in**

**Letter No. 3949** **Date: 08.09.2025**

## 1st Corrigendum to Tender Call Notice No. 09/2025-26

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground.**

**Sd./- Superintending Engineer**
**M.I. Division, Cuttack**
**OIPR-32121/11/0043/2526**

---

# ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3

**Letter No.ACD-I-ADM-0013/2022/16305/UAT** **Dt.8th, September, 2025**

## UNDER GRADUATE SPOT COUNSELING & ADMISSION NOTICE-2025-26

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**
i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.

**OIPR-01533/11/0017/2526** **Sd./- REGISTRAR**

---

**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ–akp.irrigationdivision@gmail.com
No.A-

## 'e'- Procurement Notice No.09/2025-26

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଣ୍ଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଣ୍ଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଣ୍ଟିକା ସମୟରେ ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
**OIPR-32548/11/0010/2526**

---

# THE ODISHA STATE POLICE HOUSING & WELFARE CORPORATION LTD.
**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

## INVITATION FOR BIDS (IFB)

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**

**N.B.:** The quoted rate should be all inclusive but excluding G.S.T. as applicable under works contract.

**OIPR-12025/11/0047/2526**

---

## OFFICE OF THE
# PANCHAYAT SAMITI, NILGIRI, BALASORE
**Email id: (ori-nilgiri@nic.in), Phone No.: 06782-233236**

## TENDER NOTICE

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in.**

**Sd./- Block Development Officer, Nilgiri**
**OIPR-19177/11/0003/2526**

# ୩୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ବାରଙ୍ଗ,୯।୯(ଲିଙ୍ଗରାଜ ରାଉତ): ବ୍ରାଉନ୍‌ସୁଗାର କାରବାରରେ ଚନ୍ଦକା ଅଞ୍ଚଳରୁ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଉଛନ୍ତି ପାଣିଗୋଳା ଗ୍ରାମର ସରୋଜ ପରିଡ଼ା(୨୭)। ତାଙ୍କ ନିକଟରୁ ପ୍ରାୟ ୩୦ଲକ୍ଷ ଟଙ୍କାର ୨୯୨ ଗ୍ରାମର ବ୍ରାଉନ୍‌ସୁଗାର ସହିତ ଏକ ପଲସର ଗାଡି ଜବତ ହୋଇଛି। କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସରୋଜ ସକାଳେ ଜଣେ ବେପାରୀଙ୍କୁ ବ୍ରାଉନ୍‌ସୁଗାର ଦେବା ପାଇଁ ତାଙ୍କ ଗାଁ ପାଖରେ ବାଇକ୍ ଧରି ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ଅଚାନକ ଚଢାଉ କରି ସରୋଜଙ୍କୁ କାବୁ କରିଛି। ଏନେଇ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମାମଲା (ନଂ. ୩୫୩/୨୫) ରୁଜୁ କରାଯାଇଛି।

# ଦାଦାବଟି ମାଗିବାରୁ ଗୋଷ୍ଠୀ ସଂଘର୍ଷ

## ଜଣେ ଗୁରୁତର, ଉଭୟ ପକ୍ଷରୁ ୫ ଗିରଫ

ଟିଗିରିଆ,୯।୯(ଜାଫର ଖାଁ):

ଟିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର କୋଇଲିକନ୍ୟା ଗ୍ରାମ ନିକଟରେ ଗୋଷ୍ଠୀସଂଘର୍ଷ ହୋଇଛି। ଜଣେ ଇଟାଭାଟି ମାଲିକଙ୍କୁ ଦାଦାବଟି ମାଗିବାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ମହେନ୍ଦ୍ର କୁମାର ଜେନା ଓରଫ୍ ସରୁଆ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏହି ଅଭିଯୋଗରେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, କୋଇଲିକନ୍ୟା ଗ୍ରାମ ନିକଟରେ ଗଦାଧରପୁର ଗ୍ରାମର ଜଣେ ଯୁବକ ଇଟା ଫ୍ୟାକ୍ଟ୍ରି କରିଛନ୍ତି। ତାଙ୍କୁ କିଛିଦିନ ହେବ ସରୁଆ ଏକ ଲକ୍ଷ ଟଙ୍କା ଦାଦାବଟି ମାଗିଆସୁଥିଲେ। ମାତ୍ର ଦାଦାବଟି ଦେବା ପାଇଁ ଇଟା ଫ୍ୟାକ୍ଟ୍ରି ମାଲିକ ମନାକରିବାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ସୋମବାର ଅଭିଯୁକ୍ତ ସରୁଆ ଉକ୍ତ ଫ୍ୟାକ୍ଟ୍ରିକୁ ଆସି ପୁନଶ୍ଚ ଦାଦାବଟି ମାଗିବା ସହ ଗଣ୍ଡଗୋଳ କରିବାରୁ ଉଭୟ ସରୁଆ ଏବଂ ଫ୍ୟାକ୍ଟ୍ରି ମାଲିକଙ୍କ ସହଯୋଗୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଉଭୟ ପକ୍ଷ ଟିଗିରିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୮୧/୨୫) ଓ (୧୮୨/୨୫) ରୁଜୁକରି ସରୁଆଙ୍କ ସହ ଫ୍ୟାକ୍ଟ୍ରି ମାଲିକ ଓ ତାଙ୍କର ୩ ସହଯୋଗୀଙ୍କୁ ଗିରଫ କରିଛି।



ଗୁରୁତର ମହେନ୍ଦ୍ର କୁମାର ଜେନା।

# ପିଲାଙ୍କୁ ପଢ଼ାଉଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ହତ୍ୟା ଉଦ୍ୟମ

## ଥାନାରେ ମାମଲା, ଅଭିଯୁକ୍ତ ଫେରାର

ବାଙ୍କୀ,୯।୯(ଶୁଭେନ୍ଦୁ ମହାପାତ୍ର): ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ପାଠ ପଢ଼ାଉଥିବାବେଳେ ଜଣେ ବ୍ୟକ୍ତି ଭିତରକୁ ଆସି ମାରଣାସ୍ତ୍ର ଦେଖାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବାଙ୍କୀ ଥାନା ତାଳବସ୍ତ ଫାଣ୍ଡି ଅନ୍ତର୍ଗତ ତାଳବସ୍ତ ପୁରୁଣାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଏନେଇ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ପ୍ରଶାନ୍ତ କୁମାର ପୁରୁଲି ଟିଗିରିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୧୭/୨୫) ରୁଜୁ କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେ ହେଲେ ତାଳବସ୍ତ ଗ୍ରାମର ଆଲୋକ ରଞ୍ଜନ ଦଳବେହେରା। ଅଭିଯୋଗ ଅନୁଯାୟୀ, ପ୍ରଶାନ୍ତ ବିଦ୍ୟାଳୟକୁ ଆସୁଥିବାବେଳେ ବାଟରେ ଆଲୋକ ଟଙ୍କା ମାଗିଥିଲେ। ମାତ୍ର ପ୍ରଶାନ୍ତ ଟଙ୍କା ଦେବାକୁ ମନାକରି ସେଠାରୁ ଚାଲିଆସିଥିଲେ। ପରେ ପ୍ରଶାନ୍ତ ସ୍କୁଲରେ ପହଞ୍ଚି ଶ୍ରେଣୀଗୃହରେ ପିଲାଙ୍କୁ ପଢ଼ାଉଥିବାବେଳେ ଆଲୋକ ସେଠାରେ ପହଞ୍ଚି ହୋହାଲ୍ଲା କରିବା ସହ ଟଙ୍କା ମାଗିଲେ, କାହିଁକି ଦେଲୁନିବୋଲି କହି ମାରଣାସ୍ତ୍ର ସାହାଯ୍ୟରେ ମାରିବାକୁ ଉଦ୍ୟମ କରିବାବେଳେ ଅନ୍ୟ ଶିକ୍ଷକମାନେ ପହଞ୍ଚି ଛଡ଼ାଇଥିଲେ।

# ସାଂସଦ ଖେଳ ମହୋତ୍ସବ

ବାଙ୍କୀ,୯।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ପରିସରରେ ସାଂସଦ ଖେଳ ମହୋତ୍ସବ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୩ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡମପଡ଼ ବ୍ଲକ ସାଂସଦଙ୍କ ପ୍ରତିନିଧି ସରୋଜ ମତଗଜ ସିଂହ ଯୋଗଦେଇ ସାଂସଦ ଖେଳ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ଭାଜପା ସଂଯୋଜକ ଜଗନ୍ନାଥ ପରିଡା, ଡମପଡ଼ା ମଣ୍ଡଳ ସଭାପତି ଦାସରଥି ପଡିହାରୀ, ଅଧ୍ୟାପକ ତାପସ ମହାନ୍ତିଙ୍କ ସମେତ କଲେଜ ଅଧ୍ୟାପକ ଅଧ୍ୟାପିକା ଓ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବେଲଅଣ୍ଟା ଗ୍ରାମ ଗଣ୍ଡଗୋଳ ଘଟଣା: ୨ ଅଭିଯୁକ୍ତ ଗିରଫ

ଟିଗିରିଆ,୯।୯(ଜାଫର ଖାଁ):

ଟିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ବେଲଅଣ୍ଟା ଗ୍ରାମରେ ଗତ ଜୁଲାଇ ୨୨ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ସଦସ୍ୟଙ୍କ ଆକ୍ରମଣରେ ଅପର ଗୋଷ୍ଠୀର ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲଅଣ୍ଟା ଗ୍ରାମର ଚିନୁ ମଲ୍ଲ(୨୪) ଓ ବାଙ୍କୀ ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଆକାଶ ରାଉତ(୨୧)। ପୂର୍ବରୁ ଏହି ଘଟଣାରେ ବେଲଅଣ୍ଟା ଗ୍ରାମର ବିକାଶ ମଲ୍ଲ (୨୯)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଗିରଫ ସଂଖ୍ୟା ଏବେ ୩ରେ ପହଞ୍ଚିଥିବା ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତସ୍ଥିତ ବେଲଅଣ୍ଟା ଗ୍ରାମର ନରେଶ ନାୟକ ନୂଆପାଟଣାସ୍ଥିତ ଅନ୍ତର୍ଯ୍ୟାମୀ ଅଳଙ୍କାର ଦୋକାନରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରନ୍ତି। ତାଙ୍କୁ ଜୁନ୍ ୩ ତାରିଖ ବିଳମ୍ବିତ ରାତିରେ ବେଲଅଣ୍ଟା ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନରେଶ ଗୁରୁତର ହୋଇଥିଲେ। ଅଭିଯୋଗକୁ ଭିତ୍ତିକରି ଟିଗିରିଆ ପୋଲିସ ସେତେବେଳେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିଲେ। ଏହି ଘଟଣାରେ ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ଜୁଲାଇ ୨୨ରେ ଜାମିନରେ ମୁକୁଳିଥିଲେ। ଉକ୍ତ ଦିନ ରାତିରେ ସେମାନେ ଜେଲରୁ ଗ୍ରାମକୁ ବାଇକ୍‌ରେ ଫେରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଅପର ଗୋଷ୍ଠୀର ସଦସ୍ୟମାନେ ଗ୍ରାମ ରାସ୍ତାରେ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁଶାନ୍ତ ରାଉତ ଗୁରୁତର ହୋଇଥିବାବେଳେ ବର୍ଣ୍ଣି ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଟିଗିରିଆ ପୋଲିସ ମାମଲା (ନଂ.୧୩୯/୨୫) ରୁଜୁକରି ତଦନ୍ତ ଚଳାଇଥିଲା।

# ତାଳଚାରା ରୋପଣ କଲେ ବଜ୍ରପାତରୁ ରକ୍ଷା ମିଳିପାରିବ

ବାଙ୍କୀ,୯।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତସ୍ଥ ଫାସିବସ୍ତ-ପଳାଶୁଣି ଗ୍ରାମ ରାସ୍ତା ପାର୍ଶ୍ୱରେ ତୁଳସୀପୁର ପ୍ରକୃତିବନ୍ଧୁ ସଂଗଠନ ତରଫରୁ ମଙ୍ଗଳବାର ୧୧୦ଟି ତାଳଚାରା ରୋପଣ କରାଯାଇଛି। ସଂଗଠନ ଆବାହକ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିବେଶବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଶୁଭାରମ୍ଭ କରିଥିଲେ। ତାଳଚାରା ରୋପଣ ଦ୍ୱାରା ବଜ୍ରପାତରୁ ରକ୍ଷା ମିଳିପାରିବ ବୋଲି ମହାପାତ୍ର କହିଥିଲେ। ଏହି ପରିପ୍ରେକ୍ଷୀରେ ୨ବର୍ଷ ହେଲା ସରକାର ଓ ଜନସାଧାରଣ ବିଭିନ୍ନ ସ୍ଥାନରେ ତାଳଚାରା ରୋପଣ କରୁଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜବନ୍ଧୁ ପୃଷ୍ଟି, ପୀତବାସ ସାହୁ, ବିଜୟ ନାୟକ, ମାଧବ ସାହୁ, ରାଜା ନାୟକ, ହରିବନ୍ଧୁ ଜେନା, ସରୋଜ ନାୟକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।


GOVERNMENT OF ODISHA

**HIGHER EDUCATION DEPARTMENT**

**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)**

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.

**Students can apply for Scholarships under URL: www.scholarship.odisha.gov.in.**

The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.

(2) Aadhaar seeding with Bank account is mandatory to receive scholarship under all MMCPY schemes.

From 2025-26 onwards, disburesement will be done only through Aadhaar Payment Bridge System (APBS).

Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com**.

**OIPR-11001/11/0106/2526** **Sd./- Joint Secretary to Government**



OHPC

**ODISHA HYDRO POWER CORPORATION LTD.,**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

No. CAD-1705

**No. HHEP/Tech-W-152(Vol-1)/6094** **Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 373 00/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com** Sd/-

OIPR-04007/11/0069/2526 **Unit Head, HHEP, Burla**



**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com

NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**

**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

**Sd./- Deputy Director**
**Nandankanan Zoological Park**

OIPR-08070/11/0106/2526



**"e" PROCUREMENT NOTICE**

**JAJPUR MUNICIPALITY, JAJPUR**

**Tender Call Notice No. 3018** **Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0034/2526**



**OFFICE OF THE SUPERINTENDING ENGINEER**
**No. B-505 CUTTACK (R&B) DIVISION NO. II, CUTTACK**
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**

**GOVERNMENT OF ODISHA "e" Procurement Notice**

**e-Procurement Notice for Road Works**

**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**.

Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Division No. II**

**OIPR-34137/11/0022/2526**



OHPC

**ODISHA HYDRO POWER CORPORATION LTD.,**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

No. CAD-1709

**No. HHEP/Tech-W-56/21/6107** **Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com** **Sd/-**

OIPR-04007/11/0070/2526 **Unit Head, HHEP, Burla**



**PANCHAYAT SAMITI, GUMMA**

**DIST.: GAJAPATI (ODISHA), PIN - 761207**

**Adv. No. 05/2025-26** **Dt.: 08.09.2025**

**TENDER CALL NOTICE**

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersigned reserves the right to reject any or all the tender(s) without assigning any reason thereof.

**Sd./- Block Development Officer**
**Gumma, Gajapati**

**OIPR-19347/11/0007/2526**



**OFFICE OF THE SUPERINTENDING ENGINEER, M.I. DIVISION, CUTTACK**

**Nayabazar, Cuttack - 04**
**email Id: eemidcuttack@yahoo.co.in**

**Letter No. 3949** **Date: 08.09.2025**

**1st Corrigendum to Tender Call Notice No. 09/2025-26**

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground.**

**Sd./- Superintending Engineer**
**M.I. Division, Cuttack**

**OIPR-32121/11/0043/2526**



**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**

**Letter No.ACD-I-ADM-0013/2022/16305/UAT Dt.8th, September, 2025**

**UNDER GRADUATE SPOT COUNSELING & ADMISSION NOTICE-2025-26**

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**

i) Vacant seat position available for UG spot counseling and admission-2025.

ii) Guideline for UG spot counseling and admission -2025.

**OIPR-01533/11/0017/2526** **Sd./- REGISTRAR**



ଓଡ଼ିଶା ସରକାର
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ–akp.irrigationdivision@gmail.com

No.A-

**'e'- Procurement Notice No.09/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା

II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ

III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦

IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

**OIPR-32548/11/0010/2526**



**THE ODISHA STATE POLICE HOUSING & WELFARE CORPORATION LTD.**

**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

**INVITATION FOR BIDS (IFB)**

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**

**N.B.:** The quoted rate should be all inclusive but excluding G.S.T. as applicable under works contract.

**OIPR-12025/11/0047/2526**



**OFFICE OF THE PANCHAYAT SAMITI, NILGIRI, BALASORE**

**Email id: (ori-nilgiri@nic.in), Phone No.: 06782-233236**

**TENDER NOTICE**

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in.**

**Sd./- Block Development Officer, Nilgiri**

**OIPR-19177/11/0003/2526**

**ମହାପ୍ରସାଦ ପ୍ରସ୍ତୁତି ପାଇଁ କାଠ ଅଭାବ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଆବଶ୍ୟକ କାଠ ମିଳୁ ନ ଥିବାରୁ ମହାପ୍ରସାଦ ପ୍ରସ୍ତୁତିରେ ସମସ୍ୟା ହେଉଥିବା ନେଇ କିଛିଦିନ ତଳେ ଶ୍ରୀମନ୍ଦିର ସୁଆରମହାସୁଆର ନିଯୋଗ ପକ୍ଷରୁ ପରିଚାଳନା କମିଟି ସଭାପତି ଗଜପତି ମହାରାଜାଙ୍କୁ ଏକ ପତ୍ର ପ୍ରଦାନ କରାଯାଇଥିଲା। ଦୈନିକ ୧୦୦ରୁ ୧୨୦ କ୍ୱିଣ୍ଟାଲ୍ କାଠ ଆବଶ୍ୟକ ଥିବାବେଳେ ମାତ୍ର ୩୫ କ୍ୱିଣ୍ଟାଲ୍ କାଠ ଶ୍ରୀମନ୍ଦିରକୁ ଆସୁଛି। ବିଶେଷ ଦିନଗୁଡ଼ିକରେ ୧୦୦ରୁ ୧୫୦ କ୍ୱିଣ୍ଟାଲ୍ କାଠର ବ୍ୟବହାର ହୋଇଥାଏ। ତୁରନ୍ତ ପଦକ୍ଷେପ ନିଆ ନଗଲେ ହବିଷ୍ୟାଳି ବ୍ରତଧାରୀ ଓ ଭକ୍ତଙ୍କ ନିମନ୍ତେ ମହାପ୍ରସାଦ ରାନ୍ଧିବାରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ ବୋଲି ନିଯୋଗ କହିଛି।

# ତୁରନ୍ତ ଆବର୍ଜନା ହଟାଇବାକୁ ନିର୍ଦ୍ଦେଶ

## ସୈନିକ ସ୍କୁଲ ଟିଟିଏସ୍ ସ୍ଥିତି ସମୀକ୍ଷା କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡ ଟିଟିଏସ୍‌ରେ ଆବର୍ଜନାର ପାହାଡ଼ ଦେଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଧ୍ୟାନକାରୀ ଟିମ୍ ଅସନ୍ତୋଷ ବ୍ୟକ୍ତ କରିଛି। ସେହିପରି ବିଏମ୍‌ସିକୁ ନୋଟିସ୍ ଜାରି କରିବା ନେଇ ତାଗିଦ କରିବା ସହିତ ତୁରନ୍ତ ଅଳିଆ ହଟାଇବା ପାଇଁ ଏହି ଟିମ୍ ନିର୍ଦ୍ଦେଶ ଦେଇଛି। ବୋର୍ଡର ଅନୁଧ୍ୟାନକାରୀ ଟିମ୍ ସଦସ୍ୟମାନେ ମଙ୍ଗଳବାର ବିଏମ୍‌ସି ଅଧିକାରୀ, ସୈନିକ ସ୍କୁଲ ବଞ୍ଚାଅ ଏବଂ ଅଳିଆଗଦା ହଟାଅ ଅଭିଯାନର ପ୍ରତିନିଧିଙ୍କ ଉପସ୍ଥିତିରେ ଅଳିଆଗଦାର ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଏମ୍‌ସି ସେଠାରେ ଅଳିଆ ଗଦାଉ ନାହିଁ ବୋଲି ଯୁକ୍ତି ବାଢ଼ିଥିବାବେଳେ ଅନୁଧ୍ୟାନ ସମୟରେ ସତ୍ୟ ପଦାକୁ ଆସିଛି। ବିଏମ୍‌ସି ସେଠାରେ ୩ଟି ପ୍ରକ୍ରିୟାକରଣ ୟୁନିଟ୍‌ରେ ଦୈନିକ ମାତ୍ର ୧୫ ଟନ୍ ଅଳିଆ ପ୍ରୋସେସ୍ ପାଇଁ ଅଗଷ୍ଟ ୧୨ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ଆଣିଛି। ମାତ୍ର ଏହି ପ୍ଲାଣ୍ଟ ସବୁ ୨୦୨୨-୨୩ରୁ ଚାଲୁଥିବାବେଳେ ନିର୍ଦ୍ଧାରିତ ଆକଳନଠାରୁ ଅଧିକ ଆବର୍ଜନା ପ୍ରୋସେସ୍ କରୁଛି। ତେବେ ବୋର୍ଡ ପକ୍ଷରୁ ଭେରିଫିକେସନ୍ ସମୟରେ ଏସବୁ ପ୍ରକ୍ରିୟାକରଣ ବନ୍ଦ ରହିଥିଲା ବୋଲି ଅନୁଧ୍ୟାନ ସମୟରେ ବୋର୍ଡର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ କହିଥିଲେ। ସେହିପରି ୩ଟି ୟୁନିଟ୍‌ରେ ଶୁଖିଲା, ଫଳ ଓ ପନିପରିବା ଏବଂ ଏମ୍‌ସିସିରେ ପ୍ରୋସେସ୍ ଚାଲୁ ରହିଥିବାବେଳେ ସେଠାରୁ ବାହାରକୁ ପଚା ବିଷପାଣି ନିର୍ଗତ ହେଉଛି। ତାକୁ ଷ୍ଟୋରେଜ୍ କରି ଜାଗାକୁ ନ ଛାଡି ତୁରନ୍ତ ବିକଳ୍ପ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରୋସେସ୍ ପାଇଁ ଆସୁଥିବା ଅଳିଆକୁ ପକ୍ଷୀମାନେ ବୋହି ନେଇ ନିକଟରେ ପକାଉଛନ୍ତି। ତେଣୁ ତାକୁ ଦୃଢ଼ ଜାଲିରେ ଆବଦ୍ଧ କରି ରଖିବାର ବନ୍ଦୋବସ୍ତ ପାଇଁ ତାଗିଦ କରିଥିଲେ। ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଡ. ଉଷାରାଣୀ ପଟ୍ଟନାୟକ, ବିଏମ୍‌ସି ଡେପୁଟି କମିଶନର ଏନ୍.ଗଣେଶ ବାବୁ, ଅଭିଯାନର ଆବାହକ ଭିକ୍ଷାକାରୀ ତ୍ରିପାଠୀ ଏବଂ ଦିଲ୍ଲୀପ ଦାସଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଏମ୍‌ସି ବିନା କୌଣସି ସ୍ୱୀକୃତିରେ ଗାଡ଼କଣଠାରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ଅଳିଆ ଗଦାଇ ଅଧା ଭୁବନେଶ୍ୱରକୁ ହନ୍ତସନ୍ତ କରିବାରେ ଲାଗିଛି। ଏଠାରୁ ବାହାରୁଥିବା ଦୁର୍ଗନ୍ଧ ଲକ୍ଷ ଲକ୍ଷ ଲୋକଙ୍କୁ ବିଭିନ୍ନ ରୋଗ ଦ୍ୱାରା ମରଣ ମୁହଁକୁ ଠେଲିଚାଲିଛି। ଏହାର ପ୍ରତିବାଦ କରି ଅଭିଯାନ ପକ୍ଷରୁ ଦୀର୍ଘଦିନ ଧରି ବିରୋଧ କରାଯାଉଛି। ପ୍ରଦୂଷଣ ବୋର୍ଡ ନିକଟରେ ଅଭିଯାନ ପକ୍ଷରୁ ଅଭିଯୋଗ ପରେ ବିଏମ୍‌ସିକୁ ସେପ୍ଟେମ୍ବର ୩ସୁଦ୍ଧା ଅଭିଯୋଗର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାର ଖିଲାପ କରିବାରୁ ବୋର୍ଡ ପକ୍ଷରୁ ଟିଟିଏସ୍‌ର ସ୍ଥିତି ସମୀକ୍ଷା ଓ ଯାଞ୍ଚ କରାଯାଇଥିଲା।


ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଧ୍ୟାନକାରୀ ଟିମ୍ ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଟିଟିଏସ୍ ବୁଲି ଦେଖୁଛନ୍ତି।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ଭୁବନେଶ୍ୱର,୯।୯(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନାର ଗୁରୁ ଏକ ନାବାଳିକା ବଳାତ୍କାର ମାମଲାରେ ଭୁବନେଶ୍ୱର ଆଡହକ୍ ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ୧ (ପୋକ୍ସୋ) ପକ୍ଷରୁ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଲୋକନାଥ ମଲ୍ଲିକ ଦୋଷୀ ସାବ୍ୟସ୍ତ ହେବା ସହ ତାଙ୍କୁ ୫ ହଜାର ଜରିମାନା ଦେବାକୁ ଆଦେଶ ହୋଇଛି। ଏହା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜୁଲାଇ ୧୧ରେ ଲୋକନାଥ ବିବାହ କରିବା ବାହାନାରେ ପୀଡ଼ିତା ନାବାଳିକା(୧୭)ଙ୍କୁ ନୂଆପଡ଼ା ଗ୍ରାମରେ ଥିବା ତାଙ୍କ ଘରକୁ ଅପହରଣ କରିନେଇଯାଇଥିଲେ। ପରେ ଲୋକନାଥ ତାଙ୍କ ମା',ବାପାଙ୍କ ଦ୍ୱାରା ପ୍ରରୋଚିତ ହୋଇ ପୀଡ଼ିତାଙ୍କୁ ଯୌତୁକ ଦାବି କରି ନିର୍ଯାତନା ଦେଇଥିଲେ। ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହ ଲୋକନାଥ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଏଫ୍ଆଇଆର୍ ହେବାର ଦୁଇଦିନ ପୂର୍ବରୁ ଲୋକନାଥ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ପୀଡ଼ିତା ତାଙ୍କ ଘରୁ ଖସି ପଳାଇ ଆସି ସେପ୍ଟେମ୍ବର ୨୪ରେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୫୦୮/୨୦୨୪) ରୁଜୁ କରି ଲୋକନାଥଙ୍କୁ ଗିରଫ କରିଥିଲା। ମାମଲାର ବିଚାର ବେଳେ କୋର୍ଟ ୧୨ ଜଣ ସାକ୍ଷୀ ଓ ୭୧ଟି ଦସ୍ତାବିଜ ଆଧାରରେ ରାୟ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ଏହି ମାମଲା ପରିଚାଳନା କରୁଥିଲେ।

# ବ୍ରାଉନସୁଗାର ବେପାରୀଙ୍କୁ ଧରିଲା ଏସ୍‌ଟିଏଫ୍

## ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୯।୯(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ମନ୍ଦିର ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୧୦ଟା ବେଳେ ଚଢ଼ାଉକରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଭଗବତୀ ବସ୍ତିରେ ରହୁଥିବା ବିହାରର ଭଗବାନ ଝା ଓରଫ ଛୋଟୁ (୩୦)। ତାଙ୍କ ଠାରୁ ୧୧୧ ଗ୍ରାମ ବ୍ରାଉନସୁଗାର, ୪୫୦ ଟଙ୍କା ଓ ଏକ ମୋବାଇଲ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ମାମଲା (ନଂ.୧୯/୨୦୨୫)ରୁଜୁ କରାଯାଇ ତଦନ୍ତ ହେଉଛି। ଅଭିଯୁକ୍ତ ଛୋଟୁଙ୍କୁ ଭୁବନେଶ୍ୱରସ୍ଥିତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଛୋଟୁ ତାଙ୍କ ସହଯୋଗୀଙ୍କ ଜରିଆରେ ୨ ବର୍ଷ ହେବ ଧଳାଜହର କାରବାର କରିଆସୁଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍

## ୧୨ରେ ରିଲିଜ ହେବ

ଭୁବନେଶ୍ୱର,୯।୯(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ଏକ ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ ମଙ୍ଗଳବାର କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ସିନେମା ରିଲିଜ୍ ହେବ। କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ନ ଚଳଚ୍ଚିତ୍ର ମହୋତ୍ସବରେ ଏହା ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିଛି। ଏହି ଚଳଚ୍ଚିତ୍ରରେ ମାଟିର କଥା ଓ ବାସ୍ନା ରହିଛି। ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା ସହ ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହିତ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଜୀବନ୍ତ କାହାଣୀ। ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିଥିବାବେଳେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ୍ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ, ଜେଇନ୍ ଡୋଇୟର୍ ପ୍ରମୁଖ ଅଭିନୟ କରିଛନ୍ତି। ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଥିବାବେଳେ ସୁପରଷ୍ଟାର ବାବୁସାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଲୟ ରାୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ଏଥିସହ 'ଝିଅର ସ୍କୁ ଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଛି। ଝିଲିକ ମୋଶନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଅମର୍ତ୍ତ୍ୟ ନିର୍ବାହ କରିଛନ୍ତି।


'ଲହରୀ'ର ସ୍ୱତନ୍ତ୍ର ସ୍କ୍ରିନିଙ୍ଗ୍ କାର୍ଯ୍ୟକ୍ରମରେ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଏବଂ ଅନ୍ୟମାନେ।


### GOVERNMENT OF ODISHA
# HIGHER EDUCATION DEPARTMENT
**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)**

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.

**Students can apply for Scholarships under URL: www.scholarship.odisha.gov.in.**

The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.
(2) Aadhaar seeding with Bank account is mandatory to receive scholarship under all MMCPY schemes.
From 2025-26 onwards, disburesement will be done only through Aadhaar Payment Bridge System (APBS).
Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com**.

OIPR-11001/11/0106/2526 **Sd./- Joint Secretary to Government**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963
No. CAD-1705

**No. HHEP/Tech-W-152(Vol-1)/6094 Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

OIPR-04007/11/0069/2526 **Sd/- Unit Head, HHEP, Burla**

---

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**
**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

**Sd./- Deputy Director Nandankanan Zoological Park**
OIPR-08070/11/0106/2526

---

**"e" PROCUREMENT NOTICE**
# JAJPUR MUNICIPALITY, JAJPUR
**Tender Call Notice No. 3018 Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0034/2526**

---

**OFFICE OF THE SUPERINTENDING ENGINEER CUTTACK (R&B) DIVISION NO. II, CUTTACK**
No. B-505
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**

**GOVERNMENT OF ODISHA "e" Procurement Notice**
**e-Procurement Notice for Road Works**
**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**.
Any addendum/corrigendum/cancellation of tender can also be seen in the said website.

OIPR-34137/11/0022/2526 **Sd./- Superintending Engineer Cuttack (R&B) Division No. II**

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963
No. CAD-1709

**No. HHEP/Tech-W-56/21/6107 Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

OIPR-04007/11/0070/2526 **Sd/- Unit Head, HHEP, Burla**

---

# PANCHAYAT SAMITI, GUMMA
**DIST.: GAJAPATI (ODISHA), PIN - 761207**
**Adv. No. 05/2025-26 Dt.: 08.09.2025**

**TENDER CALL NOTICE**

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma. Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.

**Sd./- Block Development Officer Gumma, Gajapati**
OIPR-19347/11/0007/2526

---

# OFFICE OF THE SUPERINTENDING ENGINEER, M.I. DIVISION, CUTTACK
**Nayabazar, Cuttack - 04**
**email Id: eemidcuttack@yahoo.co.in**
**Letter No. 3949 Date: 08.09.2025**

**1st Corrigendum to Tender Call Notice No. 09/2025-26**

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground.**

**Sd./- Superintending Engineer M.I. Division, Cuttack**
OIPR-32121/11/0043/2526

---

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**
Letter No.ACD-I-ADM-0013/2022/16305/UAT Dt.8th, September, 2025

**UNDER GRADUATE SPOT COUNSELING & ADMISSION NOTICE-2025-26**

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**
i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.

OIPR-01533/11/0017/2526 **Sd./- REGISTRAR**

---

**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
No.A-
ଇମେଲ–akp.irrigationdivision@gmail.com

**'e'- Procurement Notice No.09/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0010/2526

---

**OFFICE OF THE PANCHAYAT SAMITI, NILGIRI, BALASORE**
**Email id: (ori-nilgiri@nic.in), Phone No.: 06782-233236**

**TENDER NOTICE**

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in**.

**Sd./- Block Development Officer, Nilgiri**
OIPR-19177/11/0003/2526

---

# THE ODISHA STATE POLICE HOUSING & WELFARE CORPORATION LTD.
**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

**INVITATION FOR BIDS (IFB)**

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**

**N.B.:** The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0047/2526

# ଗୋପ ବ୍ଲକ ଅଞ୍ଚଳରେ ନକଲି ନୋଟ୍

ଗୋପ,୯।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଞ୍ଚଳରେ ନକଲି ନୋଟ୍ କାରବାର ହେଉଥିବା ଅଭିଯୋଗ ହୋଇଛି। ଏହି ନୋଟ୍ ମଧ୍ୟରେ ରହିଛି ପାଞ୍ଚଶହ ଟଙ୍କାରୁ ଆରମ୍ଭକରି ଦଶଟଙ୍କିଆ ପର୍ଯ୍ୟନ୍ତ। ଏହି ନକଲି ନୋଟ୍ କାରବାରରେ ଗାଁ ଗାଁ ବୁଲି ଫେରି କରୁଥିବା ଲୋକମାନଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଗୋପ ବଜାରରେ ଥିବା ବାଦଲ ସାହୁଙ୍କ ପରିବା ଦୋକାନରୁ ଏପରି ତଥ୍ୟ ମିଳିଛି।

ପ୍ରକାଶ ଯେ, ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଅସଲି ନୋଟ୍ ଭଳି ଅବିକଳ ଦିଶୁଥିବା ନକଲି ନୋଟ୍ କାରବାର ହେଉଥିବା ଅଭିଯୋଗ ହୋଇଥିଲା। ଏପରିକି



ନକଲି ନୋଟ ଦେଖାଉଛନ୍ତି ଜଣେ ବ୍ୟବସାୟୀ।

**ଶରଣାର୍ଥୀ ଫେରିବାଲାଙ୍କ ଦ୍ୱାରା ନକଲି ଟଙ୍କା କାରବାର ଅଭିଯୋଗ**

ଦୋକାନଗୁଡ଼ିକରେ ଗହଳି ଥିବା ସମୟରେ ଓ ସନ୍ଧ୍ୟାବେଳେ ଏହି ନୋଟ୍ ଦିଆଯାଉଥିବା ଭଳି ଅଭିଯୋଗ ରହିଛି। ୩/୪ ଦିନ ତଳେ ବାଦଲ ସାହୁଙ୍କ ପରିବା ଦୋକାନକୁ ଜଣେ ଫେରିବାଲା ଏକ ଶହେଟଙ୍କିଆ ନୋଟ୍ ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ନକଲି ନୋଟ୍ ଦେଇଥିବା ବ୍ୟକ୍ତି ଜଣଙ୍କ ଧରାପଡ଼ିବା ଭୟରେ କେଉଁଆଡ଼େ ଖସିଯାଇଥିବା ଜଣାପଡ଼ିଛି।

ଗୋପ ବ୍ଲକ ଅଞ୍ଚଳରେ କୋଲ୍‌କାତା ନିକଟବର୍ତ୍ତୀ ଅଞ୍ଚଳରୁ ଆସି ବିଭିନ୍ନ ଗାଁରେ ରହି ଫେରି କରୁଥିବା ବେଳେ ଅନ୍ୟ କେତେଜଣ ଏହି ନକଲି ନୋଟ୍ କାରବାର କରୁଥିବା ଜଣାପଡ଼ିଛି। ଏବେ ଏହି ନକଲି ନୋଟ୍ କାରବାର ପଛରେ କାହାର ହାତ ଅଛି, କିଏ ଗହଳି ଓ ସନ୍ଧ୍ୟା ସମୟରେ ନକଲି ନୋଟ କାରବାର କରୁଛି, ସେମାନଙ୍କୁ ଧରିବା ପାଇଁ ଦାବି କରାଯାଇଛି। ଅପରପକ୍ଷେ ଏହି ଶରଣାର୍ଥୀମାନେ ବିଭିନ୍ନ ସମୟରେ ନାନା ଘଟଣାରେ ଜଡ଼ିତ ରହୁଥିବା ବେଳେ ଚୋରି, ଡକାୟତି ଘଟାଇଥିବା ପୂର୍ବରୁ ଅଭିଯୋଗ ରହିଛି। ଏପରି ଅଭିଯୋଗକୁ ନେଇ ଗୋପ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ୨ ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

କଣାସ,୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ କଣାସ ଥାନାରେ ନୂତନ ଭାବେ ଯୋଗଦେବା ପରେ ଅପହରଣ ହୋଇଥିବା ୨ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ୨୦୧୯ ମସିହାରେ କଣାସ ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ସେଠାକାର ଥାନାରେ ଅଭିଯୋଗ ହେବାପରେ ଥାନା କେସ୍ ନଂ.୯୦/୨୦୧୯ରେ ଏକ ମକଦ୍ଦମା କରାଯାଇ କେସ୍ ପଡ଼ି ରହିଥିଲା। ଥାନାଧିକାରୀ ନାୟକ କାର୍ଯ୍ୟରେ ଯୋଗଦେବା ପରେ ଘନ ଘନ ତଦନ୍ତ କରି ସୋମବାର ଅପହରଣ ହୋଇଥିବା ନାବାଳିକାଙ୍କୁ ଜଟଣୀରୁ ଉଦ୍ଧାର କରି ଅଭିଯୁକ୍ତ ଜଟଣୀ ଗୋପବନ୍ଧୁନଗରର ସଞ୍ଜୟ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି କଣାସ ଅଞ୍ଚଳରୁ ଅପହରଣ ହୋଇଥିବା ଅନ୍ୟ ଜଣେ ନାବାଳିକାଙ୍କ ପରିବାର ଲୋକେ କଣାସ ଥାନାରେ ଏତଲା ଦେବାପରେ ଥାନାଧିକାରୀ ନାୟକ ତଦନ୍ତ କରି ଭୁବନେଶ୍ୱରରୁ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଅପହରଣକାରୀ ଧରାପଡ଼ିନାହାନ୍ତି

# ମହାପ୍ରସାଦ ପ୍ରସ୍ତୁତି ପାଇଁ କାଠ ଅଭାବ

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରସାଦ ପ୍ରସ୍ତୁତି ପାଇଁ ଆବଶ୍ୟକ କାଠ ମିଳୁ ନ ଥିବାରୁ ମହାପ୍ରସାଦ ପ୍ରସ୍ତୁତିରେ ସମସ୍ୟା ହେଉଥିବା ନେଇ କିଛିଦିନ ତଳେ ଶ୍ରୀମନ୍ଦିର ସୁଆରମହାସୁଆର ନିଯୋଗ ପକ୍ଷରୁ ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଦୈନିକ ୧୦୦ରୁ ୧୨୦ କ୍ୱିଣ୍ଟାଲ୍ କାଠ ଆବଶ୍ୟକ ଥିବାବେଳେ ମାତ୍ର ୩୫ କ୍ୱିଣ୍ଟାଲ କାଠ ଶ୍ରୀମନ୍ଦିରକୁ ଆସୁଛି। ବିଶେଷ ଦିନଗୁଡ଼ିକରେ ୧୦୦ରୁ ୧୫୦ କ୍ୱିଣ୍ଟାଲ୍ କାଠର ବ୍ୟବହାର ହୋଇଥାଏ। ଆସନ୍ତା କାର୍ତ୍ତିକ ମାସରେ କାଠର ସମସ୍ୟା ସମାଧାନ କରା ନ ଯାଏ ତେବେ ହବିଷ୍ୟାଳି ବ୍ରତଧାରୀ ଓ ଭକ୍ତମାନଙ୍କ ନିମନ୍ତେ ମହାପ୍ରସାଦ ରାନ୍ଧିବାରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ ବୋଲି କହିଥିଲେ। ମହାପ୍ରସାଦ ରୋଷ ପାଇଁ କାଠ ସମସ୍ୟାର ସମାଧାନ କରା ନ ଗଲେ କାର୍ତ୍ତିକ ମାସରେ ଆବଶ୍ୟକୀୟ ମାତ୍ରାର ମହାପ୍ରସାଦ ପ୍ରସ୍ତୁତିରେ ସମସ୍ୟା ଉପୁଜିପାରେ ବୋଲି ନିଯୋଗ ଅଭିଯୋଗ ଆଣିଥିଲା। ଯାହାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ଏ ସମ୍ପର୍କରେ ମଙ୍ଗଳବାର କାଠ ସମସ୍ୟାର ସମାଧାନ ଉପରେ ସମୀକ୍ଷା କରାଯାଇଥିବା ସୂଚନା ମିଳିଛି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇ କହିଛନ୍ତି, ଶ୍ରୀମନ୍ଦିରକୁ କେତେ କାଠ ଦରକାର ସେ ନେଇ ପ୍ଲାନିଂ କରାଯାଉଛି। ଖୁବ୍‌ଶୀଘ୍ର ଅଭାବକୁ କିପରି ଦୂର କରାଯାଇପାରିବ ସେ ନେଇ ଆଲୋଚନା କରାଯାଉଛି। ଯେଉଁ ପରିମାଣରେ କାଠ ଆବଶ୍ୟକ ସେହି ପରିମାଣରେ କାଠ ଯୋଗାଇ ଦିଆଯାଇପାରୁନାହିଁ। ତେଣୁ କେପରି କାଠ ପର୍ଯ୍ୟାପ୍ତ ପରିମାଣରେ ମିଳିପାରିବ ସେ ନେଇ ବ୍ୟବସ୍ଥା କରାଯିବ।

# ଧାଡ଼ି ଦର୍ଶନ ପାଇଁ ଆଲୋଚନା ଜାରି

ପୁରୀ,୯।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଶୃଙ୍ଖଳିତ ତଥା ସୁବିଧାରେ ଦର୍ଶନ କରିପାରିବେ, ସେ ନେଇ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କରିବାକୁ ଯୋଜନା କରାଯାଉଛି। ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବା ସହ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇ ଚୁକ୍ତି ସ୍ଥାନାନ୍ତର ନେଇ ବୈଠକରେ ଅନୁମୋଦନ ହୋଇଥିଲା। ବାକିଥିବା ବିଭିନ୍ନ ପ୍ରକ୍ରିୟା ଶେଷହେବା ପରେ ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏନେଇ ମଙ୍ଗଳବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇ କହିଛନ୍ତି, ଧାଡ଼ି ଦର୍ଶନ ନେଇ ଆଲୋଚନା ଚାଲିଛି। ସମସ୍ତଙ୍କ ସମନ୍ୱୟରେ କାର୍ଯ୍ୟ କରାଯିବ। ଏଥିରେ ଅନେକ ଟେକ୍ନିକାଲ କାର୍ଯ୍ୟ ରହିଛି। ସମସ୍ତ ଦିଗକୁ ଦେଖି ପ୍ଲାନିଂ କରାଯାଉଛି ବୋଲି ଜିଲାପାଳ ପରିଡ଼ା ସୂଚନା ଦେଇଛନ୍ତି।

# ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ

କୋଣାର୍କ,୯।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ମା' ଜାଗେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ବଜ୍ରପାତଜନିତ ମୃତ୍ୟୁ ହ୍ରାସ ପାଇଁ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲ ପରିସରରେ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ଜାଗେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ସଭାପତି ସୁବାସ ଚନ୍ଦ୍ର ବେଉରାଙ୍କ ତତ୍ତ୍ୱାବଧାନରେ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, କାଉନ୍ସିଲର ନିହାର ରଞ୍ଜନ ବେଉରା, ପୂର୍ବତନ ଜଙ୍ଗଲ ସୁରକ୍ଷା କମିଟି ସଭାପତି ସୁଶାନ୍ତ ବେଉରା, ପୂର୍ବତନ କାଉନ୍ସିଲର ପଦ୍ମ ଚରଣ ବେଉରା, ବିମଳ କାଣ୍ଡି, ମାନସ ପାତ୍ର, ସୁକାନ୍ତ କାଣ୍ଡି, ଅଭିନା କାଣ୍ଡି, ଭ୍ରମର କାଣ୍ଡି, ଚନ୍ଦନ କାଣ୍ଡି, ଲିଙ୍ଗରାଜ ବେଉରା, ପାଚବାସ ବେଉରାଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଡାଳିମ୍ବଗୋରଡ଼ି ଓ ବାଣପଦା ଗ୍ରାମକୁ ନେଇ ଗଠିତ ମା' ଜାଗେଶ୍ୱର ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସନ୍ନିକଟ ସଂରକ୍ଷିତ ଜଙ୍ଗଲ ଠାରୁ ନୂଆ ଫାର୍ମ ପର୍ଯ୍ୟନ୍ତ ଦୀର୍ଘ ୨କି.ମି. ପରିବ୍ୟାପ୍ତ ଅଞ୍ଚଳରେ ୩୦୦୦ ତାଳ ମଞ୍ଜି ରୋପଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ବ୍ୟାପକ ତାଳମଞ୍ଜି ରୋପଣ ପାଇଁ ପଦକ୍ଷେପ ନିଆଯାଉଛି। କାର୍ଯ୍ୟକ୍ରମକୁ ଡାଳିମ୍ବଗୋରଡ଼ି ଓ ବାଣପଦା ଗ୍ରାମକୁ ନେଇ ଗଠିତ ମା' ଜାଗେଶ୍ୱର ଜଙ୍ଗଲ ସୁରକ୍ଷା କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ପରିଚାଳନା କରିଥିଲେ।


GOVERNMENT OF ODISHA

## HIGHER EDUCATION DEPARTMENT

**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)**

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.
**Students can apply for Scholarships under URL: www.scholarship.odisha.gov.in**.
The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

N.B.: (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.
(2) Aadhaar seeding with Bank account is mandatory to receive scholarship under all MMCPY schemes.
From 2025-26 onwards, disburesement will be done only through Aadhaar Payment Bridge System (APBS).
Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**
In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiped@gmail.com**.

OIPR-11001/11/0106/2526 — Sd./- Joint Secretary to Government



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1705

**No. HHEP/Tech-W-152(Vol-1)/6094** — **Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

Sd/- Unit Head, HHEP, Burla
OIPR-04007/11/0069/2526



**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**
**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

Sd./- Deputy Director
Nandankanan Zoological Park
OIPR-08070/11/0106/2526



**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**Tender Call Notice No. 3018** — **Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

Sd./- Executive Officer, Jajpur Municipality
OIPR-13171/11/0034/2526



**OFFICE OF THE SUPERINTENDING ENGINEER**
**No. B-505 CUTTACK (R&B) DIVISION NO. II, CUTTACK**
E-Mail ID: eepwdcuttack2@gmail.com, Tel./Fax No.: (0671) 2973399
**GOVERNMENT OF ODISHA "e" Procurement Notice**
**e-Procurement Notice for Road Works**
**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**.
Any addendum/corrigendum/cancellation of tender can also be seen in the said website.

Sd./- Superintending Engineer
Cuttack (R&B) Division No. II
OIPR-34137/11/0022/2526



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1709

**No. HHEP/Tech-W-56/21/6107** — **Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

Sd/- Unit Head, HHEP, Burla
OIPR-04007/11/0070/2526



**PANCHAYAT SAMITI, GUMMA**
**DIST.: GAJAPATI (ODISHA), PIN - 761207**
**Adv. No. 05/2025-26** — **Dt.: 08.09.2025**

**TENDER CALL NOTICE**

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma. Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.

Sd./- Block Development Officer
Gumma, Gajapati
OIPR-19347/11/0007/2526



**OFFICE OF THE SUPERINTENDING ENGINEER, M.I. DIVISION, CUTTACK**
**Nayabazar, Cuttack - 04**
**email Id: eemidcuttack@yahoo.co.in**
**Letter No. 3949** — **Date: 08.09.2025**

**1st Corrigendum to Tender Call Notice No. 09/2025-26**

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground**.

Sd./- Superintending Engineer
M.I. Division, Cuttack
OIPR-32121/11/0043/2526



**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**
Letter No.ACD-I-ADM-0013/2022/16305/UAT Dt.8th, September, 2025

**UNDER GRADUATE SPOT COUNSELING & ADMISSION NOTICE-2025-26**

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**
i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.

OIPR-01533/11/0017/2526 — Sd./- REGISTRAR



ଓଡ଼ିଶା ସରକାର — No.A-
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ–akp.irrigationdivision@gmail.com

**'e'- Procurement Notice No.09/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଣ୍ଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଣ୍ଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଣ୍ଟିକା ସମୟରେ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0010/2526



**THE ODISHA STATE POLICE HOUSING & WELFARE CORPORATION LTD.**
**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

**INVITATION FOR BIDS (IFB)**

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**

**N.B.:** The quoted rate should be all inclusive but excluding G.S.T. as applicable under works contract.

OIPR-12025/11/0047/2526



**OFFICE OF THE PANCHAYAT SAMITI, NILGIRI, BALASORE**
Email id: (ori-nilgiri@nic.in), Phone No.: 06782-233236

**TENDER NOTICE**

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in** & **https://balasore.odisha.gov.in**.

Sd./- Block Development Officer, Nilgiri
OIPR-19177/11/0003/2526

**ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ଭିତରକାଠ ନିକଟରେ ଛେପ ଖଙ୍କାର ପଡ଼ିଥିବା ହେତୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳ ୬ଟାରେ ଦ୍ୱାର ଫିଟାଯାଇ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଭିତରକାଠ ନିକଟରେ ଛେପ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି କରାଯାଇଥିଲା। ଏହା ପରେ ଦର୍ଶନ ଆରମ୍ଭ ହୋଇଥିଲା।



# ମାଧବୀ, ଅଲେଖଙ୍କୁ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ




ମାଧବୀ ମୁଦ୍‌ଗଲ ଏବଂ ଅଲେଖ ଚନ୍ଦ୍ର ସାମଲଙ୍କୁ ଯଥାକ୍ରମେ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଗୁରୁ କେଳୁଚରଣ ମହାପାତ୍ର ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର।

ଭୁବନେଶ୍ୱର,୯।୯ (ସୌମ୍ୟରଞ୍ଜନ ରାଉତ)

ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ଗତ ୫ଦିନ ଧରି ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ ଓ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଅଲେଖ ଚନ୍ଦ୍ର ସାମଲଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ପ୍ରଦାନ ସହିତ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୨ଜଣ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ଲାଗି 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ପୁରସ୍କାର' ପ୍ରଦାନ ସହିତ ୨୫ ହଜାର ଟଙ୍କା ଏବଂ ମାନପତ୍ର ଦିଆଯାଇଥିଲା। ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ, ନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା କଳା ପ୍ରତି ନିରନ୍ତର ସମର୍ପଣ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ ସହିତ ୫୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରିଥିଲେ। ପରେ ସୃଜନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟାଭିନୟରେ 'ଦୁର୍ଯ୍ୟୋଧନ'

## ଓଡ଼ିଶୀ ନୃତ୍ୟରେ ପ୍ରଦର୍ଶିତ ହେଲା 'ଦୁର୍ଯ୍ୟୋଧନ'

ପରିବେଷଣ ହୋଇଥିଲା। ଏହି ମର୍ମସ୍ପର୍ଶୀ ଉପସ୍ଥାପନାରେ ଦୁର୍ଯ୍ୟୋଧନଙ୍କୁ ଖଳନାୟକ ଭାବେ ନୁହେଁ ବରଂ ଏକ ଦୁଃଖଦ ନାୟକ ଭାବେ ଚିତ୍ରଣ କରାଯାଇଥିଲା, ଯାହାଙ୍କ ମହାନ ଗୁଣ – ଦାନଶୀଳତା, ସାହସ ଏବଂ ଭକ୍ତି ଶେଷରେ ଏକ ପ୍ରଚଣ୍ଡ ଅହଂକାର ଦ୍ୱାରା ଆଚ୍ଛାଦିତ ହୋଇଥିଲା, ଯାହା ତାଙ୍କ ବିନାଶର କାରଣ ଥିଲା। ଏହିପରି ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଦୁର୍ଯ୍ୟୋଧନ ଚରିତ୍ରର ଜୀବନ ଓ ମୃତ୍ୟୁକୁ ପ୍ରଦର୍ଶିତ କରାଯାଇଥିଲା। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଲିପି ସହ ଡ. ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ପରିକଳ୍ପିତ, ରୂପକ କୁମାରଙ୍କ ସଙ୍ଗୀତ ସଂଯୋଜନା, ସ୍ୱର୍ଗତ ତାରାକାନ୍ତ ପଣ୍ଡାଙ୍କ ବାଦ୍ୟ ବ୍ୟବସ୍ଥା, ଆଦିତ୍ୟ ମହାପାତ୍ରଙ୍କ ଦ୍ୱାରା ବର୍ଣ୍ଣିତ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହା ପ୍ରସ୍ତୁତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମିଡିଆ ପାର୍ଟନର୍ ରହିଥିଲା।



ଓଡ଼ିଶୀ ନୃତ୍ୟରେ ଦୁର୍ଯ୍ୟୋଧନ ଚରିତ୍ରର ଜୀବନ ଓ ମୃତ୍ୟୁକୁ ପ୍ରଦର୍ଶିତ କରାଯାଇଛି।




ଶତାବ୍ଦୀ ମଲ୍ଲିକ ଓ ମୁରଲୀଧର ସ୍ୱାଇଁଙ୍କୁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି।




ଅର୍ଣ୍ଣବ ବନ୍ଦୋପାଧ୍ୟାୟ ଓ ରଘୁନାଥ ଦାସଙ୍କୁ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ପ୍ରଦାନ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିନାଶ



@ ଛବି



@ ସଞ୍ଜିତ୍



@ ଆହାନରାଜ୍



@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠୁ ବଢ଼ିବ ବର୍ଷା: ୮ ଜିଲ୍ଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥିସହ ସମୁଦ୍ର ପତ୍ତନଠାରୁ ୧.୫ କି.ମି ଉଚ୍ଚତାରେ ପଶ୍ଚିମାଞ୍ଚଳରେ ଥିବା ଏକ ଟ୍ରଫ୍‌ଲାଇନ ଅକ୍ଷାଂଶର ଉତ୍ତରରେ ଗତି କରୁଥିବାବେଳେ ମୌସୁମୀଜନିତ ନିମ୍ନଚାପରେଖା ଦକ୍ଷିଣ-ପୂର୍ବ ପାକିସ୍ତାନରୁ ବାହାରି ଦୀଘା ଦେଇ ଉତ୍ତର-ପୂର୍ବ ବଙ୍ଗୋପସାଗର ପର୍ଯ୍ୟନ୍ତ ଲମ୍ବିଛି। ଏହି ପାଣିପାଗ ନିୟାମକ ପ୍ରଭାବରେ ରାଜ୍ୟରେ ବୁଧବାରଠାରୁ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି ହୋଇଛି। ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୪୦କି.ମି ବେଗରେ ପବନ ବୋହିବା ନେଇ ୟେଲୋ ୱାର୍ନିଂ ରହିଛି। ବାକି ସମସ୍ତ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ଗୁରୁବାର ବର୍ଷାର ପରିମାଣ ଓ ବିସ୍ତୃତି ବୃଦ୍ଧି ପାଇବ। ମାଲକାନଗିରି ଓ କୋରାପୁଟ ଜିଲ୍ଲାର ସ୍ଥାନେ ସ୍ଥାନେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହାସହ ନବରଙ୍ଗପୁର, ରାୟଗଡ଼ା, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟତମାମ ବର୍ଷା ନେଇ ସତର୍କତା ଜାରି ହୋଇଛି। ତେବେ ଶନିବାରଠାରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ସେହିପରି ଟ୍ରଫଲାଇନ ଓ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଗତ ୨୪ଘଣ୍ଟାରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ରେକର୍ଡ ହୋଇଛି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ସର୍ବାଧିକ ୨୨.୫ ସେ.ମି ବର୍ଷା ରେକର୍ଡ କରାଯାଇଛି। ରାୟଗଡା ଜିଲ୍ଲା କୋଟ୍ରାଗୁଡ଼ା ଅଞ୍ଚଳରେ ୫.୮ ସେମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

# ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନୋଟିସ

**ମାମଲା ଶୁଣାଣିରେ ସୂଚନା କମିଶନଙ୍କ ଅବହେଳା ଅଭିଯୋଗ ମାମଲା**

କଟକ,୯।୯(କାର୍ତ୍ତିକ ସାହୁ)

ମାମଲା ଶୁଣାଣିରେ ରାଜ୍ୟ ସୂଚନା କମିଶନ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ନେଇ ରୁଜୁ ଏକାଧିକ ମାମଲାର ଶୁଣାଣି ହାଇକୋର୍ଟରେ ମଙ୍ଗଳବାର ହୋଇଛି। ହାଇକୋର୍ଟ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ସୂଚନା କମିଶନଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ସୂଚନାନୁସାରେ, ଆବେଦନକାରୀ ପ୍ରଦୀପ ପ୍ରଧାନଙ୍କ ଦ୍ୱାରା ରୁଜୁ ମାମଲାରେ ସୂଚନା କମିଶନ ଏବଂ ଭୁବନେଶ୍ୱର ତହସିଲଦାରଙ୍କୁ ଜବାବ ଦାଖଲ ନୋଟିସ ହୋଇଛି। ସେହିପରି ଆବେଦନକାରୀ ପୂର୍ଣ୍ଣ ନାୟକଙ୍କ ମାମଲାରେ ସୂଚନା କମିଶନଙ୍କୁ ଏବଂ ଆବେଦନକାରୀ ବବିନା ଜେନାଙ୍କ ମାମଲାରେ ସୂଚନା କମିଶନ ଓ ପୁରୀ ଏଆର୍‌ସିଏସ୍‌ଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀ ଅଖଣ୍ଡ ମାମଲାଗୁଡ଼ିକ ପରିଚାଳନା କରୁଛନ୍ତି।

# ୫ ଅଭିଯୁକ୍ତ ଗିରଫ, କାର୍ ଜବତ

**ଗୋଚାଲାଣ ଅଭିଯୋଗରେ ଦୁଗ୍ଧଚାଷୀଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଭୁବନେଶ୍ୱର,୯।୯(ସତ୍ୟଜିତ୍ ରାଉତ)

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମିଳିଥିବା ସହାୟତା ରାଶିରେ ଦୁଗ୍ଧଚାଷୀମାନେ ଆନ୍ଧ୍ର ପ୍ରଦେଶରୁ ଗାଈ ସହ ବାଛୁରୀ ଆଣି ଆସୁଥିବାବେଳେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଓଲ୍ଡ ଷ୍ଟେଶନ ବଜାରର ରଜତ କୁମାର ଲଧାନିଆ(୩୦), ଲକ୍ଷ୍ମୀସାଗର ମଣ୍ଡପ ସାହିର ସ୍ୱାଧୀନ ପ୍ରଧାନ (୨୨), ରାଜେନ୍ଦ୍ର ଜେନା (୨୬), ଶଶାଙ୍କ ଶେଖର ଜେନା (୨୧) ଓ ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗର ଦିନେଶ କୁମାର ଦାସ (୨୧)। ସେମାନଙ୍କ ଠାରୁ କାର୍ ଓ ଆକ୍ରମଣରେ କାଠଫାଳିଆ ଜବତ ହୋଇଛି। କୋର୍ଟ ଚାଲାଣ ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ସିଠାଲୋ ଗ୍ରାମର ଚାଷୀ ସୋମନାଥ ବେହେରା ତାଙ୍କ ସହଯୋଗୀଙ୍କ ସହ କାମଧେନୁ ଯୋଜନାରେ ବୈଧ କାଗଜପତ୍ର ସହିତ ଦୁଇଟି ବୋଲେରୋରେ ଆନ୍ଧ୍ରପ୍ରଦେଶରୁ ଗାଈ ଏବଂ ବାଛୁରୀ ଆଣୁଥିଲେ। ଶନିବାର ସକାଳେ ସତ୍ୟବିହାର ଛକ ନିକଟରେ ଅଭିଯୁକ୍ତମାନେ କାର୍‌ରେ ଆସି ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ନିଜକୁ ବଜରଙ୍ଗ ଦଳର ସଦସ୍ୟ ବୋଲି ଦାବି କରି ଅଭିଯୁକ୍ତମାନେ ଡ୍ରାଇଭର ଏବଂ ଚାଷୀଙ୍କୁ ଟାଣି କାଠଫାଳିଆରେ ଆକ୍ରମଣ କରିଥିଲେ। ଏଥିପାଇଁ ପଶୁମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଫଳରେ ଗୋଟିଏ ମାଈ ବାଛୁରୀ ଦଳିଚକଟି ହୋଇ ମୃତ୍ୟୁବରଣ କରିଥିଲା। ଅଭିଯୁକ୍ତମାନେ ଚାଷୀଙ୍କୁ ବାନ୍ଧି ରାସ୍ତାରେ ଆଣ୍ଠୁମାଡ଼ି ବସିବାକୁ ବାଧ କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆହତମାନଙ୍କୁ ପିସିଆର୍-୬ ଦ୍ୱାରା ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଏତଲାକ୍ରମେ ମଞ୍ଚେଶ୍ୱର ଥାନାରେ ହତ୍ୟା ଉଦ୍ୟମ ଜନିତ ମାମଲା (ନଂ.୫୪୨/୨୦୨୫) ରୁଜୁହୋଇଥିଲା।

# ମହିଳା, କନ୍ୟାଙ୍କ ସୁରକ୍ଷା ଆମ ପ୍ରାଥମିକ କର୍ତ୍ତବ୍ୟ: ଡିଜିପି

- ଅପରାଧ ରୋକିବାକୁ ଆହ୍ୱାନ
- ୧୩ ଜିଲ୍ଲାର ଏସ୍‌ପିଙ୍କୁ ମାନପତ୍ର ପ୍ରଦାନ

ଭୁବନେଶ୍ୱର,୯।୯(ସତ୍ୟଜିତ୍ ରାଉତ)

ରାଜ୍ୟରେ ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଆଗାମୀ ଦିନରେ ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ। ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ମହିଳାମାନେ ହେଲେ ସମାଜର ଭିତ୍ତିଭୂମି। ସମାଜକୁ ଠିକ୍ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। ବିଭିନ୍ନ ସମୟରେ ମହିଳାମାନେ ବଳାତ୍କାର, ଯୌନ ଅତ୍ୟାଚାର, ଘରୋଇ ହିଂସା, ସାଇବର ଅପରାଧ ଆଦିର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ସବୁ ସ୍ତରରେ ଯତ୍ନବାନ ହେବାକୁ ପଡ଼ିବ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ କହିଛନ୍ତି।



ଡିଜିପି ୱାଇ. ବି. ଖୁରାନିଆ ଜଣେ ପୋଲିସ ଅଧିକାରିଣୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ମଙ୍ଗଳବାର ଆୟୋଜିତ ମହିଳା ଓ ଶିଶୁ ସୁରକ୍ଷା ସଂକ୍ରାନ୍ତ ଦିନିକିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଡିଜିପି ଉଦ୍‌ଘାଟନ କରି କହିଲେ ଯେ, ମହିଳାମାନଙ୍କ ଉପରେ ହେଉଥିବା ଅପରାଧ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟର ୫୩୭ଟି ଥାନାରେ ଖୋଲାଯାଇଥିବା ମହିଳା ଓ ଶିଶୁ ଡେସ୍କର ଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଳିମିଶି ସୁରକ୍ଷିତ ଓଡ଼ିଶା ଗଢ଼ିବା ଲାଗି ଆଗେଇ ଆସିବାକୁ ସବୁ ପୋଲିସ ଅଧିକାରୀଙ୍କୁ ଡିଜିପି ଖୁରାନିଆ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ସଂଘଟିତ ହୋଇଥିବା ଗଣବଳାତ୍କାର ଭଳି ସଙ୍ଗିନ ଘଟଣା ସମାଜରେ ମହିଳାମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏସବୁ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀଙ୍କୁ ଦଣ୍ଡ ଦେବାରେ ଅଗ୍ରଣୀ ଭୂମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏଭଳି ମାମଲାର ଦଣ୍ଡାଦେଶ ହାର ୯.୧% ମାତ୍ର, ଯାହା ଯଥେଷ୍ଟ ନୁହେଁ। ତଦନ୍ତରେ ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପୀଡ଼ିତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ ବୃଦ୍ଧି କରିହେବ ବୋଲି ସେ କହିଥିଲେ। ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ ରୋକିବା ତଥା ନିଖୋଜଙ୍କୁ ଠାବ କରି ଫେରାଇ ଆଣିବାକୁ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ପକ୍ଷରୁ ୩୭ଟି ଆଣ୍ଟି ହ୍ୟୁମାନ ଟ୍ରାଫିକିଂ ୟୁନିଟ ସ୍ଥାପନ କରାଯାଇଛି। ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଥାନାରେ ମହିଳା ଅଧିକାରୀଙ୍କୁ ଥାନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ମହିଳା ଏବଂ ଶିଶୁମାନଙ୍କ ସମ୍ବେଦନଶୀଳ ଫଟୋ ଓ ଭିଡିଓ ଭାଇରାଲ ରୋକିବାକୁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନାବାଳିକାଙ୍କୁ ବଳାତ୍କାର ଭଳି ସଙ୍ଗିନ ମାମଲାଗୁଡ଼ିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲ୍ଲାର ଏସ୍‌ପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମନ ଦାସ ଭଞ୍ଜମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ସୁଜାତା ମିଶ୍ର, ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ପ୍ରାରମ୍ଭରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୯।୯ (ବାଞ୍ଛାନିଧି ଦେ)


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।


ସୌମ୍ୟାଶ୍ରୀ ବିଶି

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍ଓଡ଼ି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୩୪୯ ପୃଷ୍ଠା ସମ୍ବଳିତ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଏଥିରେ ୧୨୦ଜଣ ସାକ୍ଷୀ ରହିଛନ୍ତି। ୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି।

ବିଭାଗୀୟ ଏଚ୍ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଏଚ୍ଓଡିଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ଅଗଷ୍ଟ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା। ଜିଲା ଓ ଦୌରାଜଜ୍ ସମୀରଙ୍କ ଜାମିନକୁ ଖାରଜ କରିଥିଲେ। କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଡିଏସ୍‌ପି ତଦନ୍ତକାରୀ ଅଧିକାରୀ ଇମାନ କଲ୍ୟାଣ ନାୟକ ଅଭିଯୁକ୍ତ ସମୀରଙ୍କୁ ପଚରାଉଚରା ପାଇଁ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଜିଲା ଓ ଦୌରାଜଜ୍ ମଞ୍ଜୁର କରିଥିଲେ। ସମୀରଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବା ପରେ ଏଚ୍ଓଡି ସମୀର ସାହୁ ପୁଣି ଜେଲକୁ ଫେରିଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ଏଚ୍ଓଡି ସମୀର ସାହୁଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି। ଏହାର ଶୁଣାଣି ହୋଇନାହିଁ। ସେହିପରି ଗତ ଅଗଷ୍ଟ ୧୯ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିଲା। ଅପରପକ୍ଷରେ ଅଗଷ୍ଟ ୧୧ ତାରିଖରୁ ୩ଦିନିଆ ରିମାଣ୍ଡରେ ଦୁଇ ଛାତ୍ରଙ୍କୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଜିଲା କାରାଗାରରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ମାରାଥନ୍ ଜେରା କରିଥିଲା।

## ମାଟିରେ ମିଶିଲା ଗଞ୍ଜେଇ ବେପାରୀଙ୍କ ଘର

### ସରକାରୀ ଜାଗାକୁ ଜବରଦଖଲକରି ନିଶା କାରବାର କରୁଥିଲେ

ଭୁବନେଶ୍ୱର, ୯।୯ (ସତ୍ୟଜିତ୍ ରାଉତ)


ଜେସିବି ସାହାଯ୍ୟରେ ଘର ଭଙ୍ଗାଯାଉଛି।

ରାଜଧାନୀରେ ଦୀର୍ଘଦିନ ହେବ ଗଞ୍ଜେଇ ବେପାର କରି କମିଶନରେଟ୍ ପୋଲିସ ଓ ସାଧାରଣ ଲୋକଙ୍କ ମୁଣ୍ଡବିନ୍ଧାର କାରଣ ସାଜିଥିବା ଜଣେ ମହିଳା ବ୍ୟବସାୟୀଙ୍କ ଘର ମଙ୍ଗଳବାର ମାଟିରେ ମିଶିଛି। ନୟାପଲ୍ଲୀ ଆଇଡି ମାର୍କେଟରେ ଥିବା ସମ୍ପୃକ୍ତ ମହିଳାଙ୍କ ଘରକୁ ପୋଲିସ ଜେସିବି ଲଗାଇ ଭାଙ୍ଗି ଦେଇଛି। ମହିଳା ଜଣକ ହେଲେ ସାବିତ୍ରୀ ବେହେରା (୪୫)। ତାଙ୍କ ଘର ଅନୁଗୋଳ ଜିଲାରେ ହୋଇଥିବାବେଳେ ସେ ଏଠାରେ ଦୀର୍ଘଦିନ ହେବ ଏକା ରହୁଥିଲେ। ସରକାରୀ ଜାଗାକୁ ଜବରଦଖଲ କରି ଏକ କ୍ୟାବିନ୍ କରିବା ସହ ଘର କରି ରହୁଥିଲେ। ତେବେ ଗଞ୍ଜେଇ ବିକ୍ରି ଅଭିଯୋଗରେ ପୂର୍ବରୁ ଏକାଧିକ ଥର ଗିରଫ ହେଉଥିଲେ ମଧ୍ୟ ବେପାର ଜାରି ରଖିଥିଲେ। କ୍ୟାବିନ୍‌ରେ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ସହ ବିଶେଷ କରି ଗଞ୍ଜେଇ ବିକ୍ରିକୁ ଅଧିକ ଗୁରୁତ୍ୱ ଦେଉଥିଲେ ବୋଲି ପୋଲିସ କହିଛି।

## ମୃତ ଯୁବକଙ୍କ ମିଳୁନି ପରିଚୟ, ପୋଷ୍ଟର ଛାଡ଼ିଲା ପୋଲିସ

ଭୁବନେଶ୍ୱର, ୯।୯ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନା ନିକଟ ଖେଳପଡ଼ିଆ ପାଚେରି ପାର୍ଶ୍ୱରୁ ମୃତଦେହ ମିଳିବା ଘଟଣାରେ ପୋଲିସ ତଦନ୍ତ ଚଳାଇଛି। ଯୁବକଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବାବେଳେ ତାଙ୍କୁ କିଏ ଏବଂ କାହିଁକି ହତ୍ୟାକଲେ ସେନେଇ ରହସ୍ୟ ଲାଗି ରହିଛି। ମୃତଦେହ ଜବତକୁ ୩ ଦିନ ବିତିଥିବାବେଳେ ତାଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ପାଇଁ ସମସ୍ୟା ହୋଇଛି। ତେଣୁ ମୃତ ଯୁବକଙ୍କ ପରିଚୟ ପାଇବାକୁ ଜନସାଧାରଣଙ୍କ ସାହାଯ୍ୟ ଲୋଡ଼ିଛି ପୋଲିସ। ମୃତଦେହଠାରୁ ମିଳିଥିବା ସମସ୍ତ ପ୍ରମାଣ ସମ୍ବଳିତ ପୋଷ୍ଟରକୁ ମଙ୍ଗଳବାର କମିଶନରେଟ୍ ପୋଲିସ ତାହାର ସମସ୍ତ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଛାଡ଼ିଛି। ପୋଷ୍ଟରରେ ଡିସିପିଙ୍କ ସିୟୁଜି ନମ୍ବର (୮୨୮୦୩୩୮୩୦୨) ଦିଆଯାଇଛି। ଯଦି କାହା ପାଖରେ ମୃତ ବ୍ୟକ୍ତିଙ୍କ ପରିଚୟ ସମ୍ବନ୍ଧୀୟ କୌଣସି ସୂଚନା ଥାଏ କିମ୍ବା କାହା ପରିବାରରୁ କେହି କିମ୍ବା ସମ୍ପର୍କୀୟ ଯଦି ନିଖୋଜ ହୋଇଥିବେ ଉକ୍ତ ନମ୍ବରକୁ ହ୍ୱାଟ୍‌ସଆପ୍ ଜରିଆରେ ସୂଚନା ଦେବାକୁ କୁହାଯାଇଛି। ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ମୃତକଙ୍କ ଉଚ୍ଚତା ପ୍ରାୟ ୧୫୪ ସେ.ମି ଓ ବୟସ ପ୍ରାୟ ୨୫ରୁ ୩୦ବର୍ଷ ହେବ। ମୃତଦେହ ମିଳିବାର ୪ରୁ ୫ଦିନ ପୂର୍ବରୁ ମୃତ୍ୟୁ ହୋଇଛି। ମୃତଦେହରୁ ନୀଳ ରଙ୍ଗର ଫର୍ମାଲ ପ୍ୟାଣ୍ଟ, ଧୂସର ରଙ୍ଗର ବେଲ୍ଟ, କଳା ରଙ୍ଗର 'ଉଡ୍‌ସ୍' ଫର୍ମାଲ ଜୋତା, କମଳା ରଙ୍ଗର ହାତ ରୁମାଲ ଓ ଟ୍ରାକ୍ଟନ୍ କମ୍ପାନୀର ହାତଘଣ୍ଟା ରହିଛି। ତେବେ ଏହି ପୋଷ୍ଟରକୁ ପ୍ରିଣ୍ଟ କରାଯାଇ ଜନଗହଳିପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବୁଧବାର ଲଗାଯିବ ବୋଲି ଡିସିପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପଡ଼ିଆ ନିକଟରେ ଥିବା ଅସ୍ଥାୟୀ କ୍ୟାବିନ ଶୌଚାଳୟ ପାଖକୁ ଲାଗି ପାଚେରି କଡରେ ମୃତଦେହଟି ପଡ଼ି ରହିଥିଲା। ଅତ୍ୟଧିକ ଗନ୍ଧ ହେବାରୁ ରବିବାର ଅପରାହ୍ନ ୫ଟା ୩୦ରେ ସିକ୍ୟୁରିଟି ସୁପରଭାଇଜର ପଡ଼ିଆ ଚତୁଃପାର୍ଶ୍ୱରେ ବୁଲାବୁଲି କରିବା ପରେ ମୃତଦେହଟି ନଜରକୁ ଆସିବାପରେ ସେ ପୋଲିସକୁ ଖବର ଦେଇଥିଲେ। ମୃତଦେହ ମୁହଁରେ କଣ୍ଟାଲତା ଆଦି ଘୋଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କାର୍‌ରେ ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି, ୯।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୫ ତାରିଖରେ ଗଣେଶ ଭସାଣି ଦେଖିବାକୁ ଆସିଥିବା ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଉକ୍ତ ମାମଲାରେ ପୋଲିସ ଦାରିଙ୍ଗବାଡ଼ିରୁ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୁର୍ଜୁବାଡ଼ି ଅଞ୍ଚଳର ପ୍ରଶାନ୍ତ ପ୍ରଧାନ (୨୭)। ଏନେଇ ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ନାବାଳିକା ଭସାଣି ଦେଖି ଭଉଣୀଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରଶାନ୍ତ ତାଙ୍କୁ କାର୍ (ନଂ. ଓଡି-୦୭ ଏକ୍ସ ୦୫୯୩)ରେ ବସିବାକୁ କହିଥିଲେ। ନାବାଳିକା ଜଣକ ପୂର୍ବରୁ ପ୍ରଶାନ୍ତଙ୍କୁ ଜାଣିଥିବାରୁ ତାଙ୍କ କାର୍‌ରେ ବସିଥିଲେ। ପରେ ପ୍ରଶାନ୍ତ ନାବାଳିକାଙ୍କୁ ସହର ବାହାରକୁ ନେଇ ତାଙ୍କୁ କାର୍ ଭିତରେ ବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ କାହାରିକୁ କହିଲେ ହତ୍ୟା କରିବାକୁ ପ୍ରଶାନ୍ତ ଧମକ ଦେଇଥିଲେ। ମାତ୍ର ପରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୮୨/୨୫)ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ପ୍ରଶାନ୍ତ ଫେରାର ଥିଲେ। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଥିଲା।

## ଲାଞ୍ଚ ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଗିରଫ

ବଉଣ୍ଡା, ୯।୯ (ପରିକ୍ଷିତ ସାହୁ)

ଏକ ଏନ୍‌ଜିଓକୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ। କିଶୋରନଗର ବ୍ଲକ ରଣିଆକଟା, ଧଉରାପାଲି ପଞ୍ଚାୟତ ପାଇଁ ନିଯୁକ୍ତ ବିଶ୍ୱନାଥ ବ୍ଲକ କୃଷି କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଥିଲା।

ସୂଚନା ଅନୁଯାୟୀ, ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ରଞ୍ଜନ କୁମାର ପ୍ରଧାନ କିଶୋରନଗର ବ୍ଲକର ଏକ ଏନ୍‌ଜିଓରେ ସଂଯୋଜକ ଭାବେ କାମ କରୁଛନ୍ତି। ଉକ୍ତ ଏନ୍‌ଜିଓର ବିରି, ମୁଗ, ରାଶି ଏବଂ ଔଷଧ ବିତରଣ ପାଇଁ ୟୁସି ଆବଶ୍ୟକତା ଥିଲା। ଏହି ସାର୍ଟିଫିକେଟ ଦେବା ପାଇଁ ବିଶ୍ୱନାଥଙ୍କ ପାଖରେ ରଞ୍ଜନ ଆବେଦନ କରିଥିଲେ। ହେଲେ ବିଶ୍ୱନାଥ ଏଥିରେ ବିଳମ୍ବ କରିଥିଲେ। ଏ ନେଇ ରଞ୍ଜନ ବାରମ୍ବାର ବ୍ଲକ କୃଷି କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଉକ୍ତ ସାର୍ଟିଫିକେଟ ପାଇଁ ବିଶ୍ୱନାଥ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ଗତ ସୋମବାର ରଞ୍ଜନ ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କୁ କେମିକାଲ ବୋଳା ୨୦ ହଜାର ଟଙ୍କା ଦିଆଯାଇଥିଲା। ରଞ୍ଜନ ଉକ୍ତ ଟଙ୍କା ବ୍ଲକ କାର୍ଯ୍ୟାଳୟରେ ବିଶ୍ୱନାଥଙ୍କୁ ପ୍ରଦାନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

**BUSINESS**

# ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ




ଭୁବନେଶ୍ୱର, ୯।୯ (ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନ (ଟିଭିଏସ୍ଏମ୍) ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟରଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ଟିଭିଏସ୍ ଏନ୍‌ଟର୍କର ଗ୍ରୁପ୍ ବ୍ରାଣ୍ଡ ମ୍ୟାନେଜର ରାଜ ବିଶ୍ୱାସ ସ୍କୁଟରର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋ'ରୁମ୍, ସାରା ଭାରତ) ରହିଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗ୍‌ଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍‌ନେଚର ମଫଲର୍ ନୋଟ୍ ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେଶନ ଏବଂ ଓଟିଏ ଅପଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ିତୋଳିଛି। ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ୨ ନିୟୁତରୁ ଅଧିକ ଏନ୍‌ଟର୍କ ଗ୍ରାହକ ଏବଂ ୫୦ରୁ ଅଧିକ ସ୍ୱପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ। ଟିଭିଏସ୍ ଏନ୍‌ଟର୍କ ଆକର୍ଷଣୀୟ ଡିଜାଇନ, ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନୂତନ ଯୁଗର ପ୍ରଯୁକ୍ତିକୁ ସମର୍ଥନ କରୁଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲ୍‌ଡ, ୩ଭିସି ଟେକ୍ ଇଞ୍ଜିନ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ମାତ୍ର ୬.୩ ସେକେଣ୍ଡରେ ୦-୬୦ କେଏମ୍/ଏଚ୍‌ରେ ତ୍ୱରାନ୍ୱିତ ହୋଇ ଏବଂ ୧୦୪ କେଏମ୍/ଏଚ୍‌ର ଏକ ଶୀର୍ଷ ଗତିକୁ ବଢ଼ାଉଛି ଏବଂ ଏହା ଉକ୍ତ ଶ୍ରେଣୀର ସବୁଠାରୁ ଦ୍ରୁତତମ ସ୍କୁଟର ଭାବରେ ଉଭାହୋଇଛି।

## ୧ ଲକ୍ଷ ଟପିଲା ୨୨ କ୍ୟାରେଟ୍ ସୁନା

ଭୁବନେଶ୍ୱର, ୯।୯ (ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଦର ବଢ଼ିବାରେ ଲାଗିଛି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ମଧ୍ୟରେ ସୁନା ଦାମ ୭ ଥର ବୃଦ୍ଧି ପାଇଥିବା ବେଳେ ଥରେ ହ୍ରାସ ଓ ୨ ଥର ସ୍ଥିର ରହିଛି। ପୂର୍ବରୁ ୨୪ କ୍ୟାରେଟ ସୁନା ଦର ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ମଙ୍ଗଳବାର ୨୨ କ୍ୟାରେଟ ସୁନା ମଧ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ୨୨ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦାମ ୧,୦୧,୧୦୦ ଟଙ୍କା ହୋଇଛି। ଏହା ସୋମବାର ୯୯,୮୫୦



ଟଙ୍କା ଥିଲା। ଏଥିରେ ୧,୨୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୪ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦର ୧,୧୦,୨୯୦ ଟଙ୍କାରେ ପହଞ୍ଚିଛି। ଦିନକ ପୂର୍ବରୁ ଏହା ୧,୦୮,୯୩୦ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ୧,୩୬୦ ଟଙ୍କା ବୃଦ୍ଧି ହୋଇଛି। ଅନ୍ୟପଟେ ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୮୨,୭୨୦ ଟଙ୍କା ରହିଛି। ସୋମବାର ୮୧,୭୦୦ ଟଙ୍କା ଥିଲା। ଏଥିରେ ୧,୦୨୦ ଟଙ୍କା ବୃଦ୍ଧିହୋଇଛି। ୧୦୦ ଗ୍ରାମ ରୁପା ଦାମ ୧୪,୦୦୦ ଟଙ୍କା ରହିଛି।

## ଡିପି ୱାର୍ଲ୍ଡ ଏସିଆ କପ୍‌ର ଟାୟାର ପାର୍ଟନର ବିର୍ଲା ଟାୟାର୍ସ

ଭୁବନେଶ୍ୱର, ୯।୯ (ଅନୁରାଧା ମହାରଣା)

ଡିପି ୱାର୍ଲ୍ଡ ଏସିଆ କପ୍ ୨୦୨୫ର ଅଧିକୃତ ଟାୟାର ପାର୍ଟନର ବିର୍ଲା ଟାୟାର୍ସ ହେବାକୁ ଯାଉଛନ୍ତି। ଏନେଇ ବିର୍ଲା ଟାୟାର ପକ୍ଷରୁ କୁହାଯାଇଛି, କ୍ରିକେଟ ଏପରି ଏକ ଖେଳ ଯାହା ଦେଶ, ସଂସ୍କୃତି ଓ ସମାଜର ସୀମା ଉଲ୍ଲଂଘନକରି ଲକ୍ଷାଧିକ ଲୋକଙ୍କୁ ଏକତ୍ର କରେ। ଏନେଇ ହିମାଦ୍ରି ସ୍ପେଶିଆଲିଟି କେମିକାଲ ଲିମିଟେଡ୍‌ର ସିଏମ୍‌ଡି ଓ ସିଇଓ ଅନୁରାଗ ଚୌଧୁରୀ କହିଛନ୍ତି, ଡିପି ୱାର୍ଲ୍ଡ ଏସିଆ କପ୍ ୨୦୨୫ ର ଅଧିକୃତ ବିର୍ଲା ଟାୟାର ପାର୍ଟନର ହେବା ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଓ ସିଇଓ ଡା. ଚନ୍ଦ୍ରନାରାୟଣ ମାହେଶ୍ୱରୀ କହିଛନ୍ତି, ଏହି ସହଭାଗିତା ମାଧ୍ୟମରେ ଆମେ ସାରା ବିଶ୍ୱର କ୍ରିକେଟପ୍ରେମୀଙ୍କ ସହ ଆମର ସମ୍ପର୍କକୁ ଆହୁରି ଗଭୀର କରିବାକୁ ଆଶା ରଖିଛୁ। ସେଥିସହ ଆମର ବ୍ରାଣ୍ଡର ବିଶ୍ୱାସ ଓ ପରିଣାମର ମୂଲ୍ୟବୋଧକୁ ଉଜାଗର କରିବାକୁ ଚାହୁଁଛୁ।

## ୟୁବିଆଇ ପକ୍ଷରୁ ୫୨.୫୦ଲକ୍ଷର ମୃତ୍ୟୁଜନିତ ଦାବି ସମାଧାନ

ଭୁବନେଶ୍ୱର, ୯।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ ସୁପର ସାଲାରି ଆକାଉଣ୍ଟ ଅଧୀନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା। ଏହିପରି ମୋଟ ୫୨.୫୦ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦାସ ସରକାରୀ କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଖୁଚୁରା ଋଣ ଉତ୍ପାଦ ଉପରେ ଆଲୋକପାତ କରିଥିଲେ। ଓଏସ୍ଏପିର କମାଣ୍ଡାଟ୍ ଏସ୍.ଏନ୍. ମଲ୍ଲିକ ଉତ୍କୃଷ୍ଟ ତଥା ତୁରନ୍ତ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପ୍ରଶଂସା କରିଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍. ସାଇଙ୍କ ସମେତ ଓଏସ୍ଏପିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ୟୁନିୟନ ବ୍ୟାଙ୍କର ସେବା ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ଲିପ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା।


ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ୪୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

## ଦୁବାଇରେ ୟୁପିଆଇ-ୟୁପିୟୁର ଶୁଭାରମ୍ଭ

ଭୁବନେଶ୍ୱର, ୯।୯

କେନ୍ଦ୍ରୀୟ ଯୋଗାଯୋଗ ଓ ଉତ୍ତର-ପୂର୍ବ କ୍ଷେତ୍ରର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ଦୁବାଇରେ ଆୟୋଜିତ ୨୮ତମ ୟୁନିଭର୍ସାଲ ପୋଷ୍ଟାଲ କଂଗ୍ରେସରେ ୟୁପିଆଇ-ୟୁପିୟୁ ସମନ୍ୱୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଡାକ ବିଭାଗ, ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ୍ (ଏନ୍‌ଆଇପିଏଲ୍) ଏବଂ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ (ୟୁପିୟୁ) ଦ୍ୱାରା ବିକଶିତ ଏହି ପଦକ୍ଷେପ, ଭାରତର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ ୟୁପିୟୁ ଇଣ୍ଟରକନେକ୍ସନ୍ ପ୍ଲାଟ୍‌ଫର୍ମ (ଆଇପି) ସହ ସଂଯୁକ୍ତ କରିବ। ଏହାଦ୍ୱାରା ପୋଷ୍ଟାଲ ନେଟ୍‌ୱାର୍କରେ ୟୁପିଆଇର ବ୍ୟବହାର ଦ୍ରୁତ ଓ ସୁଲଭ ହେବ। ଏହି ଅବସରରେ ସିନ୍ଧିଆ କହିଛନ୍ତି, ଆଧାର, ଜନଧନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସହ ଆମେ ୫୬୦ ନିୟୁତରୁ ଅଧିକ ଆକାଉଣ୍ଟ ଖୋଲିଛୁ, ଯାହା ମଧ୍ୟରୁ ଅଧିକାଂଶ ମହିଳାଙ୍କ ନାମରେ ରହିଛି। ଭାରତୀୟ ଡାକ ଗତ ବର୍ଷ ୯୦୦ ନିୟୁତରୁ ଅଧିକ ଚିଠି ଏବଂ ପାର୍ସଲ ପ୍ରଦାନ କରିଛି। ସିନ୍ଧିଆ ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ଧ୍ୟାନ ଦେଇ ପ୍ରଯୁକ୍ତିବିଦ୍ୟାକୁ ନବସୃଜନରେ ପରିଣତ କରିବା ପାଇଁ ୧୦ ନିୟୁତ ଡଲାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୟୁପିୟୁର ପ୍ରଶାସନ ପରିଷଦ ଏବଂ ପୋଷ୍ଟାଲ ଅପରେଶନ୍ସ ପରିଷଦ ପାଇଁ ଭାରତର ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ଏହା ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ସୀମାପାର ଦେଣନେଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ରାଇସ୍ ବ୍ରାନ୍ ଅଏଲ: ଫ୍ରିଡମ୍

ଭୁବନେଶ୍ୱର, ୯।୯

ଦିନକୁ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାବେଳେ ଉପଯୁକ୍ତ ଜୀବନଶୈଳୀ ଓ ଖାଦ୍ୟରେ ବ୍ୟବହାର ହେଉଥିବା ଉପାଦାନର ଗୁଣବତ୍ତା ଯାଞ୍ଚ ଜରୁରୀ ହୋଇପଡ଼ିଛି। ଏହା ମଧ୍ୟରେ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି, ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ଚାଉଳର ଉପର ବାଦାମୀ ଆସ୍ତରଣରୁ ପ୍ରସ୍ତୁତ କରାଯାଉଛି। ତେଣୁ ଏଥିରେ ପୋଷକତତ୍ତ୍ୱ ଭରିରହିଛି। ଏଥିରେ ଉତ୍ତମ ଫ୍ୟାଟ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଭରି ରହିଥିବା କମ୍ପାନୀ ଦାବି କରିଛି। ଏହା ଖାଦ୍ୟକୁ ସୁସ୍ୱାଦୁ କରିବା ସହ ମନ ପ୍ରଫୁଲ୍ଲ ରଖିଥାଏ। କମ୍ପାନୀ ଆହୁରି ମଧ୍ୟ କହିଛି, ଏକ୍ସପର୍ଟମାନେ ଏଥିରେ କୋଲେଷ୍ଟରଲ୍ ଲେଭଲ ଠିକ୍ ମାତ୍ରାରୁ ଅନୁଧ୍ୟାନ କରିଛନ୍ତି। ଏଥିରେ ମନୋଅନ୍‌ସାଚୁରେଟେଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟ୍ ଠିକ୍ ଅନୁପାତ ରହିଥିବାରୁ ଏହା ଏଲ୍‌ଡିଏଲ୍ ହ୍ରାସ ଏବଂ ଏଚ୍‌ଡିଏଲ୍ ବୃଦ୍ଧିରେ ସହାୟକ ହୁଏ। ଏଆଇଜି ହସ୍ପିଟାଲର ଚେୟାରମ୍ୟାନ ଡା. ଡି. ନାଗେଶ୍ୱର ରେଡ୍ଡିଙ୍କ ଦ୍ୱାରା ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ରାଇସ୍ ବ୍ରାନ୍ ଅଏଲ ଏବଂ ଅଲିଭ ଅଏଲ୍ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। ରାଇସ୍ ବ୍ରାନ୍ ଅଏଲରେ ଯଥେଷ୍ଟ ପରିମାଣର ଗାମା ଅରାଇଜନାଲ ଥିବାରୁ ଏହା କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରୁଥିବା ଉଲ୍ଲେଖ କରିଛନ୍ତି। ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବରିଷ୍ଠ ଉପସଭାପତି ପି .ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି, ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏହି ତେଲ ପ୍ରସ୍ତୁତ କରାଯାଉଛି। ଏହା ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟୁନିସିଆକୁ ଫିଫା ବିଶ୍ୱକପ୍ ଯୋଗ୍ୟତା


ମ୍ୟାଚ ଜିତିବା ପରେ ଉଲ୍ଲସିତ ଟ୍ୟୁନିସିଆ ଖେଳାଳିମାନେ।

**ଟ୍ୟୁନିସ୍ (ଟ୍ୟୁନିସିଆ), ୯।୯(ଏପି)**
ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧–୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ତରଫରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ। ଏହି ଦଳ ଆଉ ଦୁଇଟି ଗେମ୍ ବାକିଥାଇ ଆସନ୍ତାବର୍ଷ ନର୍ଥ ଆମେରିକାରେ ହେବାକୁଥିବା ଏହି ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ ପାଇଁ ଏକମାତ୍ର ବିଜୟ ଆବଶ୍ୟକ କରୁଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମ୍ବିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି। ନାମ୍ବିଆ ହାତରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ଗୋଟିଏହେଲେ ଗୋଲ୍ ବରଣ କରିନାହିଁ। ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍‌ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଆପେ ଯୋଗ୍ୟତା ହାସଲ କରିଛନ୍ତି।

# ସାତ୍ତ୍ୱିକ–ଚିରାଗ, କିରଣ ଜର୍ଜ ବିଜୟୀ

**ହଂକଂ, ୯।୯ (ପି.ଟି.)**
ଭାରତର ଶ୍ରେଷ୍ଠ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଜୟ ସହ ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ କିରଣ ଜର୍ଜ କ୍ୱାଲିଫାଇଂରେ ଲଢୁଆ ପ୍ରଦର୍ଶନ କରି ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇପାରିଛନ୍ତି। ନିକଟରେ ପ୍ୟାରିସଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ସାତ୍ତ୍ୱିକ ଓ ଚିରାଗ ସେମାନଙ୍କ ଓପନିଂ ରାଉଣ୍ଡରେ ତାଇୱାନର ଚିଉ ହିଆଙ୍ଗ ଚିଏ ଓ ୱାଙ୍ଗ୍ ଚି–ଲିନ୍‌ଙ୍କୁ ୨୧–୧୩, ୧୮–୨୧, ୨୧–୧୦ରେ ହରାଇ ଦେଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର–୧ ଯୋଡ଼ି ତଥା ୮ମ ସିଡ୍ ଦ୍ୱିତୀୟ ରାଉଣ୍ଡରେ ଜାପାନର କେନ୍ୟା ମିତ୍‌ସୁହାସି/ହିରୋକି ଓକାମୁରା ଓ ଥାଇଲାଣ୍ଡର ପିରାଚାଇ ସୁକପାହୁନ/ ପାକାପନ ତିରାରାତ୍‌ସାକୁଲ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ କିରଣ କ୍ୱାଲିଫାଇଙ୍ଗରେ ପଛକୁ ପଛ ବିଜୟ ସହ ମୁଖ୍ୟ ଡ୍ର'ରେ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ସେ ପ୍ରଥମେ ମାଲେସିଆର ଚିମ୍ ଜୁନ୍ ୱିଙ୍କୁ ଏବଂ ପରେ ନିଜ ଦେଶର ଏସ୍. ଶଙ୍କର ମୁଥୁସାମୀ ସୁବ୍ରମଣ୍ୟନଙ୍କୁ ପରାସ୍ତ କରିଥିଲେ।

# ୱାରିଅର୍ଜକୁ ହରାଇଲା ଦବଙ୍ଗ ଦିଲ୍ଲୀ

**ଭାଇଜାଗ୍, ୯।୯**
ପ୍ରୋ–କବାଡ଼ି ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦବଙ୍ଗ ଦିଲ୍ଲୀ ୪୫–୩୪ ପଏଣ୍ଟରେ ବେଙ୍ଗଲ ୱାରିଅର୍ଜକୁ ପରାସ୍ତ କରିଛି। ଫଳରେ ଦିଲ୍ଲୀ ଦଳ ସିଜନ–୧୨ରେ ଏପର୍ଯ୍ୟନ୍ତ ଅପରାଜେୟ ରହିବା ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଅଂଶୁ ମଲିକ ଓ ତାଙ୍କ ଦଳର ଖେଳାଳିମାନେ ଏହି ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏକାକୀ ଷ୍ଟାର ରାଇଡର ଅଂଶୁ ୧୬ ପଏଣ୍ଟ ହାସଲ କରିଥିଲେ। ଅଜିଙ୍କ୍ୟ ପାୱାର ଅଲ୍ ରାଉଣ୍ଡ ପ୍ରଦର୍ଶନ କରି ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଚଳିତ ଲିଗ୍‌ରେ ଦିଲ୍ଲୀର ଏହା କ୍ରମାଗତ ୪ର୍ଥ ବିଜୟ। ଫଳରେ ଦଳର ପଏଣ୍ଟ ସଂଖ୍ୟା ୮ରେ ପହଞ୍ଚିଛି। ବୁଧବାର ପ୍ରଥମ ମ୍ୟାଚ୍‌ରେ ୟୁ ମୁମ୍ବା ଓ ତେଲୁଗୁ ଟାଇଟନ୍ସ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୟୁପି ଯୋଦ୍ଧାସ୍ ଓ ପୁନେରି ପଲ୍‌ଟନ ପରସ୍ପରକୁ ଭେଟିବେ।

# ଲଦାଖ ମାରାଥନ୍

**ଲେହ (ଲଦାଖ), ୯।୯(ପି.ଟି.):** ଲଦାଖ ମାରାଥନ୍‌ରେ ଭାରତ ସମେତ ମୋଟ୍ ୩୧ଟି ଦେଶରୁ ୬,୬୦୦ ଧାବକ ଅଂଶଗ୍ରହଣ କରିବେ। ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଇଭେଣ୍ଟ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ହେବ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# Classified Everyday
0674-2580101, 9692975378


MATRIMONIAL
BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call-9937717477, Whatsapp-9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803

ସିଦ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877


ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923




The massage felt totally professional! & comfortable at all times-7978109255. D-76492

AFFIDAVIT

By virtue of an affidavit before Notary Public, Kantabanji bearing No.-791 on 16.08.2025 that in my Aadhaar Card and other documents my name spells as "Ambika Bariha" W/o-Gurudeb Bariha of Village – Saraspara P.O.- Patrapali P.S.- Bangomunda Dist.- Balangir, Odisha but in my S.B. Account of Bank of Baroda, Kantabanji my name is wrongly entered as Ambika Padhan whereas Ambika Bariha and Ambika Padhan W/o Gurudeb Bariha is same and one person. D-1926

ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate/Notary Public, Muniguda, Dated - 08/09/2025, Bisikeshan Kumuruka, Village-Koramohan, P.O.-Kumudabali, P.S.-Ambadola, Dist.-Rayagada, Odisha my son old name Premananda Kumuruka declare that I have changed the new name of to Paramananda Kumuruka. Henceforth, he/she shall be known as newname Paramananda Kumuruka for all purposes. D-1925

Before the Court of Notary Public, Jajpur Road, I Minakshi Malik, aged about 35 year W/o Manoj Jena of Village -Mundamal, P.O./P.S.- Jajpur Road, Dist. - Jajpur, Odisha, PIN -755019. My Adhaar No.- xxxx xxxx 3578, My daughter namely Manisha Jena. Hereby declare that Minakshi Jena and Minakshi Malik both the name are one and same person. D-1924

By virtue of an affidavit sworn before Executive Magistrate, Bhubaneswar, dated-08.09.2025 bearing C.F. No.- 50, 08.09.2025, I, Susila Palei(New Name) Address: At- Dalakhai Basti, Laxmisagar, P.O.-Budheswari Colony, P.S.- Laxmisagar, Bhubaneswar, PIN-751006, Dist.- Khordha, Odisha, declare that I have changed my name from Bouri Palei (Old Name) to Susila Palei (New Name). Henceforth, I shall be known as Susila Palei (New Name) for all purposes. D-1916

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

I, Talasu Sanjib Kumar Patra, S/o- Late T. Syambabu Patro, resident, At- Aska Main Road, Kalinga Road, Aska, Post/ P.S.- Aska, Dist.- Ganjam, Odisha, PIN- 761110, declare by this affidavit No.- 1475, dtd.- 06.09.2025 that now onwards I shall be known as T.Sanjeeb Kumar Patro for all future purposes. D-1922

By virtue of an affidavit sworn before the Notary Public, Bhubaneswar, dated-08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my minor son's name from Kamaleswar Rajual to Kamaleswar Ray. Henceforth, he shall be known as Kamaleswar Ray for all purposes.
Kamaleswar Ray D-1917

By virtue of an affidavit sworn before the Notary Public, Bhubaneswar, dated-08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Ramachandra Rajual to Ramachandra Ray. Henceforth, I shall be known as Ramachandra Ray for all purposes.
Ramachandra Ray. D-1918

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Pramila Ray, W/o- Ramachandra Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Pramila Rajual to Pramila Ray. Henceforth, she shall be known as Pramila Ray for all purposes.
Pramila Ray. D-1919

**I, Dheeraj Kumar Daga, S/o- Lunkaran Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN- 751006 declare by this affidavit No.- 39, dtd. 09.09.2025, that now onwards I shall be known as Dhiraj Kumar Daga for all future purposes.** D- 1920

I was known as Sampad Kumar Khara, S/o- Late Nilambara Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013, declare by this affidavit No.- 310, date- 04.09.2025, that now onwards I shall be known as Sampad Kumar Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013 for my all future purposes. D- 1931

By virtue of an affidavit sworn before the Executive Magistrate, Jajpur Road dated on 09.09.25, I Arundhoti Sahoo W/o Pravat Kumar Nayak of vill- Tarailo, Uchabali, P.S.- Tamaka, Dist.- Jajpur do hereby declare that name of my husband in my son's (Auroprasanta Nayak) birth certificate is Pravat Ku. Nayak, & his name mentioned in his Aadhaar Card is Pravat kumar Nayak. Both these name of my husband are of same person. This is true & best of my knowledge & belief. D- 1927

By the virtue of an affidavit sworn before the Notary Public, Cuttack dated 12.2.2025, I, Subash Chandra Jena, S/o - Prananath Jena, At-sobera, Post- Ostapal, P.S.-Tamaka, Dist.- Jajpur. my daughter's correct name is Champabati Jena but in Aadhaar Card recorded as Sweet Sampurna Jena. I have changed my daughter name from Sweet Sampurna Jena to Champabati Jena. Henceforth, she will known as Champabati Jena for all purposes.
Subash Chandra Jena D-1932

## ମନେ ପଡ଼ନ୍ତି

୧୧ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱ ବାଞ୍ଛାନିଧି ପଣ୍ଡା
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଡାଲଙ୍ଗ, ଗୁଡ଼ିଗଡ଼ିଆ, ବାଲେଶ୍ୱର
ବାପା! ଚାହୁଁ ଚାହୁଁ ୧୧ବର୍ଷ ବିତିଗଲା। ଏଇ ୧୧ବର୍ଷରେ ଆପଣଙ୍କ ଅନୁପସ୍ଥିତି ଆମକୁ କେତେ ଯେ କଷ୍ଟ ଦେଇଛି ତାହା ସେଇ ଈଶ୍ୱର ଜାଣନ୍ତି। ଯେଉଁଠିବି ଅଛନ୍ତି ଖୁସିରେ ଥାଆନ୍ତୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ଆପଣଙ୍କର ଆଦରଣୀୟ– ରୁକ୍ମିଣୀ, ଝିଅ– ଜ୍ୱାଇଁ ଓ ନାତି– ନାତୁଣୀମାନେ।
ଧ–1930

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ଉଷାରାଣୀ ଶତପଥୀ
ସୋମନାଥନଗର ଦ୍ୱିତୀୟଲେନ, ବ୍ରହ୍ମପୁର
ଆବିର୍ଭାବ: ୧୫।୦୮।୧୯୫୮
ତିରୋଧାନ: ୩୦।୦୮।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ– ପରିବାରବର୍ଗ, ସ୍ୱାମୀ– ସୁରେଶଚନ୍ଦ୍ର ଶତପଥୀ, ବଡ଼ପୁଅ– ସୁରଜିତ, ସାନପୁଅ– ସତ୍ୟଜିତ, ମନସ୍ୱିନୀ, ପ୍ଲାବରୀ, ଶସ୍ତ୍ରୀ, ଶ୍ରୀଜିତ, ଶ୍ରୀୟାଶ୍ରୀ, ଜ୍ଞାନଦ୍ରେ, ଶୁଭଶ୍ରୀ, ସ୍ମୃତି, ସୌମ୍ୟକା
Ph– 8806550066
ଧ–1929

ଷଷ୍ଠ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ଶୁଭଙ୍କର ମଲ୍ଲିକ୍ (ବଣ୍ଟି)
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବଣ୍ଟିରେ....!
ଚାହୁଁ ଚାହୁଁ ବିତିଗଲା ଛଅବର୍ଷ, ତୁ ଯିବା ପରଠାରୁ ଆଖିରୁ ଆମ ଶୁଖୁନି ଲୁହର ଧାରା। ଇଏ କେବଳ ଏକ ଔପଚାରିକ ମାତ୍ର। ତୋ ଦାୟିତ୍ୱ ଦେଇଛୁ ଈଶ୍ୱରଙ୍କୁ ସେ ତୋତେ ଭଲରେ ରଖିଥାନ୍ତୁ। ଆଜି ତୋର ଷଷ୍ଠ ପୁଣ୍ୟତିଥିରେ ଏତିକି ଗୁହାରି ତାଙ୍କ ପାଦତଳେ।
ଶୋକସନ୍ତପ୍ତ: ତୋର ହତଭାଗ୍ୟ– ବାବା, ମାମା, ଭଉଣୀ ଶୀତୁ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।
ଧ–1928

## କୁକୁଡ଼ା ପାଳନ କରୁଥିଲେ...



**ବ**ର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

## ମାଛଚାଷ ସମୟରେ...

**ଏ**କ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆକୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।
- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



# ଫସଲ ଉତ୍ପାଦନରେ ସିଲିକନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

**ଉ**ଦ୍ଭିଦରେ ୯ ଗୋଟି ଉପାଦାନ ଥିବାର ରାସାୟନିକ ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ସେଥିମଧ୍ୟରୁ ୧୮ ଗୋଟି ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ। ଅନ୍ୟ ୭୨ ଗୋଟି ଉଦ୍ଭିଦର ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ଉକ୍ତ ଉପାଦାନସବୁ ଉଦ୍ଭିଦ ବା ଫସଲ ଉତ୍ପାଦନରେ ବିଭିନ୍ନ ଭୂମିକା ନେଇଥାନ୍ତି । ଉକ୍ତ ୭୨ଟି ଉପାଦାନ ମଧ୍ୟରୁ ସିଲିକନ ଅନ୍ୟତମ । ଫସଲ ଉତ୍ପାଦନରେ ସିଲିକନ୍‌ର ଭୂମିକା ସବୁଠାରୁ ଅଧିକ। ଫସଲ ସିଲିକନ୍‌କୁ ଚେ଼ର ମାଧ୍ୟମରେ ସିଲିସିଲିକ ଅମ୍ଳ ଭାବେ ମାଟିରୁ ଶୋଷଣ କରିଥାଏ । ମାଟିରେ ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକା ନାମରେ ଥାଏ। ଫସଲର ଚେ଼ରରୁ ଅଙ୍ଗାରକାମ୍ଳଜାନ ନିର୍ଗତ ହୋଇ ଜୈବ କାର୍ବୋନିକ୍ ଅମ୍ଳ ସିଲିକାକୁ ଦ୍ରବୀଭୂତ କରି ସିଲିସିଲିକ ଅମ୍ଳ ଭାବେ ଫସଲ ଚେ଼ର ଦ୍ୱାରା ଗ୍ରହଣ ହୁଏ। ସିଲିସିଲିକ ଅମ୍ଳ ଫସଲର ଖାଦ୍ୟ ନୁହେଁ। କିନ୍ତୁ ଫସଲର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ପହଞ୍ଚି ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ। ଉକ୍ତ ସିଲିକା ଫସଲକୁ ବିଭିନ୍ନ ଉପାୟରେ ସୁରକ୍ଷାଦେଇ ଉତ୍ପାଦନ ବଢ଼ାଏ।

ସିଲିକା, ଫସଲର ବିଭିନ୍ନ ଅଂଶରେ ସ୍ତରୀକୃତ ଭାବେ ରହି ଫସଲର ଓଜନ ବଢ଼ାଏ । ଏହାଛଡ଼ା ସ୍ତରୀକୃତ ସିଲିକା ଫସଲକୁ ବାହ୍ୟ ରୋଗ ଓ ପୋକ ଆକ୍ରମଣରୁ ସୁରକ୍ଷା ଦିଏ । ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ ଦ୍ୱାରା ଧାନ ଫସଲ ଛନଛନିଆ ହୋଇ ବଢ଼େ। ଏହାଦ୍ୱାରା ଫସଲ ମହିଷା, ବ୍ଲାଇଟ୍, ପତ୍ରଦାଗ ଆଦି କବକ ରୋଗରେ ଆକ୍ରାନ୍ତ ହୁଏ । ଧାନ ପତ୍ରରେ ସ୍ତରୀକୃତ ସିଲିକା ଥିବାରୁ କବକ ରୋଗର କାରକ ମାଇସେଲ (ସରୁ ସୂତା ପରି ଏକ ପଦାର୍ଥ) ସିଲିକା ସ୍ତରକୁ ଭେଦ କରିପାରେ ନାହିଁ। ଏହାଦ୍ୱାରା ଧାନ ଫସଲ କବକଜନିତ ରୋଗରୁ ରକ୍ଷା ପାଏ। ଧାନ ଫସଲ ବିଭିନ୍ନ ପୋକ ଯଥା କାଣ୍ଡବିନ୍ଧା, ଗନ୍ଧିବଗ୍, ଥ୍ରିପସ୍, ମାଇଟ୍, ଚ଼କଡା (ଗଲମିଜ) ଆଦି ଦ୍ୱାରା ବହୁଳ ଭାବରେ ଆକ୍ରାନ୍ତ ହୁଏ। ଧାନଗଛର ପତ୍ର ଏବଂ କାଣ୍ଡରେ ସ୍ତରୀକୃତ ସିଲିକା ଥିବାରୁ ପୋକର ଶୁଣ୍ଡ ସିଲିକା ସ୍ତରକୁ ଭେଦକରି ନ ପାରିବା ହେତୁ ଫସଲ ପୋକ ଆକ୍ରମଣରୁ ଶତକଡ଼ା ୭୦ ରୁ ୮୦ ଭାଗ ସୁରକ୍ଷା ପାଏ । ଧାନର ଚଷୁରେ ୨୦ରୁ ୨୫ ଶତକଡ଼ା ସିଲିକା ଥିବାରୁ ସାଇତା ଧାନରେ ରୋଗ ଏବଂ ପୋକ ଆକ୍ରମଣ କମ୍ । ଧାନ ଫସଲ ପରି ଆଖୁ, ବାଜରା ଜୁଆର ଏବଂ ମକା ଆଦି ଫସଲର ପତ୍ର ଏବଂ କାଣ୍ଡରେ ସିଲିକା ଥିବାରୁ ଏହି ସବୁ ଫସଲରେ ରୋଗ ଏବଂ ପୋକ ଆକ୍ରମଣ କମ୍। ପରୀକ୍ଷାରୁ ଜଣାପଡ଼ିଛି ଯେ ଆଖୁରେ ସିଲିକା ଥିବା ପଦାର୍ଥ ପ୍ରୟୋଗକଲେ ଆଖୁର ଓଜନ ବଢ଼ିବା ସହ ଆଖୁରୁ ଅଧିକ ରସ ବାହାରେ ଏବଂ ଏହି ରସରୁ ପ୍ରସ୍ତୁତ ଗୁଡ଼ର ମାନ ବଢ଼େ । ପରୀକ୍ଷାରୁ ଆହୁରି ଜଣାପଡ଼ିଛି ଯେ ସବୁଜ ଗୋଖାଦ୍ୟ ଫସଲରେ ସିଲିକା ପ୍ରୟୋଗ ଦ୍ୱାରା ଏହି ଫସଲ ରୋଗ ଏବଂ ପୋକ ଆକ୍ରମଣରୁ ରକ୍ଷା ପାଇବା ସହ ଓଜନ ବଢିଛି।

ସିଲିକା ଅଭାବରେ ଡିପଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ । ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ । ଫସଲ ଚେ଼ର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣ କରେ । ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେ଼ର ମଧ୍ୟରେ ରହି କଠିନ

> "ସିଲିକା ଅଭାବରେ ଡିପ ଜମିର ଫସଲକୁ ଶୀଘ୍ର ମରୁଡ଼ି ବାଧେ। କାରଣ ଫସଲର ପତ୍ରରେ ଥିବା ସିଲିକା ସ୍ତର ପତ୍ର ଛିଦ୍ର ଖୋଲିବା ଏବଂ ବନ୍ଦକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ପତ୍ରର ସ୍ୱେଦ ବା ଉତ୍ସ୍ୱେଦ (ଟ୍ରାନ୍ସପିରେଶନ) ପ୍ରକ୍ରିୟା ନିୟନ୍ତ୍ରଣ ହୁଏ। ସିଲିକା ସ୍ତର ପତ୍ରରେ ନ ରହିଲେ ଅଧିକ ଜଳ ଫସଲରୁ ବାଷ୍ପୀଭୂତ ହୋଇ ଗଛ ଝାଉଁଳେ । ଫସଲ ଚେ଼ର ଦ୍ୱାରା ମାଟିରୁ ସିଲିସିଲିକ ଅମ୍ଳ ଶୋଷଣକରେ । ଏହି ପ୍ରକ୍ରିୟା ସମୟରେ କିଛି ସିଲିସିଲିକ ଅମ୍ଳ ଚେ଼ର ମଧ୍ୟରେ ରହି କଠିନ ସିଲିକାରେ ପରିଣତ ହୁଏ। ଚେ଼ରରେ ସିଲିକା ଅଭାବରେ ଚେ଼ର ଦୁର୍ବଳ ହୁଏ । ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି ।"



ସିଲିକାରେ ପରିଣତ ହୁଏ । ଚେ଼ରରେ ସିଲିକା ଅଭାବରେ ଚେ଼ର ଦୁର୍ବଳ ହୁଏ । ଏହାଦ୍ୱାରା ମାଟିରେ ଥିବା ରୋଗ ବୀଜାଣୁ ଏବଂ କେତେକ କ୍ଷୁଦ୍ର ପୋକ ଫସଲକୁ ଆକ୍ରମଣ କରନ୍ତି । ଫସଲରେ ସିଲିକା ପରିମାଣ କମିଗଲେ ଗଛର ଶାଖା ପ୍ରଶାଖା ଦୁର୍ବଳ ହୋଇ ଭାଙ୍ଗିପଡ଼େ । ପରୀକ୍ଷାରୁ ଜଣା ପଡ଼ିଛି ଯେ ଧାନ ଫସଲ ଏବଂ ସବୁଜ ଗୋଖାଦ୍ୟରେ ସିଲିକା ପରିମାଣ କମିଲେ ଫସଲ ପବନରେ ଶୋଇପଡ଼େ । ଧାନର ନଡ଼ା ଏବଂ ଗୋଖାଦ୍ୟର ମାନ କମେ।

ମାଟିରେ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟଠାରୁ ସିଲିକାର ପରିମାଣ ସବୁଠାରୁ ଅଧିକ । ଅମ୍ଳ ମାଟିରେ ଲୁହା ଏବଂ ଆଲୁମିନିୟମ ସଂଲଗ୍ନରେ ଆସି ସିଲିସିଲିକ ଅମ୍ଳ ଅଦ୍ରବଣୀୟ ସିଲିକାରେ ପରିଣତ ହୁଏ । ଅଙ୍ଗାରକାମ୍ଳ ବାଷ୍ପରେ ମିଶି ଏହା ସିଲିସିଲିକ ଅମ୍ଳରେ ପରିଣତ ହୁଏ । ଅମ୍ଳ ମାଟିରେ ଅଦ୍ରବଣୀୟ ସିଲିକା ଅଧିକ । ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କଲେ ସିଲିକା ଦ୍ରବୀଭୂତ ହୋଇ ସିଲିସିଲିକ ଅମ୍ଳ ଭାବେ ଫସଲ ପାଏ । ତେଣୁ ଅମ୍ଳ ମାଟିରେ ଚୂନ ପ୍ରୟୋଗ କରିବା ଉଚିତ୍ । ଏହା ଦ୍ୱାରା ଉଭୟେ ଫସ୍ଫରସ୍ ଏବଂ ସିଲିକନ୍‌କୁ ଫସଲ ପାଇଥାଏ । ହେକ୍ଟର ପିଛା ଏକ ହଜାର କିଲୋଗ୍ରାମ ଚୂନ ପ୍ରୟୋଗ କରିବା ଉଚିତ୍ । ଚୂନ ବଦଳରେ ହେକ୍ଟର ପିଛା ୧୫୦୦ କିଲୋଗ୍ରାମ କାଗଜକଳର ମଇଳା ପ୍ରୟୋଗ କରାଯାଇ ପାରେ । ରାୟଗଡ଼ାସ୍ଥ କାଗଜକଳ ମଇଳାକୁ ଚାଷୀ ତା' ନିକଟବର୍ତ୍ତୀ ଅମ୍ଳ ମାଟିରେ ସହଜରେ ପ୍ରୟୋଗ କରିପାରିବେ । ଆମ ରାଜ୍ୟରେ ପ୍ରାୟ ୭୦ ଭାଗ ଚାଷ ଜମିର ମାଟି ଅମ୍ଳ। ତେଣୁ ଉକ୍ତ ମାଟିରେ ଉଭୟ ଫସ୍ଫରସ୍ ଏବଂ ସିଲିକନ୍ ଅଭାବ ରହିଛି । ଅଧିକ ଫସଲ ଅମଳ ପାଇଁ ଅମ୍ଳ ମାଟିରେ ଚୂନ ପ୍ରୟୋଗ ଜରୁରୀ । ମାଟିର ପିଏଚ୍ ପରୀକ୍ଷାକରି ଚୂନ ପ୍ରୟୋଗ କରାଯାଏ । ମାଟିର ପିଏଚ୍ ୬.୫ରୁ ଅଧିକ ହେଲେ ଚୂନ ପ୍ରୟୋଗର ଆବଶ୍ୟକତା ନାହିଁ । ଖାରୀ ଏବଂ ବୁନିଆ ମାଟିର ପିଏଚ୍ ୬.୫ ରୁ ୭.୫ ମଧ୍ୟରେ ଥାଏ । ଉକ୍ତ ମାଟିରେ ସିଲିକନ୍ ଫସଲକୁ ଗ୍ରହଣ ଯୋଗ୍ୟ ଅବସ୍ଥାରେ ଥାଏ।

ରାଉରକେଲାସ୍ଥ ଲୁହା କାରଖାନରୁ ନିର୍ଗତ ହେଉଥିବା ବେସିକ୍ ସ୍ଲାଗ୍‌ରେ ୧୭ ରୁ ୨୧ ଭାଗ ସିଲିକା ସହ ୪୩ ରୁ ୪୮ ଭାଗ କାଲ୍‌ସିୟମଅକ୍ସାଇଡ୍ ଥାଏ । ଏହାର ଗୁଣ୍ଡ ହେକ୍ଟରକୁ ୧୦୦୦ କି.ଗ୍ରା. ଅମ୍ଳମାଟିରେ ପ୍ରୟୋଗକଲେ ମାଟିର ଅମ୍ଳତ୍ୱ କମିବା ସହ ଉଭୟ ସିଲିକନ୍ ଏବଂ ଫସ୍ଫରସ୍ ଫସଲକୁ ମିଳିଥାଏ। ବଜାରରେ ସୋଡିୟମ ସିଲିକେଟ୍ ନାମରେ ଏକ ରାସାୟନିକ ପଦାର୍ଥ ମିଳେ। ଏଥିରୁ ହେକ୍ଟର ପିଛା ୪୫୦ କିଲୋଗ୍ରାମ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲକୁ ସିଲିକନ୍ ମିଳିଥାଏ। ତାଳଚେ଼ରସ୍ଥ ବିଦ୍ୟୁତ୍‌ଚାଳିତ କୋଇଲା ଚୁଲାରୁ ନିର୍ଗତ ଫ୍ଲାଏଆଶ୍ ବା ପାଉଁଶରୁ ଶତକଡ଼ା ୪୦ ରୁ ୪୫ ଭାଗ ସିଲିକା ଥାଏ । ଏହାକୁ ଡିପ ଜମିସ୍ଥ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲ ସିଲିକନ୍ ପାଇବା ସହ ମାଟିର ଜଳଧାରଣ ଶକ୍ତି ବଢ଼ିଥାଏ। ଉକ୍ତ ପାଉଁଶରୁ ହେକ୍ଟର ପ୍ରତି ୫ଟନ୍ ପ୍ରୟୋଗ କଲେ ଧାନ ଫସଲ ସିଲିକନ୍ ପାଇବା ସହ ଫସଲ ମରୁଡ଼ିରୁ ରକ୍ଷାପାଏ। ଧାନରୁ ବାହାରୁଥିବା ଚଷୁରେ ପ୍ରାୟ ୨୦ ରୁ ୨୫ ଭାଗ ସିଲିକା ଏବଂ ଧାନ ନଡ଼ାରେ ପ୍ରାୟ ୧୦ ରୁ ୧୨ ଭାଗ ସିଲିକା ଥାଏ । ଏହାକୁ କ୍ଷେତରେ ନ ପୋଡ଼ି ଧାନକ୍ଷେତରେ ପ୍ରୟୋଗକରି ହେକ୍ଟର ପ୍ରତି ୧୦ କିଲୋ ୟୁରିଆ ପ୍ରୟୋଗ କଲେ ଚ଼ଷୁ ଏବଂ ନଡା ଶୀଘ୍ର ପଚି ସିଲିକା କ୍ଷେତରେ ମିଶେ । ସିଲିକା ସହ ଜୈବ ଅଙ୍ଗାର ମଧ୍ୟ ଫସଲକୁ ମିଳିଥାଏ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୪୫୬୨୬୬୦୮୫

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣା ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଡାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

## ଡାଲି ଜାତୀୟ ଫସଲ ବୁଣିବା ପୂର୍ବରୁ..

**ଜ**ମି ପ୍ରସ୍ତୁତକରି ନିଗିଡ଼ା ଡିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ଧାନ ଅମଳ ପୂର୍ବରୁ...



**ଧା**ନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗକରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ ଗୁଣ ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ ।



ଏସିଆ କପ୍ କ୍ରିକେଟ ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ଦୁବାଇରେ ଟ୍ରଫି ସହ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

# ଆଜିଠୁ ଭାରତର ଅଭିଯାନ

**ଦୁବାଇ, ୯।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍-୨୦୨୫ରେ ଭାରତର ଅଭିଯାନ ବୁଧବାର ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଦଳୀୟ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ମୁଖ୍ୟ କାର୍ଯ୍ୟ ହେବ। ତେଣୁ ତୃତୀୟ ସ୍ପିନର କିମ୍ବା ଜଣେ ଅତିରିକ୍ତ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ଖେଳାଯିବ ତା' ଉପରେ ନଜର ରହିବ। ଗୌତମ ଗମ୍ଭୀର ଭାରତୀୟ ଦଳର କୋଚ୍ ଦାୟିତ୍ୱ ନେବାପରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିପାରୁଥିବା ଖେଳାଳିଙ୍କ ଗୁରୁତ୍ୱ ବଢ଼ିଛି। ଅର୍ଥାତ୍ ୮ ନମ୍ବର ପର୍ଯ୍ୟନ୍ତ ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସେ ଦୃଢ଼ ରଖିବାକୁ ଚାହୁଁଛନ୍ତି। ଆସନ୍ତା ୧୪ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ତେଣୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏହାର ଡ୍ରେସ୍ ରିହର୍ସାଲ ଭାବେ ବିବେଚନା କରାଯାଉଛି। ବିଶେଷକରି ୟୁଏଇ ବିପକ୍ଷ ମ୍ୟାଚ୍‌ରୁ ଦଳୀୟ ସନ୍ତୁଳନ ସଜାଡ଼ିବା ଉପରେ ନଜର ରଖାଯିବ।

ୟୁଏଇର ଅନେକ ଖେଳାଳିଙ୍କ ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଗୁରୁତ୍ୱ ରଖିବ। କାରଣ ଆଇସିସିର ସହଯୋଗୀ ଦେଶର ଖେଳାଳିଭାବେ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ସମ୍ମୁଖୀନ ହେବା କିମ୍ବା ଶୁବମନ ଗିଲ୍‌ଙ୍କୁ ବୋଲିଂ କରିବା କେବେହେଲେ ସହଜ ହେବନାହିଁ। ଏଥିରୁ ସେମାନଙ୍କୁ ପର୍ଯ୍ୟାପ୍ତ ଅଭିଜ୍ଞତା ମିଳିବ।

ଭାରତୀୟ ସେଟ୍‌ଅପ୍‌ରେ ସଞ୍ଜୁ ସାମ୍‌ସନ ବନାମ ଜୀତେଶ ଶର୍ମାଙ୍କୁ ନେଇ ଦେଖା ଦେଇଥିବା ଦ୍ୱନ୍ଦ୍ୱ ସମାଧାନ ହୋଇଥିବା ପରି ଲାଗୁଛି। ଜଣେ ସଫଳ ଫିନିଶର ଭାବେ ବିଦର୍ଭର ଜୀତେଶ କେରଳର ସାମ୍‌ସନଙ୍କୁ ପଛରେ ପକାଇ ଦେଇଥିବା ନେଟ୍ସ ଅବସରରେ ପରିଲକ୍ଷିତ ହୋଇଛି। ଟପ୍ ଅର୍ଡରରେ ଶୁବମନ ଗିଲ୍‌ଙ୍କ ଉପସ୍ଥିତି ଫଳରେ ବିସ୍ଫୋରକ ବ୍ୟାଟର ସଞ୍ଜୁଙ୍କୁ ବାହାରେ ବସିବାକୁ ପଡ଼ିବ। ଗିଲ୍ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଆଇସିସି ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ତିଲକ ବର୍ମା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩ ଏବଂ ୪ ନମ୍ବର ସ୍ଥାନ ପାଇଁ ଫିଟ୍। ଏହାପରେ ଆସିବ ଅଲ୍‌ରାଉଣ୍ଡରଙ୍କ ପାଳି। ପେସ୍ ବୋଲର ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ସ୍ଲୋ ଟ୍ରାକ୍‌ରେ ଭଲ ବୋଲିଂ କରିବାର ଦକ୍ଷତା ରଖିଥିବା ଶିବମ୍ ଦୁବେ ୬ ଏବଂ ଜୀତେଶ ୭ ନମ୍ବରରେ ଆସିବା ଏକପ୍ରକାର ନିଶ୍ଚିତ। ଏହି ସ୍ଥାନରେ ପ୍ରଭାବୀ ପ୍ରଦର୍ଶନକରି ଜୀତେଶ ରୟାଲ ଚ୍ୟାଲେଞ୍ଜର୍ସକୁ ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କୋଚ୍ ଗମ୍ଭୀର ବ୍ୟାଟିଂ ଲାଇନ୍‌ଅପ୍‌ରେ ଗଭୀରତା ଚାହୁଁଥିବାରୁ ସ୍ପିନ୍ ବୋଲିଂ ସହ ଭଲ ବ୍ୟାଟିଂ କରିବାର ଦକ୍ଷତା ରଖିଥିବା ଅକ୍ଷର ପଟେଲ ନମ୍ବର ୮ରେ ଆସିବେ। କପିଲ ଦେବଙ୍କ ପରେ ଭାରତର ସବୁଠୁ ଭଲ ଫାଷ୍ଟ ବୋଲର ବିବେଚିତ ହେଉଥିବା ଯଶପ୍ରୀତ୍ ବୁମ୍‌ରା ଏବଂ ଭାରତର ସବୁଠାରୁ ସଫଳ ଟି୨୦ ବୋଲର ଅର୍ଶଦୀପ ସିଂ ପରବର୍ତ୍ତୀ ୨ଟି ସ୍ଥାନ ପାଇଁ ସ୍ୱାଭାବିକ ପସନ୍ଦ ଭାବେ ଉଭା ହେବେ। ଅବଶିଷ୍ଟ ଗୋଟିଏ ସ୍ଥାନ ପୂରଣ ଲାଗି ମ୍ୟାଚ ଦିନ ପିଚ୍ ଦେଖି ନିଷ୍ପତ୍ତି ନିଆଯିବ।

ସେପ୍ଟେମ୍ବରରେ ଏସିଆ କପ୍ ହେଉଛି ଅର୍ଥ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପିଚ୍ ଗ୍ରୀନ୍ ଏବଂ ସତେଜ ରହିବ। ତେଣୁ ଏଥିରୁ ବାଉନ୍ସ ମିଳିବ ଏବଂ ବଲ୍ ଭଲଭାବେ କ୍ୟାରି କରିବ। ଏଭଳି ସ୍ଥିତିରେ ୫୦ ଓଭରବିଶିଷ୍ଟ ଚାମ୍ପିୟନ ଟ୍ରଫିରେ ଭାରତ ୪ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳାଇଥିଲା। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍ ପାଇଁ ଆଉ ଜଣେ ସ୍ପିନର ବରୁଣ କିମ୍ବା କୁଲଦୀପଙ୍କୁ ସାମିଲ କରାଯାଇପାରେ। ଭାରତର ଅଭ୍ୟାସ ସେସନରେ ଅଭିଷେକ ମଧ ବେଶ୍ କିଛି ସମୟ ସ୍ପିନ୍ ବୋଲିଂ କରିଥିବା ଦେଖିବାକୁ ମିଳିଥିଲା।

ୟୁଏଇ ପାଇଁ କୋଚ୍ ଲାଲ୍‌ଚାନ୍ଦ ରାଜପୁତଙ୍କ ଅଧୀନରେ ଟ୍ରେନିଂ ନେଇଥିବା ମହମ୍ମଦ ୱାସିମ୍, ରାହୁଲ ଚୋପ୍ରା ଓ ସିମରନ୍‌ଜିତ ସିଂଙ୍କ ପାଇଁ ଦକ୍ଷତା ଦେଖାଇବାର ସମୟ ଆସିଛି। ଭାରତ ବିପକ୍ଷ ଗେମ୍ କଷ୍ଟସାଧ୍ୟ ହେବ ବୋଲି ରାଜପୁତ ସ୍ୱୀକାର କରିଛନ୍ତି। ତେବେ ୟୁଏଇ ଖେଳାଳିମାନଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଭଲ ସୁଯୋଗ ରହିଛି। ଅନ୍ୟପକ୍ଷେ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବନାହିଁ ବୋଲି ସେ ପୂର୍ବାନୁମାନ କରିଛନ୍ତି।

**ଏସିଆ କପ୍ କ୍ରିକେଟ**
**(ଆଜିର ମ୍ୟାଚ୍)**
**ଭାରତ ବନାମ ୟୁଏଇ**
ଭେନ୍ୟୁ: ଦୁବାଇ,
ସମୟ: ରାତି ୮ଟା
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**



ନ୍ୟୁ ଲୁକ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା।

## ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ବିଜୟୀ

**ଆବୁଧାବି, ୯।୯ (ପି.ଟି.):** ସ୍ଥାନୀୟ ଶେଖ୍ ଜୟେଦ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ସିଦ୍ଦିକୁଲ୍ଲା ଅଟଲ ଓ ଆଜମାତୁଲ୍ଲାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ଆଫଗାନିସ୍ତାନ ୯୪ ରନରେ ହଂକଂକୁ ପରାସ୍ତ କରିଛି। ୧୮୯ରନର ବିଜୟ ଲକ୍ଷ୍ୟକୁ ପିଛା କରି ହଂକଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୯୪ ରନ କରିପାରିଥିଲା। ଦଳ ପକ୍ଷରୁ ବାବର ହାୟାତ ସର୍ବାଧିକ ୩୯ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରିନ ଥିଲେ। ପୂର୍ବରୁ ଆଫଗାନିସ୍ତାନ ଟସ୍ ଜିତି ବ୍ୟାଟିଂ ନେବା ପରେ ଓପନର ସିଦ୍ଦିକୁଲ୍ଲା (୫୨ ବଲ୍‌ରୁ ୭୩*) ଓ ମହମ୍ମଦ ନବି (୩୩) ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୫୧ ରନ ଯୋଗକରି ଦଳର ସ୍ଥିତିକୁ ସୁଦୃଢ଼ କରିଥିଲେ। ପରେ ଓମାରଜାଇ ୨୧ ବଲ୍‌ରେ ୫୩ ରନ କରି ସ୍କୋରକୁ ଆଗେଇ ନେଇଥିଲେ। ଫଳରେ ଦଳ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୧୮୮ ରନ କରିଥିଲା। ହଂକଂ ତରଫରୁ କିଞ୍ଚିତ ଶାହା (୨/୨୪) ଓ ଆୟୁଷ ଶୁକ୍ଳା (୨/୫୪) ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ : ୨୦ ଓଭରରେ ୧୮୮/୬ ( ସିଦ୍ଦିକ ଅଟଲ-୭୩*, ଅଜମାତୁଲ୍ଲା ଓମାରଜାଇ-୫୩; କିଞ୍ଚିତ ଶାହା-୨/୨୪)। ହଂକଂ: ୨୦ ଓଭରରେ ୯୪/୯ (ବାବର ହାୟାତ-୩୯, ୟାସିମ ମୁର୍ତ୍ତାଜା-୧୬, ଗୁଲ୍‌ବଦିନ ନାଇବ-୨/୮, ଫଜଲହକ୍ ଫାରୁକି-୨/୧୬)।


# ପାରା ସ୍ପୋର୍ଟ୍ସରେ ଉଦୟଙ୍କ ଭାଗ୍ୟୋଦୟ

**ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)**

ଜାପାନର ଟୋକିଓରେ ବୁଧବାରଠାରୁ ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ-୨୦୨୫ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଇତିହାସରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ଉଦୟ କୁମାର ରାଉତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ଉଦୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଜାମଧର ଗ୍ରାମର ବାସିନ୍ଦା। ସେ ଗୀତାଞ୍ଜଳି ରାଉତ ଓ ବିଜୟ କୁମାର ରାଉତଙ୍କ ପୁଅ। ବାପାଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବା ସମୟରେ ପରିବାରର ଆର୍ଥିକଭାର କମାଇବା ପାଇଁ ଦିଲ୍ଲୀର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଦିନେ କାମ ସମୟରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇ ଟ୍ରାନ୍ସଭର୍ସ ମାଇଲାଇଟିସ୍ ରୋଗରେ ପୀଡ଼ିତ ହେଲେ। ଫଳରେ ଶାରୀରିକ ଶକ୍ତି ହରାଇ ସେ ଦିବ୍ୟାଙ୍ଗ ଜୀବନ ବାଛିବାକୁ ବାଧହେଲେ। ଏହିଠାରୁ ହିଁ ହୋଇଥିଲା ତାଙ୍କ ଭାଗ୍ୟ ପରିବର୍ତ୍ତନ। କଠିନ ପରିସ୍ଥିତିରେ ଉଦୟ ମନୋବଳ ହରାଇ ନ ଥିଲେ। ପାରା ସ୍ପୋର୍ଟ୍ସକୁ ନୂଆ ଆଶାର ମାର୍ଗ କରିନେଲେ। ଖେଲୋ ଇଣ୍ଡିଆରେ ବ୍ରୋଞ୍ଜ୍ ଏବଂ ଇନ୍ଦୋରରେ ଜାତୀୟ ଖେଳରେ ରୌପ୍ୟ ପଦକ ଭଳି ସଫଳତା ଲାଭ କରି ସେ ନିଜ ଭାଗ୍ୟୋଦୟର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ ଗୁଜରାଟର ଗାନ୍ଧୀ ନଗରରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କମଳାକାନ୍ତ ରଥ କହିଛନ୍ତି, ଉଦୟଙ୍କ ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ସେ ଅନେକ ପ୍ରତିଭାଙ୍କ ଲାଗି ପ୍ରେରଣା ସାଜିଛନ୍ତି।

**ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ**




ଉଦୟ କୁମାର ରାଉତ

# ଫେବୃଆରୀ ୭ରୁ ମାର୍ଚ୍ଚ ୮ ସମ୍ଭାବନା

**ନୂଆଦିଲ୍ଲୀ, ୯।୯ (ପି.ଟି.)**

**୨୦୨୬ ଟି୨୦ ବିଶ୍ୱକପ**

୨୦୨୬ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ହେବା ସମ୍ଭାବନା ରହିଛି। ମ୍ୟାଚ୍‌ଗୁଡ଼ିକ ଭାରତର ୫ ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଫାଇନାଲ ଅହମଦାବାଦ୍ କିମ୍ବା କଲମ୍ବୋରେ ଆୟୋଜନ କରାଯିବ। ପ୍ରତିଯୋଗିତାରେ ପାକିସ୍ତାନ କିପରି ପ୍ରଦର୍ଶନ କରୁଛି ତା' ଉପରେ ଫାଇନାଲ ଭେନ୍ୟୁ ନିର୍ଦ୍ଧାରଣ ହେବ। ପାକିସ୍ତାନ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟରେ ଏ ସମ୍ପର୍କରେ ଚୁକ୍ତି ହୋଇଛି। ପ୍ରତିଯୋଗିତା ପାଇଁ ଆଇସିସି ୱିଣ୍ଡୋ ବାହାର କରି ଅନ୍ୟ ବୋର୍ଡଗୁଡ଼ିକୁ ଅବଗତ କରାଇଛି। ତେବେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବା ବାକି ରହିଛି। ୱେଷ୍ଟଇଣ୍ଡିଜ୍ ଓ ୟୁଏସ୍‌ଏରେ ଅନୁଷ୍ଠିତ ୨୦୨୪ ଟି୨୦ ବିଶ୍ୱକପ୍ ଫର୍ମାଟ୍ ଅନୁସାରେ ଆଗାମୀ ପ୍ରତିଯୋଗିତା ହେବ। ଭାଗନେବାକୁ ଥିବା ୨୦ଟି ଦଳ ୪ଟି ଗ୍ରୁପ୍‌ରେ ବିଭକ୍ତ ହେବେ। ପ୍ରତି ଗ୍ରୁପ୍‌ରେ ୫ ଲେଖାଏ ଦଳ ରହିବେ। ଲିଗ୍ ପର୍ଯ୍ୟାୟ ପରେ ସୁପର ଏଇଟ୍ ଏବଂ ସେମିଫାଇନାଲ ହେବ। ଇଟାଲୀ ପ୍ରଥମଥର ପାଇଁ ବିଶ୍ୱକପ ଲାଗି ଯୋଗ୍ୟତା ଅର୍ଜନ କରିଛି। ଗତଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା ଓ ନେଦରଲାଣ୍ଡ୍ସ ଆଦି ୧୫ଟି ଦଳ ଏଥିରେ ଭାଗନେବା ସ୍ପଷ୍ଟ ହୋଇସାରିଛି। ଅବଶିଷ୍ଟ ୨ଟି ଦଳ ଆଫ୍ରିକା କ୍ୱାଲିଫାୟର୍ସ ଏବଂ ୩ଟି ଦଳ ଏସିଆ ଏବଂ ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟର୍ସରୁ ଆସିବେ।



ଲିଭରପୁଲରେ ଜାପାନର ୟୁମା ନିଶିନାକାଙ୍କ ବିପକ୍ଷ ଲଢ଼େଇ ଅବସରରେ ଭାରତର ନିଖତ ଜରିନ।

# କ୍ୱାର୍ଟରରେ ନିଖତ ଜରିନ୍

**ଲିଭରପୁଲ, ୯।୯**

ଦୁଇଥର ବିଶ୍ୱ ଚାମ୍ପିୟନ ଭାରତର ନିଖତ ଜରିନ୍ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୧ କେଜି ପ୍ରି-କ୍ୱାର୍ଟର ଫାଇନାଲରେ ନିଖତ ଜାପାନର ୟୁମା ନିଶିନାକାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ୨୯ ବର୍ଷୀୟ ନିଖତ୍ ପ୍ରଥମ ରାଉଣ୍ଡରେ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ଅଭିଜ୍ଞତାର ଉପଯୋଗ କରି ସେ ଏହି ଲଢ଼େଇକୁ ସହଜ କରି ଦେଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଇଭେଣ୍ଟ। ନିଖତଙ୍କ ରିଦିମ ଭାଙ୍ଗିବାକୁ ନିଶିନାକା ଚେଷ୍ଟ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆଉ ୩ ମହିଳା ବକ୍ସର ମଧ୍ୟ ପୋଡିୟମ ମଣ୍ଡନଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୱାର୍ଲ୍ଡ ବକ୍ସିଂ ଅଧୀନରେ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ୨୦ ବକ୍ସର ଭାଗ ନେଇଛନ୍ତି।

# ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୯।୯(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ପରିସୀମା ମଧ୍ୟରେ ଥିବା ସ୍ୱୀକୃତିପ୍ରାପ୍ତ ସ୍କୁଲ, କଲେଜ, କ୍ଲବ, ସଙ୍ଗଠନ, ସରକାରୀ, ଅର୍ଦ୍ଧସରକାରୀ ଅଫିସ ଆଦି ଅନୁଷ୍ଠାନଗୁଡ଼ିକ ଭାଗ ନେଇପାରିବେ। କୌଣସି ଅଣସ୍ୱୀକୃତିପ୍ରାପ୍ତ କ୍ଲବ କିମ୍ବା ସଙ୍ଗଠନ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡ଼ା ସ୍ପଷ୍ଟ କରିଛନ୍ତି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ଆସୋସିଏଶନ ସହ ଅନୁବନ୍ଧିତ ନୁହନ୍ତି ତେବେ ସେମାନଙ୍କୁ ଆସୋସିଏଶନର କୌଣସି ଦୁଇଜଣ ଆଜୀବନ କିମ୍ବା ବାର୍ଷିକ ସଦସ୍ୟଙ୍କଠାରୁ ଲିଖିତଭାବେ ସୁପାରିସ୍ ଦାଖଲ କରିବାକୁ ହେବ। ବିଶଦ୍ ବିବରଣୀ ପାଇଁ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ